**ସମ୍ପାଦକୀୟ**



لَآ اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ

# ହଜରତ ମସିହ ମଉଦଅସଙ୍କର ଅର୍ଥ ପୁରସ୍କାର ଭିର୍ତିକ ଆହ୍ୱାନ

**'ହର୍ ମୁଖାଲିଫ୍ କୋ ମୁକାବିଲ୍ ପେ ବୁଲାୟା ହମ୍‌ନେ'**
**'ବିରୋଧି ମୋହର ନ ଆସନ୍ତି କେହି**
**ମୁକାବିଲା ପାଇଁ ଡାକୁଅଛୁ ଭାଇ'**

اِنَّ السُّمُوْمَ لَشَرٌّ مَا فِي الْعَالَمِ ✿ شَرُّ السُّمُوْمِ عَدَاوَةُ الصُّلَحَاءِ

ପବିତ୍ର କୁରଆନ, ହଦିସ ଓ ଅତୀତର ଭାଷ୍ୟକାରମାନଙ୍କ ଭବିଷ୍ୟତ ବାଣୀଗୁଡିକ ଅନୁଯାୟୀ ଅଲ୍ଲାଃତାଲା ପୁଣ୍ୟଶ୍ଳୋକ ହଜରତ ମସିହ ମଉଦଅସଙ୍କୁ ଅଧର୍ମ ଓ ଅଜ୍ଞାନତାର ଘୋର ଅନ୍ଧକାରମୟ ଯୁଗରେ ଚତୁର୍ଦ୍ଦଶ ଶତାବ୍ଦୀ ହିଜ୍ରିର ପ୍ରାରମ୍ଭରେ ଚଳିତ ସମୟର ପ୍ରତିଶ୍ରୁତି ଅବତାର ତଥା ଇମାମ ମେହଦୀ ରୂପେ ଆବିର୍ଭୁତ କଲେ । ତାଙ୍କ ଆଗମନର ଉଦ୍ଦେଶ୍ୟ ମହତ୍ୱପୂର୍ଣ୍ଣ ମିଶନର ପ୍ରତିଷ୍ଠା ସମ୍ବନ୍ଧରେ ପବିତ୍ର କୁରୁଆନ ଏହିପରି ବ୍ୟକ୍ତ କରେ: لِيُظْهِرَهٗ عَلَى الدِّيْنِ كُلِّهٖ (صف:10)

**'ଲି ୟୁଜ୍‌ହିରହୂ ଅଲଦ୍‌ଦୀନେ କୁଲ୍ଲେହୀ'** (ଅସ ସଫ : ୧୦) ଅର୍ଥାତ ପୃଥିବୀର ସମସ୍ତ ଧର୍ମ ଉପରେ ଇସଲାମକୁ ବିଜୟ ମଣ୍ଡିତ କରିବା । ସେହିପରି ହଜରତ ମୁହମ୍ମଦସଅ ମଧ ତାଙ୍କର ମହତ୍ୱପୂର୍ଣ୍ଣ ମିଶନ ସମ୍ବନ୍ଧରେ ଏହି ବାକ୍ୟରେ ଉଲ୍ଲେଖ କରିଛନ୍ତି :

لَوْ كَانَ الْاِيْمَانُ عِنْدَ الثُّرَيَّا لَنَالَهٗ رِجَالٌ مِنْ هٰؤُلَاءِ

**'ଲୌକାନଲ ଇମାନୁ ଇନ୍‌ଦସ୍ ସୁରୟା ଲନାଲହୁ ରିଜାଲୁନ୍ ମିନ୍‌ହାଉ'ଲାଏ'** *(ବୁଖାରି କିତାବୁଲ ତଫସିର୍, ସୁରଃ ଜୁମା)*

ଅର୍ଥାତ 'ଧର୍ମବିଶ୍ୱାସ ଯଦି ଭୁପୃଷ୍ଠରୁ ଉଠିଯାଇ ସପ୍ତର୍ଷି ମଣ୍ଡଳ ପର୍ଯ୍ୟନ୍ତ ଚାଲିଯାଇଥିବ, ତେବେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ତାକୁ ପୁନର୍ବାର ଧରାପୃଷ୍ଠରେ ପ୍ରତିଷ୍ଠା କରିଦେବେ ।'

ସୁତରାଂ ହଜରତ ମସିହ ମଉଦଅସ କହିଛନ୍ତି :

ଏପରି ସମୟରେ ମୋର ଆବିର୍ଭାବ ହୋଇଛି, ଯେତେବେଳେ କି ଇସଲାମୀୟ ସିଦ୍ଧାନ୍ତରେ ନାନା ବିଭ୍ରାଟ ଓ ବିରୁଦ୍ଧାଚରଣ ଭରି ଯାଇଥିଲା ଏବଂ କୌଣସି ନୀତି ମତଭେଦ ଶୂନ୍ୟ ହୋଇ ରହି ନଥିଲା ।.... ମୋ ସକାଶେ ଏହା ଜରୁରୀ ନଥିଲା ଯେ ମୁଁ ନିଜ ଆତ୍ମ ଅନ୍ୟ କୌଣସି ପ୍ରମାଣ ଉପସ୍ଥାପନ କରିବି । ଯେହେତୁ ସ୍ୱୟଂ ପ୍ରମାଣର ହିଁ ଆବଶ୍ୟକତା ରହିଛି ।

(ଜରୁରତୁଲ୍ ଇମାମ୍, ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡ ୧୩, ପୃ ୪୯୫)

ସେ ପୁଣି କହିଛନ୍ତି : ପରମେଶ୍ୱର ଏହି ଯୁଗକୁ ଅନ୍ଧକାରାଚ୍ଛନ୍ନ ଥିବାର ପାଇ ଓ ସଂସାରକୁ ଧର୍ମପ୍ରତି ବିମୁଖଭାବ ଓ ଅନେକଶ୍ୱର ପୂଜା ମଧ୍ୟରେ ବୁଡି ରହିଥିବାର ଦେଖି ଏବଂ ତତ୍‌ସହିତ ଧର୍ମପ୍ରତି ଆସ୍ଥା, ନିଷ୍ଠା, ଈଶ୍ୱରଭୟ ଓ ସଦାଚାରୀତା ଇତ୍ୟାଦି ଲୋପ ପାଇଯାଉ ଥିବାର ଅନୁଭବ କରି ମୋତେ ପଠାଇଛନ୍ତି । ତଦ୍ୱାରା ସେ ପୁଣି ଥରେ ସଂସାରରେ ଜ୍ଞାନ ଗାରିମା, ଧର୍ମପାଳନ ଏବଂ ଚାରିତ୍ରିକ ତଥା ବିଶ୍ୱାସ ଭିତିକ ସତ୍ୟତାକୁ ପ୍ରତିଷ୍ଠା କରିଦେବେ ।

(ତର୍‌ୟାକୁଲ୍ କୁଲୁବ୍, ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡ ୧୫, ପୃ ୫୧୫)

ମହାଭାଗ କହିଛନ୍ତି: ଯଦି ତୁମେ ଈଶ୍ୱରବିଶ୍ୱାସୀ ହୋଇଥାଅ, ତେବେ ତାଙ୍କୁ ଧନ୍ୟବାଦ ଅର୍ପଣ କର ଏବଂ କୃତଜ୍ଞତା ପୂର୍ବକ ଭୂମିଷ୍ଠ ପ୍ରଣିପାତ କର । ଏହା ଏଥିଯୋଗୁଁ ଯେ ଯାହାଙ୍କ ଆଗମନର ପ୍ରତୀକ୍ଷାରେ ତୁମ ପୂର୍ବଜମାନେ ମୃତ୍ୟୁକୁ ପ୍ରାପ୍ତ କରିଗଲେ ଓ ଅଗଣିତ ଆତ୍ମାମାନେ ସେହି ପ୍ରିୟ ପୁରୁଷଙ୍କ ପ୍ରତି ଆସକ୍ତି ରଖି ଜୀବନର ଅନ୍ତିମ ଯାତ୍ରା ଅତିକ୍ରମ କରିଗଲେ, ସେହି ସମୟ ତୁମେମାନେ ପାଇଯାଇଛ । ଏଣିକି ଏହାର ମାନ୍ୟତା ସ୍ୱୀକାର କରିବା ଅବା ନକରିବା ଏବଂ ଏଥିରୁ ଲାଭ ଉଠାଇବା ଅବା ନ ଉଠାଇବା ତୁମ ହାତରେ ଅଛି । ମୁଁ ଏହି କଥାକୁ ବାରମ୍ବାର ବର୍ଣ୍ଣନା କରିବି ତଥା ଏହି ସତ୍ୟକୁ ପ୍ରକାଶ କରିବାରୁ କଦାପି ବିରତ ହେବି ନାହିଁ ଏବଂ ଏହାର ଚର୍ଚ୍ଚା କରିବାରୁ ନିଜକୁ ରୋକିପାରିବି ନାହିଁ । ମୁଁ ହେଉଛି ସେହି, ଯେକି ଯଥା ସମୟରେ ମାନବଜାତିର ସୁଧାର ପାଇଁ ପ୍ରେରିତ ହୋଇଛି । ଯଦ୍ୱାରା ଧର୍ମକୁ ସତେଜ କରି ପ୍ରାଣ ସଂଜୀବନି ରୂପେ ହୃଦୟରେ ପ୍ରତିଷ୍ଠା କରି ଦିଆଯିବ ।

(ଫତାହ ଇସଲାମ, ରୁହାନି ଖଜାୟିନ, ଗ୍ରନ୍ଥ ଖଣ୍ଡ ୩, ପୃ ୮)

ହଜରତ ଅହମଦ ଇସଲାମର ବିଜୟକୁ ସମ୍ପୂର୍ଣ୍ଣ କରିବାର ନିଜ ମହତ୍ୱପୂର୍ଣ୍ଣ ଅଭିଯାନରେ ସଫଳତା ଲାଭ କରିବା ପାଇଁ ଈଶ୍ୱରଙ୍କ ଛାମୁରେ ଏପରି ଆକୁଳ ପ୍ରାର୍ଥନା କରୁଥିଲେ, ଯାହାର ଦୃଷ୍ଟାନ୍ତ ନବୀଶ୍ରେଷ୍ଠ ମୁହମ୍ମଦସଅଙ୍କ ବ୍ୟତୀତ ଅନ୍ୟ କୌଣସି ଅବତାରଙ୍କ ଠାରେ ମିଳିପାରିବ ନାହିଁ । ତତ୍‌ସହିତ ସେ ଅନେକ ଲେଖା ପ୍ରକାଶ କଲେ, ଭାଷଣ ଦେଲେ, ବଳିଷ୍ଠ ଯୁକ୍ତି ଓ ବିତର୍କର ସମ୍ମୁଖୀନ ହେଲେ, ହଜାର ହଜାର ଇସ୍ତହାରମାନ

## ସୂଚୀପତ୍ର


| | | |
|---|---|---|
| ୧ | ସମ୍ପାଦକୀୟ | ୧ |
| ୨ | ଅଲ୍ଲାଃଙ୍କ ବାଣୀ, ନବୀ ସ:ଆ:ସଙ୍କ ବାଣୀ ଏବଂ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ କଥନ | ୨ |
| ୩ | "ଜଲ୍‌ସା ଆଜମ ମଜାହିବ" (ମହାନ ସର୍ବଧର୍ମ ସମ୍ମିଳନୀ) | ୩ |
| ୪ | ଜଙ୍ଗେ ମୋକଦ୍ଦସ୍ (ପବିତ୍ର ଯୁଦ୍ଧ) | ୮ |
| ୫ | ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ସତ୍ୟତା ଶତୃଙ୍କ ବିନାଶ ହେବାର ଆଲୋକରେ | ୧୩ |


ଛପାଇଲେ । ଏପରି କି ଅଶିରୁ ଅଧିକ ପୁସ୍ତକ ରଚନା କଲେ । ସେ ସ୍ୱରଚିତ ପୁସ୍ତକ ଓ ସେହି ସବୁ ଇସ୍ତହାରମାନଙ୍କରେ ଇସଲାମ ଓ ଏହାର ପ୍ରତିଷ୍ଠାତା ହଜରତ ମୁହମ୍ମଦସଅ, ପବିତ୍ର କୁରଆନ ତଥା ନିଜ ଆଗମନର ସତ୍ୟତା ପାଇଁ ପ୍ରମାଣ ସ୍ୱରୂପ କୋଡିଏରୁ ଅଧିକ ଅର୍ଥ ପୁରସ୍କାର ମଧ ଘୋଷଣା କରି ବିରୋଧିମାନଙ୍କୁ ମୁକାବିଲା ପାଇଁ ଆହ୍ୱାନ କଲେ । ଆମେ ଏହି ଲେଖାରେ ସେ ସମ୍ବନ୍ଧରେ ଆଲୋଚନା କରିବୁ ।

୧୮୬୪ ଠାରୁ ୧୮୬୭ ମସିହା ପର୍ଯ୍ୟନ୍ତ ମସିହ ମଉଦଅସ ବଦିଲେ ନଖଓ୍ୱାସ୍ତା ସିଆଲକୋଟ ଠାରେ ଚାକିରି କରିଥିଲେ । ଏହିଠାରୁ ହିଁ ତାଙ୍କର ପ୍ରଚାର କାର୍ଯ୍ୟର ଅୟମାରମ୍ଭ ହୋଇଥିଲା । ସେତେବେଳେ ଖ୍ରୀଷ୍ଟପାଦ୍ରୀଗଣ ମୁସଲିମ ଓଲମାମାନଙ୍କୁ ଶୋଚନୀୟ ଭାବେ ହରାଇବାରେ ଲାଗିଥିଲେ । କିନ୍ତୁ ମସିହ ମଉଦଅସଙ୍କ ସହିତ ମୁକାବିଲା କରିବାକୁ ସେମାନଙ୍କର କୌଣସି ଜୁ' ନଥିଲା । ସିଆଲକୋଟର ଧର୍ମ ଆକାଶରେ ସେ ଛାୟା ବିସ୍ତାର କରି ରହିଥିଲେ । ଜଣେ ନାମିଦାମୀ ପାଦ୍ରୀ ବଟଲର୍ ତାଙ୍କ ପ୍ରତି ଆସକ୍ତ ହୋଇଗଲେ ଓ ଅନେକ ସମୟରେ ତାଙ୍କ କଥା ଶୁଣିବା ପାଇଁ ଧାଇଁ ଆସୁଥିଲେ । କେତେକ ଦୁଷ୍ଟଲୋକ ତାଙ୍କର ପଥ ଅବରୋଧ କଲେ । କିନ୍ତୁ ସେହି ପାଦ୍ରୀ ସେମାନଙ୍କୁ ଉତର ଦେଲେ **'ଇଏ ଜଣେ ଅସାଧାରଣ ବ୍ୟକ୍ତି, ତାଙ୍କର କୌଣସି ପଟାନ୍ତର ନାହିଁ । ତୁମେ ତାଙ୍କୁ ଜାଣିନାହଁ କିନ୍ତୁ ମୁଁ ତାଙ୍କୁ ଭଲଭାବେ ଜାଣିଛି ।'**

(ତାରିଖେ ଅହମଦିୟତ, ପ୍ରଥମ ଭାଗ, ପୃ ୯୩, ୨୦୦୭ ସଂସ୍କରଣ, କାଦିୟାନ)

ସେ ୧୮୭୨ ମସିହାରେ କଲମ ଚାଳନାର ଜିହାଦ ଆରମ୍ଭ କଲେ । ବାଙ୍ଗାଲୋରରୁ ପ୍ରକାଶିତ ଦଶଦିନିଆ ସମ୍ବାଦପତ୍ର 'ମନସୁର ମୁହମ୍ମଦୀ'ରେ ୨୫ ଅଗଷ୍ଟ ୧୮୭୨ରେ ତାଙ୍କର ପ୍ରଥମ ଲେଖା ପ୍ରକାଶିତ ହେଲା । ସେହି ଲେଖାମାନଙ୍କରେ ସମସ୍ତ ଧର୍ମ ମଧ୍ୟରେ ଇସଲାମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାରେ କେବଳ ପରିପୂର୍ଣ୍ଣ ଜୟଘୋଷ ରହିଥିଲା । ସୁତରାଂ ମହାମାନ୍ୟ ଏହିପରି ଲେଖିଥିଲେ ।

"ସମସ୍ତ ପ୍ରକାର ମାନବୀୟ ପ୍ରସଙ୍ଗ ସମ୍ପର୍କରେ ସତ୍ୟତା ହିଁ ସକଳ ଗୁଣାବଳୀର ଆଧାର ହୋଇଥାଏ । ସେଥିପାଇଁ ଏକ ସତ୍ୟ ଧର୍ମର ପରିଚୟ ପାଇବାର ସରଳ ଉପାୟ ଏହି ବିଷୟରୁ ପରଖି ନିଆଯାଏ ଯେ ତାହା କେତେ ଦୂର ସତ୍ୟ ଉପରେ କାୟମନବାକ୍ୟରେ ପାଳନ କରିବା ପାଇଁ ଅନୁପ୍ରାଣିତ କରୁଛି ଏବଂ କେତେ ମାତ୍ରାରେ ପ୍ରଭାବଶାଳୀ ଉପାୟ ଅବଲମ୍ବନ କରୁଛି, ସେ ସମସ୍ତ ଧର୍ମ ଓ ସମ୍ପ୍ରଦାୟକୁ ଆହ୍ୱାନ ଦେଇଥିଲେ ଯେ ସେ ସେପରି ପ୍ରତ୍ୟେକ ଅଣମୁସଲିମକୁ ୫୦୦ଟଙ୍କାର ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛନ୍ତି, ଯେ କି ନିଜ ଧର୍ମପୁସ୍ତକ ମଧ୍ୟରୁ ଇସଲାମ ଅନ୍ତର୍ଗତ ସତ୍ୟ ଉପରେ ଆଧାରିତ ଶିକ୍ଷାବଳୀ ତୁଳନାରେ ଅର୍ଦ୍ଧେକ କିମ୍ବା ଏକ ତୃତୀୟାଂଶ ଶିକ୍ଷା ଉପସ୍ଥାପନ କରିପାରିବେ, ଯେଉଁ ଶିକ୍ଷାର ଆଦର୍ଶକୁ ସେ ବାହାର କରି ଦେଖାଇଛନ୍ତି ।"

(ତାରିଖେ ଅହମଦିୟତ, ପ୍ରଥମ ଭାଗ, ପୃ ୧୧୮, ୨୦୦୭ ସଂସ୍କରଣ, କାଦିୟାନ)

୭ ଡିସେମ୍ବର ୧୮୭୭ରେ 'ଓକିଲ ହିନ୍ଦୁସ୍ତାନ' ତଥା ଅନ୍ୟାନ୍ୟ କେତେକ ସମ୍ବାଦପତ୍ରରେ ଆର୍ଯ୍ୟସମାଜର ଧର୍ମଗୁରୁ ସ୍ୱାମୀ ଦୟାନନ୍ଦ ଆତ୍ମା ସମ୍ପର୍କୀତ ନିଜର ମତବାଦ ଏହିପରି ପ୍ରକାଶ କରିଥିଲେ:

"ଆତ୍ମାଗୁଡିକର ଅବସ୍ଥିତି ଅନନ୍ତହୀନ ଏବଂ ଏତେ ବ୍ୟାପକ ପରିମାଣରେ ଆତ୍ମାମାନ ରହିଛନ୍ତି, ଯାହାର ସଂଖ୍ୟା କେତେ ତାହା ସ୍ୱୟଂ ଈଶ୍ୱରଙ୍କୁ ମଧ ଜଣାନାହିଁ । ସେହି କାରଣରୁ ସେମାନେ ସର୍ବଦା ମୁକ୍ତିପାଇ ଆସୁଛନ୍ତି ଓ ଆଗକୁ ମୁକ୍ତିପାଇ ଚାଲିଥିବେ ଅଥଚ ତାହାର କେବେ ଅନ୍ତ ହେବନାହିଁ ।"

ସୁତରାଂ ସେହି ଉକ୍ତି ସର୍ବଶକ୍ତିମାନ ଈଶ୍ୱରଙ୍କ ପ୍ରତି ଏକ ଶକ୍ତ ଅପମାନ ଥିଲା । ମସିହ ମଉଦଅସ ଏହାକୁ କଦାପି ସହ୍ୟ କରିପାରିଲେ ନାହିଁ । ତେଣୁ ସେ ଧାରାବାହିକ ରୂପେ ନିଜର ଲେଖାମାନଙ୍କ ମାଧ୍ୟମରେ ଏହାର ଦୃଢ ପ୍ରତିବାଦ କରି ସେମାନଙ୍କୁ ଏହାର କଡା ଜବାବ ଦେଲେ । ଏବଂ ଏହି ମିଥ୍ୟା ସିଦ୍ଧାନ୍ତକୁ ଖିନଭିନ୍ କରିଦେଲେ । ସେ ଆହ୍ୱାନ କରି କହିଲେ ।

*ଅବଶିଷ୍ଟାଂଶ ପୃଷ୍ଠା- ୧୮ ରେ ଦେଖନ୍ତୁ......*

**ମତେ ସେହି ଖୁଦାଙ୍କ ସୌଗନ୍ଧ ଯିଏ ମତେ ପଠାଇଛନ୍ତି ଓ ଯାହାଙ୍କ ଉପରେ ମିଥ୍ୟାରୋପ ଲଗାଇବା ହେଉଛି ଅଭିଶପ୍ତ ଲୋକଙ୍କ କାର୍ଯ୍ୟ । ସେ ମତେ ମସିହ ମଉଦ ବନାଇ ପ୍ରେରଣ କରିଛି । ମୁଁ ବୈତୁଲ୍ଲାଃରେ ଛିଡ଼ା ହୋଇ ଏ ରାଣ ଖାଇପାରେ ଯେ ସେହି ପବିତ୍ର ୱହି (ସ୍ୱର୍ଗବାଣୀ) ଯାହା ମୋ ଉପରେ ଅବତୀର୍ଣ୍ଣ ହେଉଅଛି ତାହା ସେହି ଖୁଦାଙ୍କ ବାଣୀ ଅଟେ । ଯିଏ ହଜ୍‌ରତ୍ ମୁସା, ହଜ୍‌ରତ୍ ଇସା ଏବଂ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ୍ୱଲ୍ଲଲ୍ଲାହୁ ଆଲୈହେ ୱ ସଲ୍ଲମଙ୍କ ଉପରେ ନିଜର ବାଣୀ ଅବତୀର୍ଣ୍ଣ କରିଥିଲା ।**

## (ଅଲ୍ଲାଃଙ୍କ ବାଣୀ)

اِهۡدِنَا الصِّرَاطَ الۡمُسۡتَقِيۡمَ ۝ صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ ۙ غَيۡرِ الۡمَغۡضُوۡبِ عَلَيۡهِمۡ وَلَا الضَّآلِّيۡنَ ۝ (الفاتحہ:7،6)

***ଅନୁବାଦ:*** ଆମମାନଙ୍କୁ ସରଳ ମାର୍ଗରେ ପରିଚାଳିତ କରାଅ । ସେମାନଙ୍କ ମାର୍ଗରେ, ଯେଉଁମାନଙ୍କୁ ତୁମ୍ଭେ ପୁରସ୍କୃତ କରିଅଛ ଯେଉଁମାନଙ୍କ ଉପରେ (ପରେ ତୁମ୍ଭର) ପ୍ରକୋପ ଅବତୀର୍ଣ୍ଣ ହୋଇନାହିଁ କି (ପରେ) ସେମାନେ ମାର୍ଗଭ୍ରଷ୍ଟ ହୋଇନାହାନ୍ତି । *(ଅଲ୍‌ଫାତିହା: ୬,୭)*

وَاِذۡ اَخَذَ اللّٰهُ مِيۡثَاقَ النَّبِيّٖنَ لَمَاۤ اٰتَيۡتُكُمۡ مِّنۡ كِتٰبٍ وَّحِكۡمَةٍ ثُمَّ جَآءَكُمۡ رَسُوۡلٌ مُّصَدِّقٌ لِّمَا مَعَكُمۡ لَتُؤۡمِنُنَّ بِهٖ وَلَتَنۡصُرُنَّهٗ ؕ قَالَ ءَاَقۡرَرۡتُمۡ وَاَخَذۡتُمۡ عَلٰى ذٰ لِكُمۡ اِصۡرِىۡ ؕ قَالُوۡۤا اَقۡرَرۡنَا ؕ قَالَ فَاشۡهَدُوۡا وَاَنَا مَعَكُمۡ مِّنَ الشّٰهِدِيۡنَ (آل عمران:82)

***ଅନୁବାଦ:*** ଏବଂ (ସେହି ସମୟକୁ ମଧ୍ୟ ସ୍ମରଣ କର) ଯେତେବେଳେ ଅଲ୍ଲାଃ (ଗ୍ରନ୍ଥଧାରୀମାନଙ୍କଠାରୁ) ନବିମାନଙ୍କ ମାଧ୍ୟମରେ ନେଇଥିବା ଦୃଢ଼ ଅଙ୍ଗୀକାର ନେଇଥିଲେ ଯେ ଯେବେ ଆମ୍ଭେ ତୁମମାନଙ୍କୁ ଯେ କୌଣସି ଗ୍ରନ୍ଥ ଓ ତତ୍ୱଜ୍ଞାନ ପ୍ରଦାନ କରିବୁ ଏବଂ ତା'ପରେ ତୁମମାନଙ୍କ ନିକଟକୁ ଏପରି କୌଣସି ରସୁଲ ଆସିବେ ଯେବେ କି ତୁମମାନଙ୍କ ପାଖରେ ଥିବା ସେହି ବାଣୀର ସତ୍ୟତା ପ୍ରମାଣିତ କରୁଥିବେ ତେବେ ତୁମେମାନେ ତାହାଙ୍କ ଉପରେ ନିଶ୍ଚୟ ବିଶ୍ୱାସ ସ୍ଥାପନ କରିବ ଏବଂ ତାହାଙ୍କୁ ନିଶ୍ଚୟ ସାହାଯ୍ୟ କରିବ; (ଅଲ୍ଲାଃ) କହିଥିଲେ, "କ'ଣ ତୁମେମାନେ ସ୍ୱୀକାର କରୁଅଛ ଓ ଆମ୍ଭେ ଦେଇଥିବା ଦାୟିତ୍ୱକୁ ଗ୍ରହଣ କରୁଅଛ?" ସେମାନେ କହିଥିଲେ, "ଆମେମାନେ ସ୍ୱୀକାର କରୁଅଛୁ ।" ଅଲ୍ଲାଃ କହିଲେ, "ତା ହେଲେ ତୁମେମାନେ ସାକ୍ଷୀ ରୁହ; ଏବଂ ଆମ୍ଭେ ମଧ୍ୟ ତୁମମାନଙ୍କ ସହିତ ସାକ୍ଷୀ ରହିଲୁ । *(ଆଲେ ଇମ୍‌ରାନ୍: ୮୨)*

وَمَنۡ يُّطِعِ اللّٰهَ وَالرَّسُوۡلَ فَاُولٰٓئِكَ مَعَ الَّذِيۡنَ اَنۡعَمَ اللّٰهُ عَلَيۡهِمۡ مِّنَ النَّبِيّٖنَ وَالصِّدِّيۡقِيۡنَ وَالشُّهَدَآءِ وَالصّٰلِحِيۡنَ ۚ وَحَسُنَ اُولٰٓئِكَ رَفِيۡقًا ؕ (النساء:70)

***ଅନୁବାଦ:*** ଏବଂ ଯେ କେହି ଅଲ୍ଲାଃ ଓ ରସୁଲଙ୍କର ଆଜ୍ଞାପାନଳ କରିବ ସେ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବ ଯେଉଁମାନଙ୍କୁ ଅଲ୍ଲାଃ ପୁରସ୍କୃତ କରିଛନ୍ତି ଅର୍ଥାତ ନବି, ସିଦ୍ଦିକ୍, ଶହୀଦ୍ ଓ ସ୍ୱାଲେହଙ୍କ ମଧ୍ୟରେ; ଏବଂ ଏ ଲୋକମାନେ ହିଁ (ଅତି) ଉତମ ମିତ୍ର । *(ନିସା : ୭୦)*

## (ନବି ସ୍ୱଲଲ୍ଲାହୁ ଆଲୈହ ୱ ସଲ୍ଲମ୍‌ଙ୍କ ବାଣୀ)

عَنۡ اَبِيۡ هُرَيۡرَةَ رَضِيَ اللّٰهُ عَنۡهُ عَنِ النَّبِيِّ صَلَّى اللّٰهُ عَلَيۡهِ وَسَلَّمَ قَالَ : لَا تَقُوۡمُ السَّاعَةُ حَتّٰى يَنۡزِلَ عِيۡسَى بۡنُ مَرۡيَمَ حَكَمًا مُقۡسِطًا وَاِمَامًا عَدۡلًا فَيَكۡسِرُ الصَّلِيۡبَ وَيَقۡتُلُ الۡخِنۡزِيۡرَ وَيَضَعُ الۡجِزۡيَةَ وَيَفِيۡضُ الۡمَالَ حَتّٰى لَا يَقۡبَلَهٗ اَحَدٌ.

***ଅନୁବାଦ:*** ହଜ୍‌ରତ୍ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ପର୍ଯ୍ୟନ୍ତ ଇସା ଇବ୍‌ନେ ମରିୟମ (ଅର୍ଥାତ ମରିୟମ ପୁତ୍ର ଇସା) ଯିଏ ହାକିମ୍ ଓ ନ୍ୟାୟବନ୍ତ ଇମାମ୍ ହେବେ, ସେ ପ୍ରକଟ ହୋଇ ନ ଆସିଛନ୍ତି ସେ ପର୍ଯ୍ୟନ୍ତ କୟାମତ (ମହାପ୍ରଳୟ) ଆସିବ ନାହିଁ । (ଯେତେବେଳେ ସେ ପ୍ରକଟ ହେବେ ସେତେବେଳେ) ସେ କ୍ରୁଶକୁ ଭାଙ୍ଗିବେ, ଘୁଷୁରୀ ବଧ କରିବେ, ଜିଜିୟା ପ୍ରଥାକୁ ଶେଷ କରିବେ ଏବଂ ଏପରି ଧନକୁ ବଂଟନ କରିବେ ଯାହାକୁ ଲୋକେ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହେବେ ନାହିଁ ।

*(ସୁନନେ ଇବ୍‌ନେ ମାଯା କିତାବୁଲ୍ ଫିତନ୍........ ୟାଜୁଜ୍ ୱ ମାଜୁଜ୍)*

عَنۡ حُذَيۡفَةَ بۡنِ يَمَانٍ قَالَ: قَالَ رَسُوۡلُ اللّٰهِ صَلَّى اللّٰهُ عَلَيۡهِ وَسَلَّمَ : اِذَا مَضَتۡ اَلۡفٌ وَمِائَتَانِ وَاَرۡبَعُوۡنَ سَنَةً يَبۡعَثُ اللّٰهُ الۡمَهۡدِيَّ-

***ଅନୁବାଦ:*** ହଜ୍‌ରତ୍ ହୁଜୈଫା ବିନ୍ ୟମାନ ର:ଅ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ ୧୨୪୦ ପରେ ଅଲ୍ଲାଃ ତାଲା ମେହେଦୀଙ୍କୁ ପ୍ରେରଣ କରିବେ । *(ନୟମୁସ୍ ସାକିବ, ଖଣ୍ଡ-୨, ପୃ-୨୦୯)*

## ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର କଥନ

ଆମ ନବି ସ:ଆ:ସଙ୍କ ପରେ କୟାମତ ପର୍ଯ୍ୟନ୍ତ ଏପରି ନବି କେହି ନାହାନ୍ତି ଯାହାଙ୍କ ଉପରେ ନୂତନ ଶରିୟତ ଅବତୀର୍ଣ୍ଣ ହୋଇଥିବ ବା ଯାହାଙ୍କୁ ଆଁ ହଜରତ୍‌ଙ୍କ ବିନା ମାଧ୍ୟମରେ ଏବଂ ରସୁଲଙ୍କ ଉପରେ ଉତ୍ସର୍ଗ ହୋଇଥିବା ଅବସ୍ଥା ବିନା ଯଦି ଆକାଶରେ ଯାହାର ନାମ ମୁହମ୍ମଦ ଓ ଅହମଦ ରଖାଯାଇଥିବ ତା' ବିନା ଏମିତି ନବୁୱ୍‌ତ୍‌ର ଉପାଧି ପ୍ରଦାନ କରାଯାଏ **ୱ ମନିଦ୍ ଦଆ ଫକଦ୍ କଫରା** । ଏଥିରେ ଅସଲ ରହସ୍ୟ ହେଉଛି ଏହା କି ଖାତମୁନ୍ ନବିୟିନ୍‌ର ଭାବାର୍ଥ ଏହା ଅପେକ୍ଷା କରୁଛି ଯେ ଯେ ପର୍ଯ୍ୟନ୍ତ କୌଣସି ଅପରିଚିତ ପର୍ଦ୍ଦା ବାକି ରହିଛି ସେ ପର୍ଯ୍ୟନ୍ତ ଯଦି କିଏ ନବି ବୋଲାଇବ ତେବେ ସେ ସେହି ମୋହରକୁ ଭାଙ୍ଗିବାବାଲା ହେବ ଯାହା ଖାତମୁନ୍ ନବିୟିନ୍ ରେ ରହିଛି । କିନ୍ତୁ ଯଦି କୌଣସି ବ୍ୟକ୍ତି ସେହି ଖାତମୁନ୍ ନବିୟିନ୍ ରେ ଏପରି ହଜିଯାଏ ଯେ ଅତ୍ୟନ୍ତ ମୈତ୍ରୀଭାବ ଓ ଅତ୍ୟନ୍ତ ପରିଚିତ ସ୍ୱଭାବ ରଖି ତାହାଙ୍କ ନାମ ଗ୍ରହଣ କରିଥିବ ଏବଂ ସଫା ଆଇନା ସଦୃଶ ମୁହମ୍ମଦି ଚେହେରା ତା'ଠାରେ ପ୍ରତିଫଳିତ ହେଉଥିବ ତେବେ ସେ ବିନା କୌଣସି ମୋହରକୁ ଭାଙ୍ଗି ମଧ୍ୟ ନବି ବୋଲାଇବ । କାରଣ ସେ ହେଉଛି ମୁହମ୍ମଦ ଯଦିଚ ସେ ଛାୟା ସଦୃଶ । ସୁତରାଂ ଏପରି ବ୍ୟକ୍ତିଙ୍କ ନବି ହେବାର ଦାବି କରିବା ସତ୍ୱେ ମଧ୍ୟ ଯାହାର ନାମ ଛାୟା ରୂପେ ମୁହମ୍ମଦ ଏବଂ ଅହମଦ୍ ରଖା ଯାଇଛି, ପୁଣି ମଧ୍ୟ ସୟଦନା ମୁହମ୍ମଦ୍ ସ:ଆ:ସ ଖାତମୁନ୍ ନବିୟିନ୍ (ଅର୍ଥାତ ନବି ଶିରୋମଣୀ) ହିଁ ରହିଲେ । କାରଣ ଏହି ଦ୍ୱିତୀୟ ମୁହମ୍ମଦ ସେହି ମୁହମ୍ମଦ ସ୍ୱଲ୍ଲଲ୍ଲାହୁ ଆଲୈହେ ୱ ସଲ୍ଲମ୍‌ଙ୍କ ଛବି ଓ ତାହାଙ୍କ ନାମ ଧାରୀ ଅଛନ୍ତି । କିନ୍ତୁ ଇସା ବିନା ମୋହର ଭାଙ୍ଗିବା ଆସି ପାରିବେ ନାହିଁ କାରଣ ତାଙ୍କର ନବୁୱ୍‌ତ ହେଉଛି ଗୋଟିଏ ଅଲଗା ନବୁୱ୍‌ତ୍ । ଯଦି ବରୋଜି (ଅର୍ଥାତ ଅନୁରୁପ) ଦୃଷ୍ଟିକୋଣରୁ ମଧ୍ୟ କୌଣସି ବ୍ୟକ୍ତି ନବି ଓ ରସୁଲ ହୋଇ ପାରିବ ନାହିଁ ତେବେ ପୁଣି ଏହାର ଅର୍ଥ କଣ **ଏହ୍‌ଦେନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍** (ସୁରାଃ ଫାତିହା) ତେଣୁ ମନେ ରଖିବା ଉଚିତ ଯେ ଏହି ଅର୍ଥ ଆଧାରରେ ମତେ ନବୁୱ୍‌ତ୍ ଓ ରିସାଲତ୍ ର ଅସ୍ୱୀକାର ନାହିଁ । ଏହି ଦୃଷ୍ଟିକୋଣରୁ ସହ୍‌ହି ମୁସ୍‌ଲିମ୍‌ରେ ମଧ୍ୟ ମଉଦ୍‌ର ନାମ ନବି ରଖାଯାଇଛି । ଯଦି ଖୁଦା ତାଲାଙ୍କଠାରୁ ଅଦୃଶ୍ୟ ଖବର ପାଉଥିବା ବ୍ୟକ୍ତି ନବିର ନାମ ରଖିବ ନାହିଁ ତେବେ ପୁଣି ବତାଇଦିଅ କେଉଁ ନାମରେ ତାକୁ ଡ଼ାକଯିବ । ଯଦି ଏହା କୁହ କି ତା ନାମ ମୁହଦିସ୍ ରଖିବା ଉଚିତ ତେବେ ମୁଁ ଏହା କହିରଖୁଛି ଯେ ତହ୍‌ଦିସ୍‌ର ଅର୍ଥ କୌଣସି ଶବ୍ଦକୋଷ ପୁସ୍ତକରେ ଅଦୃଶ୍ୟ ପ୍ରକାଶ ହେବାର ଅର୍ଥ ନାହିଁ କିନ୍ତୁ ନବୁୱ୍‌ତ୍‌ର ଅର୍ଥ ଅଦୃଶ୍ୟ କଥାକୁ ପ୍ରକାଶ କରିବା । ନବି ଏକ ଶବ୍ଦ, ତାହା ଆରବୀ ଓ ଇବ୍‌ରାନୀ ଭାଷାର ସମ୍ମିଳନ । ଅର୍ଥାତ ଇବ୍‌ରାନିରେ ଏହି ଶବ୍ଦକୁ ନାବି କୁହାଯାଇଥାଏ ଏବଂ ଏହି ଶବ୍ଦ ନାବାର ଧାତୁ ଶବ୍ଦ ଯାହାର ଅର୍ଥ ହେଉଛି ଏହା କି ଖୁଦାତାଲାଙ୍କଠାରୁ ଖବରପାଇ ଭବିଷ୍ୟବାଣୀ କରିବା । ନବି ପାଇଁ ଶରିୟତ ଆଣିବା ସର୍ତ୍ତ ନୁହେଁ । ଏହା କେବଳ ପ୍ରେମପୂର୍ଣ୍ଣ ଭାବରେ ଲୀନ ହୋଇଯିବା ଯାହା ଜରିଆରେ ଦୈବିଜ୍ଞାନ ପରିପ୍ରକାଶ ହୋଇଥାଏ ସୁତରାଂ ମୁଁ ଏପର୍ଯ୍ୟନ୍ତ ଦେଢ଼ ଶହ ପାଖାପାଖି ପେଶ୍‌ଗୋଇ ଖୁଦାଙ୍କ ତରଫରୁ ପାଇ ନିଜ ଆଖିରେ ନିଜେ ଦେଖି ସାରିଛି ଯେ ତାହା ସବୁ ସ୍ପଷ୍ଟ ରୂପେ ପୂରଣ ହୋଇସାରିଛି ତେଣୁ ମୁଁ ନିଜ ସପକ୍ଷରେ ନବି ବା ରସୁଲର ନାମ ପାଇବାକୁ କାହିଁକି ଅସ୍ୱୀକାର କରିପାରିବି ଏବଂ ଯେତେବେଳେ ଖୁଦାତାଲା ସ୍ୱୟଂ ଏ ନାମ ମୋ ପାଇଁ ରଖିଛନ୍ତି ତେବେ ମୁଁ କାହିଁକି ରଦ୍ଦ କରିବି ଏବଂ ତା ବ୍ୟତିତ ଅନ୍ୟକାହାକୁ କାହିଁକି ଡ଼ରିବି । ମତେ ସେହି ଖୁଦାଙ୍କ ସୌଗନ୍ଧ ଯିଏ ମତେ ପଠାଇଛନ୍ତି ଓ ଯାହାଙ୍କ ଉପରେ ମିଥ୍ୟାରୋପ ଲଗାଇବା ହେଉଛି ଅଭିଶପ୍ତ ଲୋକଙ୍କ କାର୍ଯ୍ୟ । ସେ ମତେ ମସିହ ମଉଦ ବନାଇ ପ୍ରେରଣ କରିଛି । ମୁଁ ବୈତୁଲ୍ଲାଃରେ ଛିଡ଼ା ହୋଇ ଏ ରାଣ / ହଲପ ଖାଇପାରେ ଯେ ସେହି ପବିତ୍ର ୱହି (ସ୍ୱର୍ଗବାଣୀ) ଯାହା ମୋ ଉପରେ ଅବତୀର୍ଣ୍ଣ ହେଉଅଛି ତାହା ସେହି ଖୁଦାଙ୍କ ବାଣୀ ଅଟେ । ଯିଏ ହଜ୍‌ରତ୍ ମୁସା, ହଜ୍‌ରତ୍ ଇସା ଏବଂ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ୍ୱଲ୍ଲଲ୍ଲାହୁ ଆଲୈହେ ୱ ସଲ୍ଲମଙ୍କ ଉପରେ ନିଜର ବାଣୀ ଅବତୀର୍ଣ୍ଣ କରିଥିଲା । ମୋ ପାଇଁ ଭୁପୃଷ୍ଠ ବି ସାକ୍ଷ୍ୟ ଦେଲା ଓ ଆକାଶ ବି । ଏହିପରି ମୋ ପାଇଁ ଆକାଶ ମଧ୍ୟ କହିଲା ଓ ପୃଥିବୀ ମଧ୍ୟ ଯେ ମୁଁ ହେଉଛି ଅଲ୍ଲାଃଙ୍କ ଖଲିଫା । କିନ୍ତୁ ପେଶ୍‌ଗୋଇ ମୁତାବକ ଏହା ନିଶ୍ଚିତ ଥିଲା ଯେ ଏହାକୁ ଅସ୍ୱୀକାର ମଧ୍ୟ କରାଯାଇଥାନ୍ତା । ତେଣୁ ଯାହାଙ୍କ ହୃଦୟରେ ପରଦା ପଡ଼ିଛି ସେମାନେ ଗ୍ରହଣ / ସ୍ୱୀକାର କରନ୍ତି ନାହିଁ । ମୁଁ ଜାଣିଛି ଯେ ନିଶ୍ଚିତରୂପେ ଖୁଦା ମତେ ସାହାଯ୍ୟ କରିବ ଯେମିତି କି ସେ ସର୍ବଦା ନିଜ ରସୁଲମାନଙ୍କୁ ସାହାଯ୍ୟ କରିଆସିଛି । କେହି ନାହିଁ ଯିଏ ମୋ ମୁକାବିଲାରେ ଟିକ୍ତି ପାରିବ କାରଣ ଖୁଦାଙ୍କ ସାହାଯ୍ୟ ସହଯୋଗ ସେମାନଙ୍କ ସହିତ ନାହିଁ ।

***(ଏକ୍ ଗଲତି କା ଅଜାଲା, ରୁହାନି ଖଜାଇନ୍, ଖଣ୍ଡ-୧୮, ପୃ-୨୦୮)***

# "ଜଲ୍‌ସା ଆଜମ ମଜାହିବ" (ମହାନ ସର୍ବଧର୍ମ ସମ୍ମିଳନୀ) ଲାହୋର୍ ର ବିଶ୍ୱାସ ବର୍ଦ୍ଧକ ଆଖିଦେଖା ଘଟଣାବଳୀ ।

### ହଜ୍‌ରତ୍ ଭାଇ ଅବ୍‌ଦୁର୍ ରହ୍‌ମାନ୍ ସାହିବ କାଦିୟାନୀ ର:ଅଙ୍କ କଲମ ମୂନରୁ

***ସୟଦନା ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ପ୍ରଖ୍ୟାତ ବକ୍ତୃତା "ଇସ୍‌ଲାମି ଉସୁଲ୍ କି ଫିଲୋସଫି" ସମ୍ବନ୍ଧରେ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ସାହାବି ହଜ୍‌ରତ୍ ଭାଇ ଅବ୍‌ଦୁର୍ ରହ୍‌ମାନ ସାହିବ କାଦିୟାନି ର:ଅ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ସାହାବି ଗୋଟିଏ ନିବନ୍ଧ "ଜଲ୍‌ସା ଆଜମ୍ ମଜାହିବ୍, ଲେକ୍‌ଚର ଇସ୍‌ଲାମି ଉସୁଲ୍ କି ଫିଲୋସଫି" ୨୦ ଜୁଲାଇ ୧୯୪୬ ମସିହାରେ ଲେଖିଥିଲେ । ଏହି ନିବନ୍ଧଟିକୁ ପାଠକେଙ୍କ ଲାଭ ପାଇଁ ସିରତୁଲ୍ ମେହ୍‌ଦି ଭାଗ ୨ ରୁ ଉପସ୍ଥାପନ କରାଯାଉଅଛି । ଏହି ନିବନ୍ଧରେ ସେ ଏହି ଜଲ୍‌ସା ଏବଂ ଲେକ୍‌ଚରର ଅତ୍ୟନ୍ତ ବିଶ୍ୱାସ ବର୍ଦ୍ଧକ ଆଖିଦେଖା ଘଟଣାର ଅବସ୍ଥା ଉଲ୍ଲେଖ କରିଛନ୍ତି । ସମ୍ପାଦକ ।***

(୧) ସୟଦନା ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ତବ୍‌ଲିଗ୍ କରିବାର ଯୋଶ୍ (ଉତ୍ସାହ) ଓ ଅଲ୍ଲାଃଙ୍କ ବାଣୀକୁ ଉଚ୍ଚ ମର୍ଯ୍ୟାଦା ରେ ସ୍ଥାନିତ କରିବାପାଇଁ ଯେଉଁ ପ୍ରଚେଷ୍ଟା ଓ ଅନୁରାଗ ଥିଲା ତାହା ବର୍ଣ୍ଣନା କିରବା ମଣିଷ ଶକ୍ତିର ବହିର୍ଭୁତ । **ଅଲ୍ଲାହୁ ଆଲମୁ ହଇସୁ ୟଯଅଲ୍ ରିସାଲତହୁ ।** ହଜୁର ଆ:ସଙ୍କ ପଦବୀ ଓ କାର୍ଯ୍ୟ ଦ୍ୱାରା ବିଶ୍ୱ ବ୍ରହ୍ମାଣ୍ଡର ଈଶ୍ୱର ହିଁ ଇସ୍‌ଲାମକୁ ଅନ୍ୟ ସମସ୍ତ ଧର୍ମଗୁଡ଼ିକ ଉପରେ ବିଜୟୀ କରି ଦେଖାଇବା ନିର୍ଦ୍ଧାରିତ କରିଛନ୍ତି ଓ ଯେଉଁ ବ୍ୟକ୍ତି ବିଶେଷଙ୍କୁ ଏହି ସେବା କରିବାର ଅବସର ଦେଇଛନ୍ତି ସେମାନଙ୍କ ପାଇଁ **ବଲ୍ଲିଗ୍ ମା ଉନ୍‌ଜିଲା ଇଲୈକା ମିର୍ ରବବିକା ଫଇଲ୍‌ଲମ୍ ତଫ୍‌ଅଲ୍ ଫମା ବଲ୍ଲଗତା ରିସାଲତହୁ** ର ଐଶି ନିର୍ଦ୍ଦେଶ ସର୍ବଦା ସଂସ୍ଥାପିତ ରହିଥାଏ ।

ହଜୁର ଆ:ସ ତବ୍‌ଲିଗ୍ କାର୍ଯ୍ୟ ସମ୍ପାଦନା କରିବାରେ କୌଣସି ଅବହେଳା କରିନାହାନ୍ତି ନା କିଛି ଭୁଲିଛନ୍ତି । ଦିବାନିଶି ଏହି ଚିନ୍ତାରେ ମଗ୍ନ ରହୁଥିଲେ ଏବଂ ହଜୁର କୌଣସି ତବ୍‌ଲିଗ୍‌ର ଅବସରକୁ ହାତଛଡ଼ା କରୁନଥିଲେ ଉଠିବା ବସିବା, ଚଲାବୁଲା କରିବା, ଏକୁଟିଆ ଓ ଭିଡ଼ରେ ଅତଃ ପ୍ରତ୍ୟେକ ଅବସ୍ଥାରେ ଏହି ଚିନ୍ତାରେ ବୁଡ଼ି ରହୁଥିଲେ । ସୁତରାଂ ହଜୁରଙ୍କ ଜୀବନ ର ପ୍ରତ୍ୟେକ ପୃଷ୍ଠା, ଏବଂ ପବିତ୍ର ଜୀବନୀର ପ୍ରତିକ୍ଷଣ ହିଁ ଏହାର ମୂକସାକ୍ଷୀ ଅଟେ । ଗଭୀର ଅଧ୍ୟୟନ ଓ ହଜୁରଙ୍କ ଲେଖନୀର ଗଭୀରତାକୁ ଅଲଗା ରଖି ଯଦି କୌଣସି ବ୍ୟକ୍ତି ହଜୁରଙ୍କ ଏକ ଦୁଇପୃଷ୍ଠା ସମ୍ବଳିତ ଇସ୍ତେହାରକୁ ନ୍ୟାୟଚକ୍ଷୁର ନିୟତରେ ଓ ବିଦ୍ୱେଷଭାବହୀନ ହୋଇ ଦେଖିବେ, ଯାହାକୁ ହଜୁର ୯ ଡ଼ିସେମ୍ବର ୧୮୯୦ ମସିହାରରେ ପ୍ରକାଶ କରିଥିଲେ, ତେବେ ନିଃସନ୍ଦେହ ମୋର ଏହି କଥାକୁ ସମର୍ଥନ କରିବାକୁ ପଡ଼ିବ । ହଜୁରଙ୍କ ଏହି ସଚ୍ଚା ବେଦନା ଓ ସତ୍ୟନିଷ୍ଠା ନିୟତର ଫଳ ଏହା ଥିଲା ଯେ ଅଲ୍ଲାଃ ତାଲା ମଧ୍ୟ ପ୍ରତି କ୍ଷେତ୍ରରେ ତାଙ୍କର ଅସାଧାରଣ ସହାୟତା ତଥା ସାହାଯ୍ୟ କରୁଥିଲେ ଏବଂ ଅଦୃଶ୍ୟରୁ ସବୁ କିଛି ଜିନିଷ ଯୋଗାଇ ଦେଉଥିଲେ । ହଜୁର ଖୁଦାଙ୍କର ଏହି କୃପା ଓ ଅନୁଗ୍ରହକୁ କୃତଜ୍ଞତା ଜ୍ଞାପନ କରି ଏପରି କହିଛନ୍ତି:

ଖୁଦାଙ୍କର କେତେ କରୁଣା ଓ ଦୟା ଯେ ଏପଟେ ମୋ ମନ ଭିତରେ କୌଣସି ଇଚ୍ଛା ଓ ଅଭିଳାଷା ଜନ୍ମ ନେବା କ୍ଷଣି ବା କୌଣସି ଆବଶ୍ୟକତା ଅନୁଭବ ହେବା କ୍ଷଣି ସେପଟେ ଅଲ୍ଲାଃ ତାଲା ଏହାକୁ ପୂରଣ କରିବାର ବ୍ୟବସ୍ଥା କରିଦେଉଛନ୍ତି ।

(୨) ୧୮୯୨ ମସିହାର ମଧ୍ୟ ଭାଗରେ ହଠାତ ଜଣେ ଅଚିହ୍ନା ଗେରୁଆ ବସ୍ତ୍ରଧାରୀ ସାଧୁ ମହାଶୟ ସ୍ୱାମୀ ଶିବଗୁଣ ଚନ୍ଦ୍ର ନାମକ ବ୍ୟକ୍ତି କାଦିୟାନ ଆସିଲେ ଓ ଯଥା ଶିଘ୍ର ଆମ ମଜ୍‌ଲିସ୍‌ର ଜଣେ ସୁପରିଚିତ ବ୍ୟକ୍ତି ରୂପେ ମିଶିଗଲେ । ଦିନେ ଅଧେ ସୟଦନା ହଜ୍‌ରତ୍ ହକିମ୍ ମୌଲାନା ମୌଲବି ନୁରୁଦ୍ଧିନ୍ ର:ଅଙ୍କ ମଜ୍‌ଲିସ୍‌ରେ ବସିଲେଣି ତ ଆଉଦିନେ ସେ ସୟଦନା ହଜ୍‌ରତ ଅକ୍‌ଦସ୍ ମସିହ ମଉଦ ଆ:ସଙ୍କ ଦରବାରେ ସକାଳ ଓ ସନ୍ଧ୍ୟା ଭ୍ରମଣରେ ସାମିଲ ହୋଇ ହଜୁରଙ୍କ ବିଶେଷ ଧ୍ୟାନର ପାତ୍ର ହୋଇଗଲେଣି । କାରଣ ସେହି ବ୍ୟକ୍ତି ଜଣଙ୍କ ନିଜକୁ ଜଣେ ସତ୍ୟାଭିଳାଷି ଓ ସତ୍ୟାନେଷଣୀ ବ୍ୟକ୍ତି ରୂପେ ପ୍ରକାଶ କରି ନିଜର ଆଧ୍ୟାତ୍ମିକ ତୃଷ୍ଣାକୁ ମେଂଟାଇବା ପାଇଁ ଆକାଶୀୟ ପାଣିକୁ ଅନ୍ୱେଷଣ କରି ନିକଟ ଦୂର, ଗାଁ ଗାଁ ବରଂ ବସ୍ତି ବସ୍ତି ଘୁରି ଘୁରି ପରିଶେଷରେ କାଦିୟାନ୍ ର ପବିତ୍ର ବସ୍ତିରେ ନିଜ ଜନ୍ମର ଉଦ୍ଦେଶ୍ୟକୁ ପାଇବାର ଆଶା ନେଇ ଆସିଥିଲା ଏବଂ ଏଠାରୁ କିଛି ନେଇ ଫେରିଯିବାର ନିୟତ କରି ଆସି ପହଂଚିଥିଲା । ତାଙ୍କର ପୂଣ୍ୟ ଇଚ୍ଛାର ଫଳ ଏହା ଥିଲା କି ସେ ସମ୍ପୂର୍ଣ୍ଣରୂପେ ଜଣେ ଅପରିଚିତ ଲୋକ ହେବା ସତ୍ୱେ ମଧ୍ୟ ବହୁତ ଶିଘ୍ର ତାଙ୍କୁ ଆପଣେଇ ନିଆଗଲା । ସେ ନା ତ ଏପରି ସାଧୁ ଥିଲା ଯିଏ ଗେରୁଆ ରଙ୍ଗର ବସ୍ତ୍ର ତଳେ ନିଜର ଆବଶ୍ୟକତାକୁ ଲୁଚାଇ ରଖିଥିଲା । ନା ତ ସେ ଏପରି ଜଣେ ଭିକାରୀ ଥିଲା ଯିଏ କାଦିୟାନ୍‌ରେ ବଂଟା ଯାଉଥିବା ଭଣ୍ଡାର ର ଖବର ପାଇ ଏଠାକୁ ଆସିଥିଲା ବରଂ ବାସ୍ତବରେ ସେ ଜଣେ ସତ୍ୟାନୁରାଗୀ ଓ ସତ୍ୟାଭିଳାଷି ବ୍ୟକ୍ତି ଥିଲା ନଚେତ ଖୁଦାଙ୍କ ଦ୍ୱାରା ଚୟନ ହୋଇଥିବା ଏ ଯୁଗର ମସିହ ଯାହାଙ୍କ ଜ୍ଞାନ ପୂର୍ଣ୍ଣ ମୋତିକୁ ଚିହ୍ନିପାରୁଥିଲା ଓ ଯିଏ ଖୁଦାଙ୍କ ଦ୍ୱାରା ପ୍ରଦତ ଜ୍ୟୋତି ଦ୍ୱାରା ଦେଖୁଥିଲା, ସେ ଏମିତି ତାଙ୍କ ପ୍ରତି ଧ୍ୟାନ ଦେଇନଥାନ୍ତେ ।

(୩) ଶିବଗୁଣ ଚନ୍ଦ୍ର ଜଣେ ଶିକ୍ଷିତ ଓ ବୁଦ୍ଧିମାନ ବ୍ୟକ୍ତି ଥିଲେ । ସେ ସରକାରୀ ଅନୁଷ୍ଠାନରେ ଭଲ ପଦବୀରେ ଅଧିଷ୍ଠିତ ଥିଲେ । କେତେକ ଘଟଣା ଦୁନିଆର ନଶ୍ୱରତାର ଏକ ଅଭୁଲା ଭାବନା ତାଙ୍କ ମନ ଓ ବୁଦ୍ଧିକୁ କବଳିତ କରି ରଖିଥିଲା । ତାଙ୍କ ସ୍ତ୍ରୀ ପିଲା ବରଂ ତାଙ୍କ ନିକଟ ସମ୍ପର୍କୀୟ ଓ ଦୂର ବନ୍ଧୁ, ସମସ୍ତେ ତାଙ୍କଠାରୁ ଦୁରେଇଗଲେ ଫଳତ ସେ ସମ୍ପୂର୍ଣ୍ଣରୂପେ ଏକୁଟିଆ ହୋଇଗଲେ । ମନ ଓ ବୁଦ୍ଧି ଭିତରେ ସୃଷ୍ଟି ହେଉଥିବା ଚିନ୍ତା ତାଙ୍କ ମଧ୍ୟରେ ଆନ୍ଦୋଳିତ କରୁଥିଲା । ନଶ୍ୱର ବସ୍ତୁର ପ୍ରଭାବ ତାଙ୍କ ବିଚାର ଓ ଚିନ୍ତାଧାରର ଦିଗକୁ କୌଣସି ଅବିନାଶ ଓ ସ୍ୱପ୍ରତିଷ୍ଠିତ ଅସ୍ତିତ୍ୱ / ଶକ୍ତିକୁ ଖୋଜିବା ପାଇଁ ପ୍ରେରିତ କଲା । ସେଥିରେ ପ୍ରଭାବିତ ହୋଇ ସେ ଚାକିରି ଛାଡ଼ି, ସଂସାରକୁ ତ୍ୟାଗ କରି ସତ୍ୟର ଅନୁସନ୍ଧାନ କରିବାକୁ ମନସ୍ଥ କଲେ । ଏବଂ ସାଧୁ ହୋଇ ଏଣେତେଣେ ଘୁରିବୁଲିଲେ ଓ ସତ୍ୟକୁ ଖୋଜିବାକୁ ଲାଗିଲେ । ଜଣା ନାହିଁ କେତେ ଏହିପରି ଦିନ ସେ ଘୂରି ବୁଲିଥିବେ ଓ କେଉଁଆଡ଼େ ଯାଇଥିବେ । ସେ ବହୁତ କିଛି ଦେଖିଲେ ଓ ଶୁଣିଲେ । ତା'ପରେ କେହି ଜଣେ ତାଙ୍କୁ ଆମ ମୁନୀବ ତଥା ପ୍ରୀୟ ବନ୍ଧୁ , ପଥପଦର୍ଶକ ତଥା ଏ ଯୁଗର ମାର୍ଗଦର୍ଶକଙ୍କ ଠିକଣା ଦେଲା ଓ କାଦିୟାନ୍‌କୁ ଚିହ୍ନାଇ ଦେଲା । ଏଥିରେ ସେ ସତ୍ୟ-ନିଷ୍ଠା ତଥା ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ନେଇ ଏଠାରେ ପହଂଚିଲେ ଓ ଉଦ୍ଦେଶ୍ୟକୁ ପ୍ରାପ୍ତ କରିବାପାଇଁ ଚେଷ୍ଟାରେ ବ୍ୟସ୍ତ ରହିଲେ । ହଜୁରଙ୍କ ସଙ୍ଗତରେ ରହି ଲାଭବାନ ହେଲେ । ଧିରେ ଧିରେ ସେ ଏତେ ଆସକ୍ତ ହୋଇଗଲେ ଯେ ତାଙ୍କର ସମସ୍ତ ଖୁସି, ଆନନ୍ଦ ଓ ଆତ୍ମସନ୍ତୋଷତାର ହଜୁରଙ୍କ ସଙ୍ଗତରେ ଓ କଥାରେ ଜଡ଼ିତ ହୋଇଗଲା । ସେଥିଯୋଗୁଁ ସେ ଏଠାରେ ହିଁ ରହିଯିବା ପାଇଁ ମନସ୍ଥ କରିନେଲେ କିନ୍ତୁ ଅଲ୍ଲାଃ ତାଲାଙ୍କୁ ତାଙ୍କ ଦ୍ୱାରା ନିଜର ଏକ ନିଦର୍ଶନକୁ ପ୍ରକାଶ କରିବା ମଞ୍ଜୁର ଥିଲା ଏବଂ ଅଲ୍ଲାଃ ନିଜର ଐଶି ଚମତ୍କାରକୁ ଦେଖାଇବା ପାଇଁ ଚାହୁଁଥିଲା । ସେଥିଯୋଗୁଁ ସେହି ବୈଭବପୂର୍ଣ୍ଣ ଅସ୍ତିତ୍ୱ ଏତେ ସବୁ ପରିବର୍ତନ କଲା ଓ ସଂସାରର ସୂକ୍ଷ୍ମାତିସୂକ୍ଷ୍ମ ବସ୍ତୁ ଉପରେ ବିଶେଷ କାର୍ଯ୍ୟ ସମ୍ପାଦନ କରାଇ ଜଣେ ବ୍ୟକ୍ତିଙ୍କୁ କାଦିୟାନ୍ ପହଂଚାଇ ଦେଲା ଯିଏ କେବେ ଲାଲା ନାମରେ ପୁଣି ମିଷ୍ଟର ପୁଣି ବାବା ଓ ପରିଶେଷରେ ସ୍ୱାମୀ ଶିବଗୁଣଚନ୍ଦ୍ର ନାମରେ ପ୍ରଶିଦ୍ଧି ଲାଭ କଲେ ।

(୪) ଅତିଥି ପରାୟଣତା ହେଉଛି ନବୀମାନଙ୍କର ବିଶେଷ ଗୁଣ ଏବଂ ହଜୁରଙ୍କ ନିକଟରେ ଏହି ଗୁଣ ପୂର୍ଣ୍ଣମାତ୍ରାରେ ଭରି ରହିଥିଲା । ତତ୍‌ସହିତ ସଦ୍‌ବ୍ୟବହାର ଏବଂ ଉପକାର କରିବାର ଗୁଣ ହଜୁରଙ୍କ ନିକଟରେ ଏକ ଦୃଷ୍ଟାନ୍ତମୂଳକ ଭାବେ ପରିପୂର୍ଣ୍ଣ ଥିଲା । ହୃଦୟକୁ ଜିତିବାର ମହାନ ଗୁଣ ସହିତ ମାନବଜାତିର ସହାନୁଭୁତି ଓ କଲ୍ୟାଣର ଭାବନା ହଜୁରଙ୍କ ନିକଟରେ ଅତୁଳନୀୟ ଥିଲା । ଏହି ସମସ୍ତ ଉତମଗୁଣ ଓ ଆଚରଣ ବ୍ୟତିତ ସତ୍ୟତା ତଥା ଜ୍ଞାନ ଓ ପ୍ରଜ୍ଞାର ଭଣ୍ଡାର ହଜୁରଙ୍କର ନିକଟରେ ଭରି ରହିଥିଲା । ହଜୁରଙ୍କର ଅଲ୍ଲାଃଙ୍କ ସହିତ ସମ୍ପର୍କ ଓ ଅଲ୍ଲାଃଙ୍କ ସମ୍ମୁଖରେ ଗ୍ରହଣୀୟ ହେବାର ଦୃଷ୍ଟାନ୍ତ ଏପରି ପ୍ରଶିଦ୍ଧ ଥିଲା ଯେ କୌଣସି ପୂଣ୍ୟ ପ୍ରକୃତିର ବ୍ୟକ୍ତି ପ୍ରଭାବିତ ନ ହୋଇ ରହିପାରିବ ନାହିଁ । ବାସ୍ତବରେ ଏହା ହିଁ ଏପରି ଜିନିଷ ଥିଲା ଯାହାକୁ ଅପରିଚିତ ଦୁନିଆଁ ଯାଦୁ ଓ ମାୟାର ନାମ ଦେଇ ହଜୁରଙ୍କଠାରୁ ଦୁନିଆକୁ ଦୁରେଇ ରଖିବାପାଇଁ ଅସଫଳ ଚେଷ୍ଟା କରିଥିଲା । ସ୍ୱାମୀ ଶିବଗୁଣଚନ୍ଦ୍ର ମଧ୍ୟ ଏହି ସମସ୍ତ ଚମତ୍କାରର ଶିକାର ହେଲେ ଓ ଯେଉଁ ଜିନିଷର ତାଙ୍କୁ ଅନ୍ୱେଷଣ ଥିଲା ଓ ଦୁନିଆରେ ତାଙ୍କୁ ସେହି ଜିନିଷ କେଉଁଠାରେ ମିଳିନଥିଲା ପରିଶେଷରେ ଖୁଦାଙ୍କ ବିଶେଷ ଧ୍ୟାନ ଅନ୍ତର୍ଗତ ତାଙ୍କୁ କାଦିୟାନ୍‌ରେ ତାହା ସବୁ କିଛି ମିଳିଗଲା ଯାହାର ତଲାଶ୍ ତାଙ୍କୁ ଥିଲା । ଏବଂ ତାହାସବୁ କିଛି ସେ ଏଠାରେ ଦେଖିଲେ ଯାହା ସେ ଦୁନିଆରେ ନା ତ ଦେଖିଥିଲେ ଓ ନା ଶୁଣିବାକୁ ପାଇଥିଲେ । ସେ ନିଜର ଭାଗ୍ୟ ଉପରେ ବହତୁ ଖୁସି ଥିଲେ ଯେ ସେ ଯେଉଁ କଥା ଖୋଜୁଥିଲେ ଓ ଯାହା ଆଶା କରିଥିଲେ ପରିଶେଷର ଖୁଦା ତାଙ୍କୁ ପ୍ରଦନା କରିଛନ୍ତି । କିନ୍ତୁ ଆମ ଆକା / ମୁନିବ ତାଙ୍କଠାରୁ ମଧ୍ୟ ବହୁତ ଅଧିକା ଖୁଦାଙ୍କର ଏହି କୃପା ଯୋଗୁଁ ଖୁସି ଥିଲେ ଯେ ସେ ହଜୁରଙ୍କ ଏକ ମନୋବାଞ୍ଛାକୁ ପୂରଣ କରିବାପାଇଁ ଶିବଗୁଣ ଚନ୍ଦ୍ର ସାହିବଙ୍କ ଅସ୍ତିତ୍ୱକୁ ସୃଷ୍ଟି କରିଦେଇଥିଲା ।

(୫) ହଜୁରଙ୍କର ଅନେକ ଦିନର ଇଚ୍ଛା ଏହା ଥିଲା ଯେ, ବିଶ୍ୱର ବଡ଼ ବଡ଼ ଧର୍ମର ଏକ ସମ୍ମିଳନୀ ଅନୁଷ୍ଠିତ ହେଉ ଯେଉଁଥିରେ ହଜୁରଙ୍କୁ ପବିତ୍ର କୁର୍‌ଆନ୍‌ର ଶ୍ରେଷ୍ଠତା, ପୂର୍ଣ୍ଣତା ତଥା ଚମତ୍କାର ଓ ଇସ୍‌ଲାମ୍ ର ଉପକାର ସମ୍ବନ୍ଧରେ ବର୍ଣ୍ଣନା କରିବାର ଅବସର ମିଳୁ । ପ୍ରତ୍ୟେକ ଧର୍ମର ପ୍ରତିନିଧିମାନେ ନିଜ ନିଜ ଧର୍ମର ବିଶେଷତାକୁ ବର୍ଣ୍ଣନା କରନ୍ତୁ ଯଦ୍ୱାରା ଏହି ରଣ ଭୁମିରେ ଅଲ୍ଲାଃଙ୍କ ନାମର ଶ୍ରେଷ୍ଠତା ପ୍ରକାଶ ହେଉ । ଇସ୍‌ଲାମ୍‌ର ଉତମତା ଓ ରସୁଲେ ଅକ୍‌ରମ୍

ସ:ଆ:ସଙ୍କ ସତ୍ୟତା ପ୍ରକଟ ହେଉ । ଅତଃ ହଜୁରଙ୍କ ଏହି ଇପ୍‌ସିତ ଇଚ୍ଛାକୁ ପୂରଣ କରିବାପାଇଁ ଅଲ୍ଲାଃ ତାଲା ସ୍ୱାମୀଜୀଙ୍କୁ କାଦିୟାନରେ ପହଂଚାଇଲେ ଯିଏ ହଜୁରଙ୍କ ଏହି ପରାମର୍ଶକୁ ସତ୍ୟବାଦୀ ଓ ମିଥ୍ୟାବାଦୀଙ୍କ ମଧ୍ୟରେ ଫରକ କରିବାର ବାସ୍ତବିକ ମଧମ ଏବଂ ସଚ୍ଚା କସଟିପଥର ରୂପେ ବିଶ୍ୱାସ କରି ଏହାର ଅୟୋଜନ ନିମନ୍ତେ ନିଜର ସେବାକୁ ଉପସ୍ଥାପନ କଲେ ଏବଂ ପୁଣି ସମ୍ପୁର୍ଣ୍ଣ ରୂପେ ଚେଷ୍ଟା କରି ଏହି କାର୍ଯ୍ୟରେ ଲାଗିଗଲେ । ଜଣେ ହିନ୍ଦୁ ଓ ଗେରୁଆ ବସ୍ତ୍ରଧାରୀ ହୋଇଥିବା ଯୋଗୁଁ ମଧ୍ୟ ତଥା ଜ୍ଞାନୀ ଓ ଅନୁଭବୀ ହୋଇଥିବା ଯୋଗୁଁ ତାଙ୍କର ହିନ୍ଦୁମାନଙ୍କ ମଧ୍ୟର ଥିବା ପ୍ରତ୍ୟେକ ବର୍ଗ ଉପରେ ବିଶେଷ ପ୍ରଭାବ ଥିଲା ଏବଂ ତାଙ୍କ ପରାମର୍ଶ ଉପରେ ଲୋକମାନେ ଧ୍ୟାନ ଦେବାକୁ ଲାଗିଲେ । ଏବଂ ଏହି କାର୍ଯ୍ୟ ପାଇଁ ଏକ ପ୍ରକାରର ବ୍ୟଗ୍ରତା ସୃଷ୍ଟି ହେଲା । ମର୍କଜର ମାର୍ଗଦର୍ଶନ ଓ ପରାମର୍ଶ ତାଙ୍କୁ ସାମନା ହେଉଥିବା ସମସ୍ତ ଅସୁବିଧାର ସମାଧାନର ରାସ୍ତା ବତାଇ ଦେଉଥିଲା । ସେହିପରି ଏହା ତାଙ୍କୁ ଆଗକୁ ଆଗକୁ ବଢ଼ି ଚଳିବା ପାଇଁ ପ୍ରତିକ୍ଷେତ୍ରରୁ ସାହାଯ୍ୟ ଓ ସାହାସ ପ୍ରଦାନ କରୁଥିଲା । କେବେ ସେ ସାବଧାନ ହୋଇ କାଦିୟାନ ଆସୁଥିଲେ ତ କେବେ କେବଳ ବିଶେଷ ଲୋକଙ୍କ ଦ୍ୱାରା ତାଙ୍କ ଆବଶ୍ୟକତା ପୂରଣ କରିବାପାଇଁ ପ୍ରବନ୍ଧ କରାଯାଉ୍ଥଲା । ଏହିପରି ଚାଲୁ ଚାଲୁ ସମ୍ମିଳନୀ ଆୟୋଜନ ହେବାର ଝଲକ ଦୃଷ୍ଟିଗୋଚର ହେବାକୁ ଲାଗିଲା । ହଜୁରଙ୍କ ମାର୍ଗ ଦର୍ଶନରେ ଏକ ଢ଼ାଂଚା ପ୍ରସ୍ତୁତ କରାଗଲା । କାମ କରିବା ଲୋକମାନଙ୍କ ଆୟୋଜନ ଏବଂ ଖର୍ଚ୍ଚର ବହୁତ ବଡ଼ ଭାଗରେ ପ୍ରବନ୍ଧ ସୟଦନା ହଜ୍‌ରତ୍ ଆକ୍‌ଦସ (ମସିହ ମଉଦ)ଙ୍କ ତରଫରୁ ହେବାର ଦେଖି ଏହି ଢ଼ାଂଚାରେ ଜୀବନର ଚିହ୍ନ ମଧ୍ୟ ପ୍ରକଟ ହୋଇଗଲା । ଏହିପରି ସ୍ୱାମୀ ଶିବଗୁଣ ଚନ୍ଦ୍ର ସାହେବ ହଜୁରଙ୍କର ଏହି ଧାର୍ମିକ ଅଭିଳାଷାକୁ ପୂରଣ କରିବାପାଇଁ ଜଣେ ଅଦୃଶ୍ୟ ଦେବଦୂତର କାମ କଲେ ।

(୬) ପରିଶେଷରେ ଈଶ୍ୱରଙ୍କ ମହିମାରୁ ବହୁତ କଷ୍ଟଦାୟକ ଘାଟିକୁ ପାର କରି ଏବଂ ନିର୍ଜନ ଜନଶୂନ୍ୟ ଜଙ୍ଗଲକୁ ଅତିକ୍ରମ କରିବାପରେ ଏହି ଜଲ୍‌ସା ଅର୍ଥାତ **"ମହାନ ସର୍ବ ଧର୍ମ ସମ୍ମିଳନୀ"** ର ଆୟୋଜନ ହେବାର ତାରିଖ ମଧ୍ୟ ଘୋଷଣା ହୋଇଗଲା ତାହା ୨୬ ରୁ ୨୮ ଡ଼ିସେମ୍ବର ୧୮୯୬ ମସିହା ନିର୍ଦ୍ଧାରିତ ହେଲା । ଟାଉନ୍ ହଲ୍ ଲାହୋରଠାରେ ଏହା ଆୟୋଜନ ହେବାର ଘୋଷଣା କରାଗଲା । ସମ୍ମାନୀୟ ବ୍ୟକ୍ତିବିଶେଷଙ୍କର ଏକ କମିଟି ନିର୍ଦ୍ଧାରଣ ହେଲା, ସେଥିରେ ଜ୍ଞାନୀଗୁଣି ବ୍ୟକ୍ତିବିଶେଷଗଣ ସାମିଲ ଥିଲେ । ଏ ସୂଚନା ପାଇବା ପରେ ସୟଦନା ହଜ୍‌ରତ୍ ମସିହ ମଉଦ ଆ:ସଙ୍କୁ ଏତେ ଖୁସି ଲାଗିଲା ଯେମିତି କାହାକୁ ସାରା ଦୁନିଆର ରାଜତ୍ୱ ମିଳିଯାଏ ।

ତା'ପରେ ହଜୁର ଏହି ଜଲ୍‌ସା ନିମନ୍ତେ ନିବନ୍ଧ ଲେଖିବାକୁ ମନ ବଳାଇଲେ କିନ୍ତୁ ଅଲ୍ଲାଃଙ୍କ ଇଚ୍ଛା ମୁତାବକ ହଜୁରଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା ତେଣୁ ଏହି ଧାରା କିଛି ଲମ୍ବା ହୋଇଗଲା କିନ୍ତୁ ଯେହେତୁ ଜଲ୍‌ସାର ତାରିଖ ପାଖେଇ ଆସୁଥିଲା ତେଣୁ ଏ ଶଙ୍କା ଥିଲା ଯେ ନିବନ୍ଧଟି ଅସମ୍ପୁର୍ଣ୍ଣ ନ ରହିଯାଉ ତେଣୁ ହଜୁର ବେମାରୀ ଅବସ୍ଥାରେ ଓ କଷ୍ଟ ପରିସ୍ଥିତିରେ ହିଁ ନିବନ୍ଧଟିକୁ ଲେଖିବା ଆରମ୍ଭ କରିଦେଲେ । ଯେହେତୁ ହଜ୍‌ରତ୍ ମୌଲାନା ମୌଲବୀ ଅବ୍‌ଦୁଲ୍ କରୀମ୍ ସାହିବ୍ ମର୍‌ହୁମ୍ ଓ୍ୱ ମଗ୍‌ଫୁର୍ ର:ଅ ସେତେବେଳେ କୌଣସି ଜରୁରୀ କାର୍ଯ୍ୟ ସମ୍ପାଦନ କରିବାପାଇଁ ସିୟାଲକୋଟ୍ ଯାଇ ବେମାର ପଡ଼ି ଯାଇଥିଲେ । ତେଣୁ ତାଙ୍କ ବେମାର ସୂଚନାରୁ ଏ ଆଶଙ୍କା ଥିଲା ଯେ ସେ ଜଲ୍‌ସାରେ ଯୋଗ ଦେଇପାରିବେ ନାହିଁ । ତେଣୁ ବହୁତ ଲମ୍ବା ଚିନ୍ତା, ବିଚାର ଓ ପରାମର୍ଶ କରିବାପରେ ଏ ନିଷ୍ପତି ନିଆଗଲା ଯେ ହଜୂରଙ୍କ ନିବନ୍ଧଟିକୁ **ଖ୍ୱାଜା କମାଲୁଦ୍ଦିନ୍ ସାହେବ୍** ପଢ଼ିବେ । ଅତଃ ଏହି ନିଷ୍ପତି ନିଆଯିବା ପରେ ଏ ପରାମର୍ଶ କରାଗଲା ଯେ:-

(କ) ହଜୁରଙ୍କ ନିବନ୍ଧଟିକୁ ଆଦରଣୀୟ ହଜ୍‌ରତ୍ ମୁନ୍‌ସି ଜଲାଲୁଦ୍ଦିନ୍ ସାହିବ୍ ବଲାନି ନିବାସି ଜିଲ୍ଲା ଗୁଜ୍‌ରାତ୍ ନକଲ କରୁଥିଲେ ଏବଂ ହଜ୍‌ରତ୍ ପୀର-ଜୀ ସିରାଜୁଲ୍ ହକ୍ ସାହିବ ନୁମାନୀଙ୍କୁ ଏ କାର୍ଯ୍ୟ ସମ୍ପାଦନ କରିବାକୁ ଦିଆଯାଇଥିଲା ଯେ ସେ ତାକୁ କିତାବତ୍ ଶୈଳୀରେ (ଅର୍ଥାତ ସୁନ୍ଦର ଓ ସ୍ୱଷ୍ଟ ରୂପେ) ଲେଖାଇବେ ଯଦ୍ୱାରା ଖ୍ୱାଜା ସାହେବଙ୍କୁ ପଢ଼ିବାରେ କୌଣସି ଅସୁବିଧା ନ ହେବ । କିନ୍ତୁ ପୁଣି ହଜୁର ବେମାର ପଡ଼ିଯିବାରୁ ଯେତେବେଳେ ନିବନ୍ଧଟିକୁ ପ୍ରସ୍ତୁତି ହେବାର ଅନ୍ତରାଳ ପଡ଼ିଗଲା ସେତେବେଳେ ଉପରକ୍ତ ଦୁଇଜଣଯାକ ମିଳିମିଶି ତାହାକୁ ସମ୍ପୂର୍ଣ୍ଣ କଲେ ।

(ଖ) ଏହି ନିବନ୍ଧରେ ଯେତେଗୋଟି କୋରାନ୍‌ର ଆୟତ, ହଦିସ୍ ତଥା ଆରବୀ ବାକ୍ୟ ରହିଛି, ସେ ସବୁକୁ ସୁନ୍ଦର ଭାବେ ଲେଖାଇ ଖ୍ୱାଜା ସାହେବଙ୍କୁ ଭଲଭାବେ ଘୋଷାଇ ଦିଆଯାଉ ଯଦ୍ୱାରା ଜଲ୍‌ସାରେ ପଢ଼ିବା ସମୟରେ କୌଣସି ପ୍ରକାର ଭୂଲ ନ ହେଉ ଓ କୌଣସି ପ୍ରକାରର ପ୍ରତିବନ୍ଧକ ସୃଷ୍ଟି ହୋଇ ନିବନ୍ଧଟିକୁ ଅରୁଚିକର ତଥା ପ୍ରଭାବହିନ ନ କରିଦେଉ ।

(୭) ହଜୁରଙ୍କର ଏହି ନିବନ୍ଧଟି ସୁନ୍ଦର ଭାବେ ଲେଖାଯାଇ ପ୍ରାତଃଭ୍ରମଣ ସମୟରେ ଗୋଟି ଗୋଟି କରି ପ୍ରତିଶବ୍ଦକୁ ଶୁଣାଇ ଦିଆଯାଉଥିଲା ଏବଂ ପ୍ରାୟତଃ ହଜୁରଙ୍କର ଏ ଅଭ୍ୟାସ ଥିଲା ଯେ ଯେଉଁ ପୁସ୍ତକକୁ ଲେଖୁଥିଲେ ବା ଇସ୍ତେହାର ତଥା ପ୍ରତ୍ରିକା ଲେଖୁଥିଲେ ସେହି ବିଷୟବସ୍ତୁ ଗୁଡ଼ିକର ବାରମ୍ବାର ଚର୍ଚ୍ଚା ମଜ୍‌ଲିସ୍‌ରେ କରୁଥିଲେ । ଏତେ ମାତ୍ରାରେ ଚର୍ଚ୍ଚା କରାଯାଉଥିଲା ଯେ ସେଠାରେ ଉପସ୍ଥିତ ଥିବା ସେବାକାରୀମାନଙ୍କୁ ତାହା ମନେ ରହିଯାଉଥିଲା । ସେହି ଦିନ ଗୁଡିକରେ ପ୍ରାତଃ ଭ୍ରମଣ ପ୍ରାୟତଃ କାଦିୟାନ୍‌ର ଉତର ଦୀଗରେ ଥିବା ଗ୍ରାମ ବୁଟର୍ ଆଡ଼କୁ କରାଯାଉଥିଲା । ଏହି ନିବନ୍ଧଟିକୁ ଶୁଣିବା ପାଇଁ କାଦିୟାନ୍‌ରେ ଉପସ୍ଥିତ ଲୋକମାନେ ଏବଂ ଅତିଥିମାନେ ଉଣା ଅଧିକେ ସମସ୍ତେ ଖୁସିର ସହିତ ଛୋଟବଡ଼ ସମସ୍ତେ ଉତ୍ସାହିତ ହୋଇ ପ୍ରାତଃ ଭ୍ରମଣରେ ସାମିଲ ହେଉଥିଲେ । ସେମାନଙ୍କର ସଂଖ୍ୟା ପାଖାପାଖି ପନ୍ଦର କୋଡ଼ିଏ ଥିଲା ବେଳେବେଳେ ପଚିଶିରେ ପହଂଚୁଥିଲା । ନିବନ୍ଧଟିର ଅନେକ ଭାଗକୁ ହଜୁର ଚାଲୁ ଚାଲୁ ବ୍ୟାଖ୍ୟା କରୁଥିଲେ । ଏହି ଲେଖା ତଥା ଭାଷଣଟିର ନୂଆ ନୁଆ ବିନ୍ଦୁ, ଆଶ୍ଚର୍ଯ୍ୟ ଚକିତ କରଦେଉଥିବା ତତ୍ୱଜ୍ଞାନ ଏବଂ ବିଶ୍ୱାସବର୍ଦ୍ଧକ ସତ୍ୟାସତ୍ୟ ସବୁ ପ୍ରମାଣ ଉପରେ ଆଧାରିତ ଥିଲା । ସେହି ଦିନଗୁଡ଼ିକରେ ହଜୁର ଦୃବଳ ଓ ବେମାର ଥିବା ସତ୍ୱେ ମଧ୍ୟ ପ୍ରାତଃ ଭ୍ରମଣ କରିବାକୁ ବାହାରୁଥିଲେ । ପରେ ଜଣାପଡ଼ିଲା ଯେ ମୌଲବି ଅବୁ ସଇଦ୍ ମୁହମ୍ମଦ ହୁସୈନ୍ ସାହିବ୍ ବଟାଲ୍ୱିଙ୍କ କେତେକ ଗୁପ୍ତଚାର ମଧ୍ୟ ହଜୁରଙ୍କର ଏହି ନିବନ୍ଧଟିକୁ ଶୁଣି ତାଙ୍କୁ ରିପୋର୍ଟ ଦେଉଥିଲେ । ଅତଃ ହଜୁରଙ୍କ ନିବନ୍ଧର ଅଧିକାଂଶ ଆୟତ ଯାହାସବୁକୁ ହଜୁର୍ ଯଥାସ୍ଥାନରେ ମୋତି ସଦୃଶ ସଜାଇ ଗୁନ୍ଥି ରଖିଥିଲେ ଓ ସେଥିରେ ଯୁକ୍ତିଯୁକ୍ତ ବର୍ଣ୍ଣନା କରିଥିଲେ, ତାହାସବୁ ମୌଲବି ସାହେବ ନିଜର ନିବନ୍ଧରେ ଗୋଟିଏ ଯାଗାରେ ଏକତ୍ରୀତ କରିଦେଇଥିଲେ, ଯେଉଁଠି ନା ତା ତା'ର ସମ୍ବନ୍ଧଥିଲା ନା ସ୍ଥାନ ନା କାଳ ।

(୮) ଯନାବ୍ ଖ୍ୱାଜା କମାଲୁଦ୍ଦିନ୍ ସାହେବ୍ ନିବନ୍ଧଟିକୁ ପାଠକରୁଥିଲେ । ପଢ଼ିବାର ଶୈଳୀକୁ ଅଭ୍ୟାସ କରୁଥିଲେ । ତାଙ୍କର ଏ ଚେଷ୍ଟା ହେଉଥିଲା ଯେ ପଢ଼ିବାର ଶୈଳୀରେ ତଥା ବର୍ଣ୍ଣନା ଶୈଳୀରେ କୌଣସି ନବୀନତା ସୃଷ୍ଟି କରାଯାଉ ଯଦ୍ୱାରା ଶ୍ରୋତାମାନେ ଅଧିକରୁ ଅଧିକ ପ୍ରଭାବିତ ହୋଇପାରିବେ । ପବିତ୍ର କୋରାନ୍‌ର ଆୟତଗୁଡ଼ିକୁ, ହଦିସ୍ ଗୁଡ଼ିକୁ ଏବଂ ଆରବୀ ଶବ୍ଦ ଓ ବାକ୍ୟ ଗୁଡ଼ିକୁ ମନେ ରଖିବା ପାଇଁ ଚେଷ୍ଟା କରୁଥିଲେ । ଈଶ୍ୱର ଯେଉଁଠି ଖ୍ୱାଜା ସାହେବଙ୍କୁ ଉର୍ଦ୍ଧୁ ପଢ଼ିବାର ବିଶେଷ ଶୈଳୀ ପ୍ରଦାନ କରିଥିଲା ସେଠାରେ କୁର୍‌ଆନ୍‌ର ଆୟତଗୁଡ଼ିକୁ ସଠିକ୍ ରୂପେ ପଢ଼ିବାପାଇଁ ଚେଷ୍ଟା କରିବା ସତ୍ୱେ ମଧ୍ୟ ବହୁତ ଦୃବଳତା ଦେଖିବାକୁ ମିଳୁଥିଲା ଯାହାକୁ ଖ୍ୱାଜା ସାହେବ ବହୁତ ପରିଶ୍ରମ ଓ ଆଗ୍ରହ ଦେଖାଇବା ସତ୍ୱେ ମଧ୍ୟ ପୁରଣ କରିବାକୁ ଅସମର୍ଥ ଥିଲେ । ଏହାର ଅତିରିକ୍ତ ସେହି ଦିନଗୁଡ଼ିକରେ ତାଙ୍କର କେତେକ ଅନ୍ତରଙ୍ଗ ବନ୍ଧୁଙ୍କ ମୁହଁରୁ ଏକଥା ମାଲୁମ୍ ହେଲା ଯେ ବାସ୍ତବିକ ଖ୍ୱାଜା ସାହେବଙ୍କୁ ନିବନ୍ଧର ମହାନତା, ପୂର୍ଣ୍ଣତା ଏବଂ ଉତମତା ସମ୍ବନ୍ଧରେ ସନ୍ଦେହ ଥିଲା । ଏହାର ପ୍ରଭାବ ତାଙ୍କ ବର୍ଣ୍ଣନା ଶୈଳୀ ଉପରେ ପଢ଼ିବା ଅନିବାର୍ଯ୍ୟ ଥିଲା । ଆଶ୍ଚର୍ଯ୍ୟର କଥା ନୁହେଁ କି ଏକଥା ସୟଦନା ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ନିକଟରେ ମଧ୍ୟ ପହଂଚି ଥିବ ।

(୯) ଜଲ୍‌ସାର କିଛିଦିନ ପୂର୍ବରୁ ଅଲ୍ଲାଃ ତାଲା ହଜୁରଙ୍କୁ ଐଶିବାଣୀ ଦ୍ୱରା ଏହି ନିବନ୍ଧ ସମ୍ବନ୍ଧରେ ସୁସମାଚାର ଦେଲେ ଯେ "ଏହି ନିବନ୍ଧଟି ସମସ୍ତ (ବିଷୟବସ୍ତୁ) ଉପରେ ବିଜୟ ଲାଭ କରିବ ଏବଂ ଏହାର ମାନ୍ୟତା ଓ ଲୋକପ୍ରୀୟତା ହୃଦୟ ଭିତରେ ଘର କରିଯିବ ଏବଂ ଏକଥା ସତ୍ୟତାର ଏକ ନିଦର୍ଶନ ହେବ ।" ଅତଃ ହଜୁର ୨୧ ଡ଼ିସେମ୍ବର ୧୮୯୬ ମସିହା ଦିନ ଗୋଟିଏ ଇସ୍ତେହାର ଏହି ଶିର୍ଷକରେ **"ସଚ୍ଚାଇ କେ ତାଲିବୋଁ କେ ଲିଏ ଏକ ଅଜିମୁଶ୍‌ଶନ୍ ଖୁଶ୍‌ଖବ୍‌ରି"** ଲେଖି କାତିବଙ୍କୁ ପ୍ରଦାନ କଲେ ଏବଂ ମୋ ପରି ବିନିତ ଦାସକୁ ମନେ ପକାଇ ଏ ସମ୍ମାନ ଦେଇ କହିଲେ କି:

"ମିଆଁ ଅବ୍‌ଦୁର୍ ରହ୍‌ମାନ ଏହି ଇସ୍ତେହାରଟିକୁ ଛପାଇ ନିଜେ ଲାହୋର ନେଇଯାଅ ଏବଂ ଖ୍ୱାଜା ସାହେବଙ୍କୁ ପହଂଚାଇ ଏ ତାଗିଦ୍ କରିଦେବ ଯେ "ଏହାକୁ ଖୁବ୍ ପ୍ରକାଶିତ କର । ଆବଶ୍ୟକ ପଡ଼ିଲେ ସେଠାରେ ଆହୁରି ଛାପି ଦିଅ । (ଖ୍ୱାଜା ସାହେବଙ୍କୁ ଗୋଟିଏ ଦିନ ପୂର୍ବରୁ ଜଲ୍‌ସାର ବ୍ୟବସ୍ଥା ନିମନ୍ତେ ଲାହୋର ପଠାଯାଇଥିଲା) ଆମ ତରଫରୁ ତାଙ୍କୁ ଭଲଭାବେ ତାଗିଦ୍ କରିଦେବ କାରଣ ସେ ଅଧିକାଂଶ ସମୟ ଡ଼ରିଯାଉଛନ୍ତି । ବାରମ୍ବାର ଏବଂ ଜୋର୍ ଦେଇ ଏହି ବାର୍ତା ପହଂଚାଇ ଦେବ ଯେ ଭୟ କରିବାର କିଛି ଆବଶ୍ୟକ ନାହିଁ । ଲୋକମାନଙ୍କର ମୁଖାଲିଫତ (ବିରୋଧ) ର ଭୟ ଏ କାର୍ଯ୍ୟରେ କଦାପି ପ୍ରତିବନ୍ଧକ ନ ହେଉ । ଏହା ମଣିଷର କାର୍ଯ୍ୟ ନୁହେଁ କି କାହାର ରୋକିଦେବା ଦ୍ୱାରା ବନ୍ଦ ହୋଇଯିବ ବରଂ ଏହା ଖୁଦାଙ୍କ କାର୍ଯ୍ୟ ଅଟେ ଯାହା ପରିଶେଷରେ ପୂରଣ ହୋଇ ହିଁ ରହିବ ।"

(୧୦) ଇସ୍ତେହାରଟି ପାଖାପାଖି ଅଧରାତି ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଗଲା ଏବଂ ମୁଁ ସେହି ସମୟରେ ତାହାକୁ ଧରି ପାଦରେ ଚାଲି ଚାଲି ବଟାଲା ବାହାରି ପଡ଼ିଲି । ୨୨ ଡ଼ିସେମ୍ବର ୧୮୯୬ ମସିହା ଦ୍ୱିପ୍ରହର ସମୟରେ ମୁଁ ଲାହୋର ପହଂଚିଗଲି । ଯନାବ୍ ଖ୍ୱାଜା ସାହେବ ସେ ସମୟରେ ଲାହୋରର୍ ପ୍ରଶିଦ୍ଧ ମସ୍‌ଜିଦ୍ ଓ୍ୱଜିର୍ ଖାନ୍‌ର ପଛପଟେ ଗୋଟିଏ ପତଳା ଗଳିରେ ରହୁଥିଲେ । ମୁଁ ଖୋଜି ଖୋଜି ତାଙ୍କୁ ସେଠାରେ ସାକ୍ଷାତ କଲି । ଇସ୍ତେହାରର ବଣ୍ଡଲ୍ ଓ ହଜୁରଙ୍କ ନିର୍ଦ୍ଦେଶ ତାଙ୍କୁ ଖୋଲାଖୋଲି ଭାବେ ଶୁଣାଇ ଦେଲି ବରଂ ବାରମ୍ବାର ଦୋହରାଇ ଦେଲି । ଖ୍ୱାଜା ସାହେବଙ୍କ ସହିତ ସେ ସମୟରେ ଦୁଇଜଣ ବନ୍ଧୁ ସେଠାରେ ଉପସ୍ଥିତ ଥିଲେ, ସେମାନଙ୍କ ନାମ ମତେ ମନେ ରହିଲା ନାହିଁ । ଖ୍ୱାଜା ସାହେବ ଇସ୍ତେହାର ବଣ୍ଡଲଟିକୁ ଖୋଲିଲେ ଏବଂ ଇସ୍ତେହାରର ନିବନ୍ଧଟିକୁ ପଢ଼ିଲେ ଏବଂ ମୁଁ ଦେଖିବାକୁ ପାଇଲି ଯେ ତାଙ୍କ ଚେହେରାରେ ଖୁସି ଓ ପ୍ରସନ୍ନତା ଦେଖାଯିବା ପରିବର୍ତେ ଦୁଃଖ ତଥା ଉଦାସଭାବ ପରିଲିକ୍ଷିତ ହେଉଥିଲା ସେ ମତେ ସମ୍ବୋଧନ କରି କହିବାକୁ ଲାଗିଲେ ।

ମିଆଁ ହଜ୍‌ରତ୍ କଣ ଜାଣିଛନ୍ତି ଯେ ଆମକୁ ଏଠାରେ କେଉଁ ପ୍ରକାର ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ମୁଖାଲିଫତ୍ (ବିରୋଧ) କେଡ଼େ ଭିଷଣ ଭାବେ ହେଉଅଛି । ଏହି ଭଳି ପରିସ୍ଥିତିରେ ଯଦି ଏହି ଇସ୍ତେହାର ପ୍ରକାଶିତ କରାଗଲା ତେବେ ଏହା ବାରୁଦ ଗଦାରେ ନିଆଁ ଲଗାଇବାର କାମ କରିବ ଏବଂ ଆଶ୍ଚର୍ଯ୍ୟ ନୁହେଁ ଯେ ଜଲ୍‌ସାର ଆୟୋଜନ କରିବା ଅସମ୍ଭବ ହୋଇଯିବ । ଏଠାରେ ଉପସ୍ଥିତି ଏବଂ ପରିସ୍ଥିତିର ଜଟିଳତାକୁ ଦେଖି ଆମ ଉପରେ ମଧ୍ୟ କିଛି ଦାୟିତ୍ୱ ରହିଛି । ଠିକ୍ ଅଛି ଖୁଦାଯାହା ଚାହିଁବେ ଇନ୍‌ଶାଅଲ୍ଲାଃତାଲା କରିବା ।

ଶେଷରେ ବହୁତ ଚିନ୍ତା କରି ଓ ପରାମର୍ଶ କରି ଉପର ତଳ ଦେଖିବା ପରେ ତୃତୀୟ ଦିନ ରାତ୍ରିର ଅନ୍ଧକାର ସମୟରେ କେତେକ ଅପ୍ରଶିଦ୍ଧ ସ୍ଥାନରେ କିଛିଟା ଇସ୍ତେହାର (ବିଜ୍ଞାପନ) ଲଗାଇଦେଲେ, ତାହା ସବୁ ଲଗାଇବା ଓ ନ ଲଗାଇବା ସମାନ ଥିଲା କାରଣ ଅପରିଚିତ ସ୍ଥାନ ବ୍ୟତିତ ସେହି ଇସ୍ତେହାରଗୁଡ଼ିକୁ ଏତେ ଉଚ୍ଚା ସ୍ଥାନରେ ଲଗାଯାଇଥିଲା ଯେ ପ୍ରଥମତଃ କେହି ଦେଖିଲେ ହିଁ ନାହିଁ ଓ ଯଦି ଦେଖିଲେ ପଢ଼ିପାରିଲେ ନାହିଁ ।

(୧୧) ମୁଁ ଦେଖିଥିଲି ଓ ଶୁଣିଥିଲି ମଧ୍ୟ ଯେ ସୟଦନା ହଜ୍‌ରତ୍ ଅକ୍‌ଦସ୍‌ଙ୍କ ଅସଲ ନିବନ୍ଧର ଭାଗଟିକୁ ଖ୍ୱାଜା ସାହେବ କାଦିୟାନ୍‌ରୁ ନିଜ ସହିତ ଲାହୋର ନେଇ ଆସିଥିଲେ । ତାହାକୁ ଅଧ୍ୟୟନ କରିବା ଏବଂ ପବିତ୍ର କୁର୍‌ଆନ୍‌ର ଆୟତଗୁଡ଼ିକୁ ଉଚ୍ଚାରଣ କରିବାର ଅଭ୍ୟାସ ମଧ୍ୟ ଜାରିଥିଲା । ଖ୍ୱାଜା ସାହେବ ଲାହୋର ଚାଲି ଆସିବା ପରେ ନିବନ୍ଧର ବାକି ଭାଗ ତକ ପ୍ରସ୍ତୁତ ହେବା କ୍ଷଣି ସେ ସବୁର ନକଲ ପତ୍ର ତାଙ୍କ ନିକଟକୁ ଲାହୋର ପହଂଚାଇ ଦିଆଯାଉଥିଲା । ଏହି ଧାରା ୨୫ ଡ଼ିସେମ୍ବର ୧୮୯୬ ମସିହାର ସନ୍ଧ୍ୟା ପର୍ଯ୍ୟନ୍ତ ଜାରିଥିଲା । ଅଥବା ବୋଧ ହୁଏ ୨୬ ଡ଼ିସେମ୍ବର ରାତି ପର୍ଯ୍ୟନ୍ତ ମଧ୍ୟ ।

(୧୨) ଜଲ୍‌ସା ଖୁଦାଙ୍କ କୃପାରୁ ଅନୁଷ୍ଠିତ ହେଲା । ଉତମ ସ୍ଥାନରେ ସୁବ୍ୟବସ୍ଥିତ ଅନୁଷ୍ଠିତ ହେଲା । ବାସ୍ତବିକ ଭିଷଣ ବିରୋଧ, କଠିନ ପରିସ୍ଥିତି ଏବଂ ଭୟଙ୍କର ଘାଟିସବୁ ପାର କରିବା ପରେ ଅନୁଷ୍ଠିତ ହେଲା । ବଡ଼ ବଡ଼ ପ୍ରତିବନ୍ଧକ ଛିଡ଼ା କରିଦିଆଗଲା । ଭଳି ଭଳିକା ବାହାନା ଏବଂ ସୂକ୍ଷ୍ମାତିସୂକ୍ଷ୍ମ ଗୋଟି ଚାଳନା କରାଗଲା କିନ୍ତୁ ପରିଶେଷରେ ହିନ୍ଦୁ ତଥା ଇହୁଦୀ ଏବଂ ସେମାନଙ୍କ ସହାୟକ ଓ ସାହାଯ୍ୟକାରୀମାନଙ୍କ ଖୈବର କିଲା ଭାଙ୍ଗିଗଲା ଓ ଅନ୍ତିମ ପରିଣାମ ତାହା ହିଁ ହେଲା ଯାହା ଅଲ୍ଲାଃଙ୍କ ଦୈବିବାଣୀ ଅର୍ଥାତ **ଅଲ୍ଲାହୋ ଅକ୍‌ବର୍ ଖରିବତ୍ ଖୈବର୍** ରେ ବର୍ଣ୍ଣନା ହୋଇଥିଲା । ଶତୃମାନେ ଟାଉନ୍ ହଲ୍ ନେବାକୁ ଦେଲେ ନାହିଁ । ତେଣୁ ଅଲ୍ଲାଃ ତାଲା ତା'ଠାରୁ ଉତମ ବ୍ୟବସ୍ଥା କରିଦେଲେ ଏବଂ ଇସ୍‌ଲାମୀୟା ହାଇସ୍କୁଲ୍ ଭିତରେ ଶେରାୱାଲା ଫାଟକର ଖୋଲାସ୍ଥାନ ଏବଂ ଦୁଇ ମହଲା ବିଶିଷ୍ଟ ଇମାରତ୍, ଲମ୍ବା ଚଉଡ଼ା ପ୍ରାଙ୍ଗଣ, ବଡ଼ ବଡ଼ କୋଠରୀ, ହଲ୍‌ରୁମ୍ ଏବଂ ଗ୍ୟାଲେରୀକୁ ମିଶାଇ ଗୋଟିଏ ବିରାଟ ଅଟ୍ଟାଳିକା ଖୁଦାତାଲା ପ୍ରଦାନ କଲେ ଯାହା ଗୋଟିଏ ସମ୍ମିଳନୀ ପାଇଁ ଯଥେଷ୍ଟ ଓ ଉଚିତ ସ୍ଥାନ ଥିଲା । ୨୬ ଡ଼ିସେମ୍ବର ଦିନ ଜଲ୍‌ସାର ପ୍ରଥମ ଦିନ ଥିଲା । ଉପସ୍ଥାନ ସନ୍ତୋଷଜନକ ନଥିଲା । ସୟଦନା ହଜ୍‌ରତ୍ ଅକ୍‌ଦସ୍ ମସିହ ପାକ୍ ଆଲୈହିସ୍ ସଲାମ୍‌ଙ୍କ ନିବନ୍ଧ ନିମନ୍ତେ ୨୭ ଡ଼ିସେମ୍ବର ଦିନ ଦ୍ୱିପ୍ରହର ଦେଢ଼ ଘଂଟିକା ସମୟ ନିର୍ଦ୍ଧାରିତ ଥିଲା । ଖୁଦାଙ୍କ ଶକ୍ତି ଓ ଚମତ୍କାର ଏବଂ ତାହାଙ୍କ ବିଶେଷ କୃପା ଫଳରୁ ହଜ୍‌ରତ୍ ମୌଲାନା ମୌଲବି ଅବ୍‌ଦୁଲ୍ କରିମ୍ ସାହିବ୍ ଅନୁରାଗ ତଥା ପ୍ରେମପୂର୍ଣ୍ଣଭାବରେ ବ୍ୟାକୁଳ ହୋଇ ବିମୁଗ୍ଧତାପୂର୍ଣ୍ଣ ରଙ୍ଗରେ ସମୟ ପୂର୍ବରୁ ଲାହୋରଠାରେ ପହଂଚିଗଲେ । ତାଙ୍କ ଆଗମନ ଆମ ସମସ୍ତଙ୍କ ପାଇଁ ବିଶେଷ ସନ୍ତୋଷଦାୟକ ଓ ଆନନ୍ଦରୂପେ ଖୁଦାତାଲା ପହଂଚାଇ ଦେଲେ ।

(୧୩) ବିପରୀତ ପରିସ୍ଥିତି, ଭିଷଣ ବିରୋଧ ଏବଂ ବିଭିନ୍ନ ପ୍ରକାରର ଅସୁବିଧା ସେହିପରି ସମୟ ସାପେକ୍ଷ ନହେବା କାରଣରୁ ଏ ବିପଦ ଘାରୁଥିଲା ଯେ ଏ ଜଲ୍‌ସା ବୋଧହୁଏ ମନମୁତାବକ ହୋଇନପାରେ । କିନ୍ତୁ ଅଲ୍ଲା ତାଲାଙ୍କର ବୈଭବ ଯେ ଲୋକମାନେ ଏପରି ଭିଡ଼ି ହୋଇ ଚାଲି ଆସୁଥିଲେ ଯେ ଯେମିତି ଫିରସ୍ତାମାନଙ୍କର ସେନା ସେମାନଙ୍କୁ ଧକ୍କା ଦେଇ ଟାଣି ଆଣୁଥିଲା ଓ ତାଙ୍କର ତହ୍‌ରିକ୍‌ର ପ୍ରଭାବ ଏପରି ପଡ଼ିଲା ଯେ ଲୋକମାନଙ୍କର ହୃଦୟ ପରିବର୍ତ୍ତନ ହୋଇଗଲା । ସେମାନଙ୍କ ମନ ଭିତରେ ଥିବା ଶତୃତା, ଘୃଣାଭାବ ପ୍ରେମ ଓ ଭଲପାଇବାରେ ପରିବର୍ତ୍ତନ ହୋଇଗଲା । ବିରୋଧିମାନଙ୍କ ବିରୋଧ ସାର ସଦୃଶ କାମରେ ଆସିଲା । ପ୍ରତିବନ୍ଧକ ଲଗାଇଥିବା ତଥା ଦୁଷ୍ଟାମି କରୁଥିବା ଲୋକମାନଙ୍କର ଭିଡ଼ ଅନ୍ୟ ଜନସାଧାରଣଙ୍କ ଧ୍ୟାନକୁ ଜଲ୍‌ସା ପ୍ରତି ଆକର୍ଷଣ କରାଇଲା । ଫଳତଃ ଲୋକମାନେ ଶିଘ୍ର ଶିଘ୍ର ପାଦ ବଢ଼ାଇ ଜଲ୍‌ସାଗାଃ ଆଡ଼କୁ ବଢ଼ି ଚାଲିଲେ । ଏମିତି ହେଉ ହେଉ ପରିଶେଷରେ ଅବସ୍ଥା ଏପରି ହୋଇଗଲା ଯେ ପ୍ରାଗଣଟି ଓ ତତ୍ ସହିତ ସଂଲଗ୍ନ କୋଠରୀ ଓ ହଲ୍ ଭର୍ତି ହୋଇଗଲା । ଉପରସ୍ଥ ଗ୍ୟାଲେରୀରେ ଶୋରିଷ ପକାଇବାକୁ ସ୍ଥାନ ନଥିଲା ଏବଂ ଲୋକମାନଙ୍କର ଭିଡ଼ ଏତେ ବଢ଼ିଗଲା ଯେ ଜାଗା ବାହାର କରିବାକୁ ଜାକିଜୁକି ହୋଇ ସଂକୋଚିତ ହୋଇ ବସିବାକୁ ପଡ଼ିଲା । ଡ଼ିସେମ୍ବର ମାସର ଛୁଟି ସକାଶେ ସ୍ଥାନେସ୍ଥାନେ ଜଲ୍‌ସା ଓ ସମ୍ମିଳନୀ ଏବଂ ମିଟିଙ୍ଗ ଇତ୍ୟାଦି ଅନୁଷ୍ଠିତ ହେଉଥିଲା । ଲୋକମାନଙ୍କର ବ୍ୟସ୍ତତା, ସାଂସାରିକ କାର୍ଯ୍ୟବ୍ୟସ୍ତତା ଏବଂ ଭୌତିକ ଲାଭକୁ ପ୍ରାପ୍ତ କରିବାର ଚେଷ୍ଟାର ଉପସ୍ଥିତିରେ ଗୋଟିଏ ସମ୍ପୁର୍ଣ୍ଣରୂପେ ଧାର୍ମିକ ଜଲ୍‌ସା ତଥା ସମ୍ମିଳନୀରେ ଏତେ ସଂଖ୍ୟକ ଲୋକମାନଙ୍କ ଭିଡ଼କୁ ଦେଖି, ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ଏଥିରେ ପ୍ରଭାବିତ ହୋଇ ଏହି ଉପସ୍ଥାପନକୁ ଦେଖି, ଏହାର ସଫଳତାକୁ ଅସାଧାରଣ, ବିଶେଷ ଓ ଖୁଦାଙ୍କ କାର୍ଯ୍ୟ ବୋଲି କହିବାକୁ ବାଧ୍ୟ ହେଉଥିଲା । ନା ତ ଜଣେ ହିନ୍ଦୁଙ୍କୁ ଏଥିରେ ଅସହମତ ହେବାକୁ ମିଳିଲା, ନା ସିଖ୍ ନା ଆର୍ଯ୍ୟସମାଜକୁ । ମୁସଲମାନମାନଙ୍କରୁ ଏ ସମ୍ବନ୍ଧରେ ମତଭେଦ ନଥିଲା ନା ଇସାଇ ନା ଇହୁଦି ନା ଦେବସମାଜକୁ ବରଂ ପ୍ରତ୍ୟେକ ଫିର୍କା (ଗୋଷ୍ଠି) ତଥା ବର୍ଗର ଲୋକମାନେ ଆଜି ନିଜ ନିଜର ଆସ୍ଥା ଓ ବିଶ୍ୱାସଠାରୁ ଉର୍ଦ୍ଧରେ ରହି ଏକ ଅନୁପମ ଆକର୍ଷଣ ଦ୍ୱରା ପ୍ରଭାବିତ ହୋଇ ଓ ସେମାନଙ୍କର ହୃଦୟ ବାସ୍ତବିକ ରୂପେ ପ୍ରଭାବିତ ହୋଇ ନମ୍ର ହୋଇଯାଉଥିଲା । ଦେଖିବା ଓ ଶୁଣିବାରେ ଫରକ ଅଛି । ତେଣୁ ଏହି ଆୟୋଜନର ଛବିକୁ ଶବ୍ଦରେ ଆଙ୍କିବା ସମ୍ଭବ ନୁହେଁ । ସଂକ୍ଷେପରେ ଏତିକି ଯେ ସେହି ସମ୍ମିଳନୀ ନିଜ ପରିବେଶ ଯୋଗୁଁ ଅବଶ୍ୟ ମହାନ୍ ଓ ଅନୁପମ ଥିଲା ଏବଂ ନିସଙ୍କୋଚ ଅସାଧାରଣ ଥିଲା ।

(୧୪) ନିବନ୍ଧ ଆରମ୍ଭ ହେବା କ୍ଷଣି ଲୋକମାନେ ଆନନ୍ଦରେ ଝୁମିବାକୁ ଲାଗିଲେ ଏବଂ ସେମାନଙ୍କ ମୁହଁରୁ ଆପେ ଆପେ ସୁବ୍‌ହାନଲ୍ଲାଃ ଓ ସୁବ୍‌ହାନଲ୍ଲାଃ (ଅର୍ଥାତ ଅଲ୍ଲାଃ ପବିତ୍ର ଅଟନ୍ତି) ର ବାକ୍ୟ ଜାରି ହୋଇଗଲା । ଶୁଣିଥିଲି ଯେ ଜ୍ଞାନର ଆକର୍ଷଣ ଏବଂ ମିସ୍‌ମେରାଜିମ୍ ଦ୍ୱାରା କିଛି ମାତ୍ରାରେ ଏହା ସମ୍ଭବ ହୋଇଥାଏ କିନ୍ତୁ ହଜାର ହଜାର ସଂଖ୍ୟକ ଏପରି ଲୋକାରଣ୍ୟ ଉପରେ, ଏପରି ପ୍ରଭାବ ପକାଇବ ଅବଶ୍ୟ ଏହା ସାଧାରଣ ପରିସ୍ଥିତିଠାରୁ ଭିନ୍ନ ଓ ଚମତ୍କାର ପୂର୍ଣ୍ଣ ପ୍ରଭାବର ଫଳ ଥିଲା, ଯେଉଁଥିରେ ଭିନ୍ନ ଭିନ୍ନ ସମ୍ପ୍ରଦାୟ, ବିଶ୍ୱାସ ଓ ଆସ୍ଥା ରଖିଥିବା ଲୋକ ମହଜୁଦ୍ ଥିଲେ । ଏ କଥା ଠିକ୍ ଯେ ହଜ୍‌ରତ୍ ମୌଲାନା ମୌଲବି ଅବ୍‌ଦୁଲ୍ କରିମ୍ ସାହେବଙ୍କୁ ପବିତ୍ର କୁର୍‌ଆନ୍ ସହିତ ଅତ୍ୟନ୍ତ ପ୍ରେମ ଥିଲା ଏବଂ ଅଲ୍ଲାଃ ତାଲା ତାଙ୍କ ଆବାଜ୍‌ରେ ଦାଉଦି ଲହନ୍ (ଅର୍ଥାତ ଏକ ପ୍ରକାରର ପଢ଼ିବାର ସୁନ୍ଦର ଶୈଳୀ)ର ଝଲକ ସୃଷ୍ଟି କରିଥିଲା । ସେହିପରି ସେ ଉକ୍ତ ଆୟତଗୁଡ଼ିକର ତଥା ବିଷୟବସ୍ତୁର କ୍ରମ ଓ ସତ୍ୟତାରେ ପ୍ରଭାବିତ ହୋଇ ଯେଉଁ ପ୍ରକାରର କରୁଣାଭାବ, ବେଦନା ଏବଂ ଉତ୍ସାହିତ ହୋଇ ତିଲାୱତ କଲେ । ତାଙ୍କର ଏପରି ପଢ଼ିବା ଶୈଳୀକୁ ଦେଖି ଓ ଏପରି ମନୋଭାବକୁ ଦେଖି ଓ ମଜା ନେଇ ଆନନ୍ଦର ସହିତ ପଢ଼ିବା ଦେଖି ଶ୍ରୋତାମାନେ ବିନା ପ୍ରଭାବିତ ହୋଇ ରହିପାରୁନଥିଲେ । କିନ୍ତୁ ଏଠାରେ ଯେଉଁ ଅବସ୍ଥା ସୃଷ୍ଟି ହେଲା ତାହା ଅନୁପମ ଥିଲା । ଏପରି ହେଲା କି ଆରମ୍ଭରୁ ନେଇ ଶେଷ ପର୍ଯ୍ୟନ୍ତ ପବିତ୍ର କୁର୍‌ଆନ୍‌ର ଆୟତ ଗୁଡ଼ିକ କଣ, ସେସବୁର ବ୍ୟାଖ୍ୟା ବର୍ଣ୍ଣନା କଣ ପୁରା ନିବନ୍ଧଟି ଏପରି ଉଚ୍ଚ କୋଟିର ଭାଷାଜ୍ଞାନ, ସାହିତ୍ୟିକ ଓ ପ୍ରଭାବଶାଳୀ ଓ ମନମୁଗ୍ଧକାରୀ ଥିଲା ଯେ ନା ତ ମୌଲାନା ମହାଶୟଙ୍କ ବକ୍ତବ୍ୟ ଶୈଳୀରେ କିଛି ଫରକ ପଡ଼ିଲା ଓ ନା ତାଙ୍କର ଉତ୍ସାହ ଓ ଉଦ୍ଦିପନାରେ କିଛି ଫରକ ପଡ଼ିଲା । ତତ୍ୱଜ୍ଞାନର ନିରନ୍ତରତା ସହିତ ବାକ୍ୟର ସରସତା ଏବଂ ନିବନ୍ଧର ବିଶେଷତା ହିଁ ଶ୍ରୋତାମାନଙ୍କୁ କିଛି ଏପିର ସମ୍ମୋହନ କରିଦେଲା ଯେପରି ସେମାନଙ୍କୁ କିଏ ଯାଦୁ କରିଦେଇଛି । ମୁଁ ମୋ ନିଜ କାନରେ ଶୁଣିଛି ଯେ ହିନ୍ଦୁ ଓ ଶିଖ୍ ବରଂ କଟ୍ଟର ଆର୍ଯ୍ୟସମାଜ ଏପରିକି ଇସାଇ ମଧ୍ୟ ଆପଣା ଛାଏଁ ସୁବ୍‌ହାନଲ୍ଲା ସୁବ୍‌ହାନଲ୍ଲାଃ କହି ଉଠୁଥିଲେ ।

ହଜାର ହଜାର ଲୋକମାନଙ୍କର ଭିଡ଼ ଏପରି ବିନା ହଲ୍‌ଚଲ୍‌ରେ ଚୁପ୍‌ଚାପ ବସି ରହିଥିଲା ଯେମିତି କୌଣସି ନିର୍ଜିବ ପିତୁଳା । ସେମାନଙ୍କ ମୁଣ୍ଡ ଉପରେ ଯଦି ପକ୍ଷୀମାନେ ଆସି ବସିପଡ଼ିଥାନ୍ତେ ତେବେ କୌଣସି ଆଶ୍ଚର୍ଯ୍ୟର କଥା ନଥିଲା । ନିବନ୍ଧଟିର ଆଧ୍ୟାତ୍ମିକ ଅବସ୍ଥା ହୃଦୟ ଉପରେ ଏପରି ପ୍ରଭାବ ପକାଇଥିଲା ଯେ ପଢ଼ାଯାଇଥିବା ଗୁଞ୍ଜରଣ ବ୍ୟତିତ ନିଶ୍ୱାସ ପ୍ରଶ୍ୱାସର ଶବ୍ଦ ମଧ୍ୟ ଶୁଣାଯାଉନଥିଲା ଏପରି କି ଖୁଦାତାଲାଙ୍କ ଐଶି ଶକ୍ତିଦ୍ୱାରା ସେତେବେଳେ ପଶୁମାନେ ମଧ୍ୟ ନୀରବ ଥିଲେ ଏବଂ ନିବନ୍ଧଟିର ଚୁମ୍ବକୀୟ ପ୍ରଭାବ ଉପରେ କୌଣସି ବାହ୍ୟିକ କୋଳାହଳ ବାଧା ଦେଉନଥିଲା । ଅତିକମ୍‌ରେ ନିରନ୍ତର ଦୁଇଘଂଟା ଏହିପରି ଅବସ୍ଥା ରହିଲା ।

ବହୁତ ଦୁଃଖର ସହତ କହିବାକୁ ପଡୁଛି ଯେ ମୁଁ ସେହି ଅବସ୍ଥାକୁ ବର୍ଣ୍ଣନା କରିବାପାଇଁ ଯୋଗ୍ୟ ନୁହେଁ । କାଳେ ମୁଁ ସେ ଯୋଗ୍ୟ ହୋଇଥାନ୍ତି କି ଯାହା କିଛି ମୁଁ ସେଠାରେ ଦେଖିଲି ଓ ଶୁଣିଲି ତାହାର ଏକ କଣଭାଗକୁ ବର୍ଣ୍ଣନା କରିପାରିଥାନ୍ତି ଯଦ୍ୱାରା ଏହି ଜ୍ଞାନର ଚମତ୍କାର ତଥା ନିଦର୍ଶନର ମହାନତା ଦୁନିଆଁ ଉପରେ ସ୍ପଷ୍ଟ ହୋଇ ମାନବ ଜାତିର କାନ ସତ୍ୟକୁ ଶୁଣିବାପାଇଁ ଏବଂ ସେମାନଙ୍କ ହୃଦୟ ତାହାକୁ ସ୍ୱୀକାର କରିବାପାଇଁ ତତ୍ପର ହୋଇଯାଇଥାନ୍ତା ଫଳତଃ ସାରା ଜଗତର ପାପ ଓ ଦୋଷ ଦୃବଳତା ଦୂର ହୋଇ ହଜାର ହଜାର ଲୋକେ ସତ୍ୟକୁ ସ୍ୱୀକାର କରିବାକୁ ସୌଭାଗ୍ୟ ପାଇଯାଇଥାନ୍ତେ ।

(୧୫) ସାଢ଼େ ତିନିଟା ବାଜିଗଲା । ସମୟ ଶେଷ ହୋଇଗଲା, ସେଥିଯୋଗୁଁ କିଛି କ୍ଷଣ ପାଇଁ ଏହି ସ୍ୱାଦ ଓ ଆନନ୍ଦର ଧାରାରେ ପ୍ରତିବନ୍ଧକ ସୃଷ୍ଟି ହେଲା । ଆସନ୍ତା ଅଧଘଂଟା ସମୟ ମୌଲବୀ ମୁବାରକ୍ ଅଲୀ ସାହିବ୍ ସିୟାଲ୍‌କୋଟିଙ୍କ ନିବନ୍ଧ ପାଇଁ ଧାର୍ଯ୍ୟ ଥିଲା । ସେ ଶୀଘ୍ର ଶୀଘ୍ର ଛିଡ଼ା ହୋଇ ପବ୍‌ଲିକ୍‌ଙ୍କ ଏହି ଡ଼ିମାଣ୍ଡ ଅର୍ଥାତ "ଏହି ନିବନ୍ଧଟିକୁ ଜାରି ରଖାଯାଉ, ଅନ୍ୟ କାହାର ନିବନ୍ଧ ପରିବର୍ତେ ଏହି ନିବନ୍ଧକୁ ପୂରଣ କରାଯାଉ ।" ତେଣୁ ସେ ନିଜର ସମୟ ଦେଇ ପୂରଣ କରିଦେଲେ ବରଂ ସେ ଏ ଘୋଷଣା ମଧ୍ୟ କରିଦେଲେ ଯେ ମୁଁ ନିଜର ସମୟକୁ ଓ ନିଜର ଇଚ୍ଛାକୁ ଏହି ମୂଲ୍ୟବାନ ନିବନ୍ଧ ପାଇଁ ଉତ୍ସର୍ଗ କରୁଅଛି । ଅତଃ ପୁଣି ସେହି ପ୍ରୀୟ, ପସନ୍ଦଯୋଗ୍ୟ ଏବଂ ହୃଦୟସ୍ପର୍ଶୀ ମନ୍ତ୍ରମୁଗ୍ଧକାରୀ କଥନ ଆରମ୍ଭ ହେଲା । ପୁଣି ସେହି ପରିବେଶ ସୃଷ୍ଟି ହୋଇଗଲା । ଚାରିଟା ବାଜିଗଲା କିନ୍ତୁ ନିବନ୍ଧଟି ଏବେ ଆହୁରି ବାକିଥିଲା

ଏବଂ ଲୋକମାନଙ୍କର ତୃଷ୍ଣା ମେଂଟିବା ପରିବର୍ତ୍ତେ ବଢ଼ି ଚାଲିଥିଲା । ଶ୍ରୋତାଙ୍କର ଡ଼ିମାଣ୍ଡ ଏବଂ ସ୍ୱୟଂ ପ୍ରବନ୍ଧକଙ୍କର ଆଗ୍ରହ ଯୋଗୁଁ ନିବନ୍ଧଟି ପଢ଼ା ଚାଲିଲା ଏପରି କି ସାଢ଼େ ପାଂଚଟା ବାଜିଗଲା, ରାତ୍ରିର ଅନ୍ଧାର ନିଜର କଳା ଚାଦରକୁ ପ୍ରସାର କରିବା ଆରମ୍ଭ କଲା । ବାଧ୍ୟ ହୋଇ ଏହି ଅତ୍ୟନ୍ତ ମଧୂର ଏବଂ ଜ୍ଞାନବର୍ଦ୍ଧକ ଓ ଆନନ୍ଦ ପ୍ରଦାୟକ ମଜ୍‌ଲିସ୍ (ସଭା) ସମାପନ ହେଲା । ନିବନ୍ଧର ବଳକା ଅଂଶ ୨୯ ଡ଼ିସେମ୍ବର ପାଇଁ ମୁଲତବି କରାଗଲା ।

ଏପରି କୌଣସି ହୃଦୟ ନଥିଲା ଯିଏ ଏହି ଆନନ୍ଦକୁ ଅନୁଭବ ନ କରୁଥିବ । କୌଣସି ଭାଷା ଏପରି ନଥିଲା ଯାହା ତା'ର ଶ୍ରେଷ୍ଠତା ଓ ଉତମତାକୁ ସ୍ୱୀକାର କରୁନଥିବ ଓ ତାର ପ୍ରଂସସାଗାନ କରୁନଥିବ । ପ୍ରତ୍ୟେକ ନିଜର କର୍ମ ଓ ବାକ୍ୟ ଦ୍ୱାରା ଏକଥା ସ୍ୱୀକାର କରୁଥିଲେ ଯେ ବାସ୍ତବରେ ନିବନ୍ଧଟି ସମସ୍ତଙ୍କ ଉପରେ ବିଜୟୀ ହୋଇଛି ଏବଂ ନିଜର ଶ୍ରେଷ୍ଠତା, ସୁନ୍ଦରତା ଓ ଉତମତା ଯୋଗୁଁ ଏହି ଜଲ୍‌ସାର ସୌନ୍ଦର୍ଯ୍ୟ ଓ ସଫଳତାର ପ୍ରତିଭୂ ଅଟେ । ନା କେବଳ ଏତିକି ବରଂ ଆମେ ନିଜ କାନରେ ଶୁଣିଛୁ ଓ ଆଖିରେ ଦେଖିଛୁ ଯେ ଅନେକ ହିନ୍ଦୁ ଓ ଶିଖ୍ ମହାଶୟ ମୁସଲମାନମାନଙ୍କ ସହିତ କାନ୍ଧମିଳାଇ ଏହା କହୁଥିଲେ ଯେ:

"ଯଦି ଏହା ହେଉଛି କୁର୍‌ଆନ୍‌ର ଶିକ୍ଷା ଏବଂ ଏହା ହେଉଛି ଇସ୍‌ଲାମ୍ ଯାହା ଆଜି ମିର୍ଜା ସାହେବ ବର୍ଣ୍ଣନା କରିଛନ୍ତି, ତେବେ ଆମେମାନେ ଆଜି ନୁହେଁ ତ କାଲି ଏହାକୁ ସ୍ୱୀକାର କରିବା ପାଇଁ ବାଧ୍ୟ ହେବୁ । ଯଦି ଏହିପରି ମିର୍ଜା ସାହେବଙ୍କର ଆଉ ଗୋଟିଏ ଦୁଇଟି ନିବନ୍ଧ ଶୁଣାଇବେ ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଇସ୍‌ଲାମ୍ ମଧ୍ୟ ଆମର ଧର୍ମ ହୋଇଯିବ ।"

(୧୬) ଆଜିର ଏହି ୨୭ ଡ଼ିସେମ୍ବର ଜଲ୍‌ସା ଶେଷ ହୋଇଗଲା । ଲୋକମାନେ ଘରକୁ ବାହୁଡୁଥିଲେ । ଜଲ୍‌ସାଗାଃର ଫାଟକ ନିକଟରେ ମୁଁ ଦେଖିଲି ଯେ ତା'ର ଦୁଇପ୍ୱାର୍ଶରେ ଦୁଇ ଜଣ ଲୋକ ଛିଡ଼ା ହୋଇ ସୟଦନା ହଜ୍‌ରତ୍ ମସିହ୍ ମଉଦ ଆ:ସଙ୍କ ସେହି ଇସ୍ତେହାରକୁ ବାଂଟୁଥିଲେ ଯାହାକୁ ହଜୁର ମୋ ହାତରେ ଖାସ୍ ତାଗିଦ୍ ଆଦେଶ ଦେଇ ପଠାଇଥିଲେ । ଯଦ୍ୱାରା ପ୍ରଶିଦ୍ଧ ସ୍ଥାନ ମାନଙ୍କରେ ସେ ସବୁକୁ ଲଗାଯାଇ ପାରିବ ଏବଂ ଜଲ୍‌ସା ପୂର୍ବରୁ ବହୁଳ ଭାବେ ପ୍ରକାଶିତ କରାଯାଇପାରିବ ବରଂ ଏହା ମଧ୍ୟ ତାଗିଦ୍ କରିଥିଲେ ଯେ ଏହା ବହୁତ କମ ସଂଖ୍ୟାରେ ଅଛି ତେଣୁ ଲାହୋର୍‌ରେ ଆବଶ୍ୟକ ଅନୁସାରେ ଆଉ କିଛି ଛପାଇ ଦିଆଯାଉ ଯଦ୍ୱାରା ଉଚିତ ସମୟରେ ପ୍ରକାଶିତ ହେବାଦ୍ୱାରା ଖୁଦାଙ୍କ ନିଦର୍ଶନର ମହାନତାର ପରିପ୍ରକାଶ ହୋଇପାରିବ । ଫଳତଃ ତାହା ସାହାଯ୍ୟରେ ପୂଣ୍ୟ ଆତ୍ମାସବୁ ସତ୍ୟ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ ହେବେ । କିନ୍ତୁ ଏପରି ହେଲା କି ଖ୍ୱାଜା କମାଲୁଦ୍ଦିନ୍ ସାହେବଙ୍କ ଭୟ ଯୋଗୁଁ ପ୍ରଥମେ ଦୁନିଆର ଲୋକମାନେ ଖୁଦାଙ୍କ ନିଦର୍ଶନର ମହିମାକୁ ଦେଖିନେଲେ ଏବଂ ତାହାର ବିଜୟୀ ହେବା ସ୍ୱୀକାର କଲେ । ତା'ପରେ ତାଙ୍କୁ ସେହି ଇସ୍ତେହାର ପହଂଚାଇ ଦିଆଗଲା । ଯାହା ଆନେକ ଦିନ ପୂର୍ବରୁ ଛପାଯାଇ ଭଲଭାବେ ପ୍ରକାଶିତ କରିବାକୁ ପଠାଯାଇଥିଲା । ଅତଃ ଯେବେ ସୟଦନା ହଜ୍‌ରତ ଅକ୍‌ଦସ୍ ମସିହ୍ ପାକ୍ ଆ:ସଙ୍କୁ ଖ୍ୱାଜା ସାହେବଙ୍କର ଏହି ଦୃବଳତା ତଥା ଅବହେଳା ବିଷୟରେ ଜଣାପଡ଼ିଲା ଏଥିରେ ହଜୁର ବହୁତ ନାରାଜ୍ ହେଲେ ଏବଂ ଅନେକ ଦିନ ପର୍ଯ୍ୟନ୍ତ, ଯେବେ ମଧ୍ୟ ଐଶ୍ୱରିକ ନିଦର୍ଶନରର ଚର୍ଚ୍ଚା ହେଲା ବା ବାହାରୁ ଏହାର ସଫଳତାର ରିପୋର୍ଟ ମିଳୁଥିଲା, ସେତେବଳେ ଖ୍ୱାଜା ସାହେବଙ୍କର ଏହି ଦୃବଳତା ପାଇଁ ଖେଦ୍ ପ୍ରକାଶ କରିବାର କଥା ଶୁଣିବାକୁ ମିଳୁଥିଲା ।

ନିବନ୍ଧର ଲୋକପ୍ରୀୟତା ଏବଂ ପବ୍ଲିକଙ୍କ ଡ଼ିମାଣ୍ଡ ଦ୍ୱାରା ପ୍ରଭାବିତ ହୋଇ ମ୍ୟାନେଜିଂ କମିଟିର ଇଯ୍‌ଲାସ୍ ଖାସ୍ (ଅର୍ଥାତ ବିଶେଷ ମିଟିଙ୍ଗ) ଆୟୋଜନ ହେଲା ଓ ଏଥିରେ ଏ ପ୍ରସ୍ତାବ ପାରିତ ହେଲା ଯେ ହଜ୍‌ରତ ମିର୍ଜା ସାହେବଙ୍କ ନିବନ୍ଧକୁ ସମ୍ପୁର୍ଣ୍ଣ କରିବାପାଇଁ ମଜ୍‌ଲିସ୍ ନିଜ ପ୍ରୋଗ୍ରାମକୁ ଆଉ ଏକ ଦିନ ବଢ଼ାଇ ୨୯ ଡ଼ିସେମ୍ବରକୁ ଚତୁର୍ଥ ଦିନ ରୂପେ ସାମିଲ କରୁଅଛି ।

ହଜୁରଙ୍କ ନିବନ୍ଧର ଅସାଧାରଣ ଲୋକପ୍ରୀୟତା ଦେଖି ବିରୋଧିମାନେ ସହ୍ୟ କରିପାରିଲେ ନାହିଁ । ତେଣୁ ମୌଲବୀ ମୁହମ୍ମଦ୍ ଅବ୍‌ଦୁଲ୍ଲାଃ ସାହିବ ଏହି ସମୟ ଅଧିକା ମିଳିବା ଓ ଏହାର ବିଶେଷତା ଓ ମହତ୍ୱକୁ କମ୍ କରିବାପାଇଁ ଚେଷ୍ଟା କରି ନିଜ ପାଇଁ ସମୟ ବଢ଼ାଇବା ନିମନ୍ତେ ଇଛା ପ୍ରକାଶ କଲେ । ତେଣୁ ତାଙ୍କ ପାଇଁ ମଧ୍ୟ ଅଧଘଂଟା ସମୟ ବଢ଼ାଇ ଦିଆଗଲା । କିନ୍ତୁ ସେ ଦ୍ୱିତୀୟ ଦିନ ନିଜେ ହିଁ ସଭାକୁ ଆସିଲେ ନାହିଁ ଓ ନିଜର ସମୟକୁ ସେ ମୌଲବୀ ମୁହମ୍ମଦ୍ ହୁସୈନ୍ ସାହିବ୍ ବଟାଲୁୱିଙ୍କ ପାଇଁ ଉତ୍ସର୍ଗ କରିଦେଲେ । କିନ୍ତୁ କିଛି ଲାଭ ହେଲା ନାହିଁ । ଅଲ୍ଲାଃଙ୍କର ବୈଭବ ଯେ ଉପସ୍ଥାନ ଏତେ କମ୍ ଥିଲା ଯେ ଜଲ୍‌ସାଗାଃ ଟି ପୂରଣ ହେବାପାଇଁ ଅପେକ୍ଷା କରି କରି ସମୟ ବିତିଗଲା । ନା ତ ମଜ୍‌ଲସ୍ ଗତକାଲି ଭଳି ଶୋଭାବର୍ଦ୍ଧକ ଥିଲା ଏବଂ ନା ତ ମୌଲବୀ ମୁହମ୍ମଦ୍ ହୁସୈନ୍ ସାହେବ ବଟାଲୁୱି ଛିଡ଼ା ହେଉଥିଲେ । ଶେଷରେ ବହୁତ ଅପେକ୍ଷା କରିବା ସତ୍ୱେ ମଧ୍ୟ ଯେବେ ସେହି ଅଭିଳାଷା ପୂରଣ ନ ହେଲା, ଏଥିରେ ମନ ଚାହୁଁନଥିଲେ ମଧ୍ୟ ବାଧ୍ୟ ହୋଇ ଛିଡ଼ା ହେଲେ ଏବଂ ଯାହା କିଛି ଲେଖି ଆଣିଥିଲେ ତାହା ପଢ଼ିଦେଲେ । ଅଧିକ ସମୟ ପାଇବା ସତ୍ୱେ ମଧ୍ୟ ନା ତ ନିଜେ ଖୁସି ହେଲେ ଓ ନା ପବ୍ଲିକ୍ କୌଣସି ପ୍ରଶଂସା କଲେ ।

(୧୭) ୨୯ ଡ଼ିସେମ୍ବର ଦିନ ସକାଳେ ସାଢ଼େ ନଅଟା ବେଳେ ଜଲ୍‌ସାର କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିଲା । ଡ଼ିସେମ୍ବର ମାସର ଶେଷ, ଭିଷଣ ଜାଡ଼ ଏବଂ ଏତେ ସକାଳ ସମୟ ଥିଲା ଯେ ଲୋକମାନେ ନିଜ ନିତ୍ୟକର୍ମ ଶେଷ କରିବା ତ ଦୁରର କଥା ଏତେ ସକାଳୁ ତ ସାଧାରଣତଃ ସହରର ଲୋକମାନେ ଜାଗନ୍ତି ନାହିଁ । ତେଣୁ ଚିନ୍ତା ଥିଲା ଡ଼ର ଲାଗୁଥିଲା ଯେ କାଳେ ଉପସ୍ଥାନ ବହୁତ କମ୍ ହୋଇଯିବ ଫଳତଃ ଆଜି ସେହି ଆନନ୍ଦ ବହୁତ କମ୍ ଭାଗ୍ୟରେ ମିଳିବ । କିନ୍ତୁ ଈଶ୍ୱରଙ୍କ କାର୍ଯ୍ୟ ନିଜ ଭିତରେ ଏକ ଅସାଧାରଣ ଚୁମ୍ବକୀୟ ଆକର୍ଷଣ ରଖିଥାଏ ଯାହାକୁ କୌଣସି ଶକ୍ତି ରୋକିପାରେ ନାହିଁ । ମଣିଷ ଯଦି ଅବହେଳା ଓ ସୁସ୍ତି ଦେଖାଇବେ ତେବେ ସେ ଫରିସ୍ତା (ଦେବଦୂତ) ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଇଥାଏ । ସୁତରାଂ ସକାଳୁ ସକାଳୁ ଥରାଇ ଦେଉଥିବା ଜାଡ଼ରେ ଘୋଡ଼ିଘାଡ଼ି ହୋଇ ଖୁଦାଙ୍କ ଭକ୍ତମାନେ ଦଳ ଦଳ ହୋଇ ଓ ଉତ୍ସାହିତ ହୋଇ ଏତେ ମାତ୍ରାରେ ଓ ଶିଘ୍ର ଶିଘ୍ର ଆସିଲେ ଯେ ୨୭ ର ଦ୍ୱିପ୍ରହରର ଦୃଶ୍ୟ ମଧ୍ୟ ମାନ୍ଦା ପଡ଼ିଗଲା ଏବଂ ଜଲ୍‌ସା ଅତ୍ୟନ୍ତ ବୈଭବପୂର୍ଣ୍ଣ ତଥା ମହାନତା ଏବଂ ସୁଚାରୁ ରୂପେ ଜାରି ରହିଲା । ପୁଣି ଅତ୍ୟନ୍ତ ସଫଳତାର ସହିତ ସମାପ୍ତ ହେଲା । ଏହିପରି ହଜୁରଙ୍କ ନିବନ୍ଧ ସାରା ଜଗତରେ **ଆଲା ରଗ୍‌ମି ଉନୁଫିଲ୍ ଆଦାଇ** ନିଜର ବିଜୟ, ଶ୍ରେଷ୍ଠତା, ସଫଳତା ଏବଂ ମହାନତାର ଧ୍ୱଜାକୁ ପ୍ରତିଷ୍ଠା କରି ଜ୍ଞାନର ସଂସାରରେ ସର୍ବଦା ପ୍ରତିଷ୍ଠିତ ରହିବାବାଲା ନିଦର୍ଶନ ହୋଇ ଆକାଶୀୟ ଦୁନିଆରେ ସୂର୍ଯ୍ୟ ଓ ଚନ୍ଦ୍ର ସଦୃଶ ଚମକିବାକୁ ଲାଗିଲା । ବନ୍ଧୁମାନଙ୍କୁ ତ ଛାଡ଼ନ୍ତୁ ଶତୃମାନେ ମଧ୍ୟ ବିନା ପ୍ରଶଂସା କରି ରହି ପାରିଲେ ନାହିଁ । ନିଜ, ପର, ପବ୍ଲିକ୍ ତଥା ପ୍ରବନ୍ଧକ ଅତଃ ପ୍ରତ୍ୟେକ ସ୍ତରରେ ଏହି ନିବନ୍ଧର ଚର୍ଚ୍ଚା ହେବାକୁ ଲାଗିଲା ଓ ମୁହଁରୁ ସତ୍ୟ ବାହାରୁଥିଲା । ଖବରକାଗଜ ଗୁଡିକ ସ୍ତମ୍ଭ ଲେଖିଲେ ଏବଂ ଏହାର ସତ୍ୟତାକୁ ସ୍ୱୀକାର କଲେ । ପ୍ରବନ୍ଧକ କମିଟି ନିଜ ତରଫରୁ ଏହି ସ୍ୱୀକାରୋକ୍ତିକୁ ରିପୋର୍ଟରେ ଦରଜ କରି ସତ୍ୟାସତ୍ୟକୁ ପ୍ରକାଶ କଲା । ସତ୍ୟ ହେଉଛି ଏହା କି **ଉଇଁଥିବା ଚନ୍ଦ୍ର ଲୁଚି ରହି ପାରେନା ।**

ଏହାକୁ ଅସ୍ୱୀକାର କରିବା ମୂର୍ଖତାର ପ୍ରମାଣ । ଏହିପରି ଅଲ୍ଲାଃ ତାଲା ସମୟ ପୁର୍ବରୁ ନିଜର ପବିତ୍ର ଭକ୍ତ ସୟଦନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ଯାହା କିଛି କହିଥିଲେ ତାହା ହୋଇ ରହିଲା । ଖୁଦାଙ୍କ ବଚନ ପୂରଣ ହେଲା ଏବଂ ସଂସାରର କୌଣସି ଶକ୍ତି, କୌଣସି ଯୋଜନା କୌଣସି ଧୋକା ଓ କୌଣସି ପ୍ରକାର ତରିକା ଈଶ୍ୱରଙ୍କ ବାଣୀକୁ ପୂରଣ ହେବାର ପ୍ରତିବନ୍ଧକ ସାଜି ପାରିଲା ନାହିଁ ।

(୧୮) ମହାନ ସର୍ବଧର୍ମ ସମ୍ମିଳନୀର ରିପୋର୍ଟ ପ୍ରକାଶିତ ହେଲା । କମିଟିର ପ୍ରବନ୍ଧକଙ୍କ ତରଫରୁ ଯାହାର ସଦସ୍ୟ ପ୍ରତ୍ୟେକ ଧର୍ମର ତଥା ସମ୍ପ୍ରଦାୟର ଥିଲେ ଓ ସେମାନେ ଉଚ୍ଚ ବର୍ଗର ଦାୟିତ୍ୱବାନ ଲୋକ ଥିଲେ, ସେମାନଙ୍କ ଖର୍ଚ୍ଚରେ ରିପୋର୍ଟ ପ୍ରକାଶିତ ହେଲା । ଏହି ଜଲ୍‌ସାରେ ଯେଉଁ ସମସ୍ତ ନିବନ୍ଧଗୁଡ଼ିକ ପାଠ କରାଗଲା ବା ସେଥିଯୋଗୁଁ ଲେଖାଯାଇଥିଲା, ସେଥିରେ ସମ୍ପୁଣ୍ଣରୂପେ ଦରଜ କରାଗଲା ଯେ ଦୁନିଆଁ ଏହି ଧାର୍ମିକ ଆଖଡ଼ା ଏବଂ ରଣ କ୍ଷେତ୍ରରେ ଯୋଗଦେଇଥିବା ସମସ୍ତଙ୍କୁ ଏକାଠି ଦେଖି ଅନୁଶୀଳନ, ନିଷ୍ପତି ଏବଂ ସତ୍ୟ ଓ ମିଥ୍ୟା ଭିତରେ ଅନ୍ତର କରିପାରିବ । କିନ୍ତୁ ବାସ୍ତବିକତା ଏହା ଥିଲା କି ପବିତ୍ର କୁର୍‌ଆନ୍‌ର ମହାନତା, ଇସ୍‌ଲାମ୍‌ର ସତ୍ୟତା, ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ସତ୍ୟତା ଏବଂ ସୟଦନା ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ଖୁଦାଙ୍କ ନିକଟତମ ଓ ପ୍ରୀୟ ଭକ୍ତ, ତାହାଙ୍କ ବୋଲାଇବାରେ କହିବାବାଲା, ତାହାଙ୍କ ସଚ୍ଚା ନବୀ ତଥା ରସୁଲ୍ ହେବାର ସାକ୍ଷୀ, ପ୍ରମାଣ ଏବଂ ତର୍କ ଅଟନ୍ତି, ଏହି ମାମଲା ସଦେବ୍ ରହୁ । ହଜୁରଙ୍କର ଏହା ହେଉଛି ସେହି ନିବନ୍ଧ ଯାହାକୁ ଉର୍ଦ୍ଦୁରେ **"ଇସ୍‌ଲାମୀ ଉସୁଲ୍ କି ଫିଲାସଫି"** ନାମରେ ଏବଂ ଇଂରାଜୀରେ **"ଟିଚିଂସ୍ ଅଫ୍ ଇସ୍‌ଲାମ୍"** ନାମରେ ତଥା ଶିର୍ଷକରେ ଅନେକ ଥର ହଜାର ହଜାର ସଂଖ୍ୟାରେ ବରଂ ଲକ୍ଷ ଲକ୍ଷ ସାଖ୍ୟାରେ ପ୍ରକାଶିତ ହୋଇ ସାରା ଦୁନିଆରେ ଆଧାତ୍ମିକ ଆନନ୍ଦ ତଥା ଆସ୍ୱାଦନା ଏବଂ ମାର୍ଗଦର୍ଶନର ରାସ୍ତାକୁ ସହଜ କରୁଅଛି । ନା କେବଳ ଏତିକି ବରଂ ପୃଥିବୀର ଅନେକ ଭାଷାରେ ମଧ୍ୟ ଅନୁଦିତ ହୋଇ ପ୍ରକାଶିତ ହୋଇ ଚାଲିଆସୁଅଛି ।

(୧୯) ଏହି ରିପୋର୍ଟ ପ୍ରକାଶ ପାଇଲା । ଈଶ୍ୱରଙ୍କର ଈଶ୍ୱରତ୍ୱ ସାକ୍ଷି ଅଛି ଯେ, ହଜାର ହଜାର ବ୍ୟକ୍ତି ଯାହା କିଛି ଜଲ୍‌ସାରେ ଦେଖିଲେ ଓ ଶୁଣିଥିଲେ, ତାହା ହିଁ ରିପୋର୍ଟରେ ଦରଜ ହେଲା । ସେହି ନିବନ୍ଧ ଗୁଡ଼ିକ ଯାହାକୁ ସମସ୍ତ ଧର୍ମର, ପ୍ରତିନିଧିମାନେ ଲେଖିଥିଲେ ଓ ଶୁଣାଇଥିଲେ ଓ ପୁଣି ସେ ସବୁକୁ କମିଟିର ପ୍ରବନ୍ଧକଙ୍କ ନିକଟରେ ସମର୍ପି ଦେଇଥିଲେ । ଠିକ୍ ଠିକ୍ ଏବଂ ବିଲ୍‌କୁ ସେହି ପ୍ରକାରେ ତାହା ପ୍ରକାଶିତ ହୋଇଥିଲା । କିନ୍ତୁ କଣ କୁହାଯାଇପାରେ ମୌଲବୀ ମୁହମ୍ମଦ ହୁସୈନ୍ ସାହେବ ବଟାଲୁୱିଙ୍କୁ ଏବଂ ତାଙ୍କ ବୁଦ୍ଧି ତଥା ତାଙ୍କ ବିବେକକୁ ଯେ ସେ ରିପୋର୍ଟଟି ପ୍ରକାଶିତ ହେବାରେ ଏ କୋଳାହଳ ମଚାଇ ଦେଲା ଯେ ତାଙ୍କ ନାମରେ ଯେଉଁ ନିବନ୍ଧଟି ଏଥିରେ ପ୍ରକାଶ ପାଇଛି ତାହା ବାସ୍ତବରେ ତାଙ୍କର ହିଁ ନୁହେଁ ।

ଏହି ଅଭିଯୋଗରୁ ମୌଲବୀ ସାହେବଙ୍କ ଉଦ୍ଦେଶ୍ୟ ବାରି ହୋଇଯାଉଛି ଯେ ଏହା ଦ୍ୱାରା ମୁକାବିଲାରେ ହାରିଯାଇଥିବା ଅପମାନକୁ ଲୁଚାଇବାର ଥିଲା । ଯେବେ କି ତାଙ୍କର ଏହି କାର୍ଯ୍ୟକଳାପ **"ଉଜ୍‌ରେ ଗୁନାହ୍ ବଦ୍‌ତର୍ ଅଜ୍ ଗୁନାହ୍"** (ପାପର ବାହାନା କରିବା ପାପଠାରୁ ଖରାପ) ନିଜ ହାତରେ ନିଜର ମାଟି ଉଡ଼ାଇବା ସମ ଥିଲା । ଏବଂ ଏହି କଥା ଆୟୋଜକଙ୍କଠାରୁ ଅଛପା ନଥିଲା । ସୁତରାଂ ଆୟୋଜକ ମୌଲବୀ ସାହେବଙ୍କ ଏହି ପାଟିତୁଣ୍ଡ ଉପରେ ଧ୍ୟାନ ଦେଲା ନାହିଁ । ତେଣୁ ଏହିପରି ମୌଲବୀ ସାହେବଙ୍କ ଦୋଷ ଦୃବଳତାକୁ ଘୋଡ଼ାଇବା ପରିବର୍ତ୍ତେ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ।''

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ଆହୁରି ଅଧିକା ଅସମ୍ମାନ କରାଗଲା । ଏତଦ୍‌ଦ୍ୱାରା "ମୌଲାନା ସାହେବ୍" ଜଳିପୋଡ଼ି ପାଉଁଶ ହୋଇଗଲେ ଏବଂ ଏହି ଗଭୀର କ୍ଷତ ଦ୍ୱାରା ବିଚଳିତ ହୋଇଗଲେ । ଯାହାକୁ ପୂରଣ କରିବା ତାଙ୍କ ପାଇଁ ସମ୍ଭବ ନଥିଲା । କାରଣ ତାହା ମଣିଷର ହାତରେ ନଥିଲା ନା ମଣିଷର ଚେଷ୍ଟା ସେହି ଅଭିଳାଷାକୁ ପୂରଣ କରିପାରିଥାନ୍ତା । ନଚେତ ଯଦି ତାହା ସତ୍ୟ ଥିଲା, ଯାହାର ଅଭିଯୋଗ ସେ କରିଥିଲେ ତେବେ ସେ ନିଜର ଅସଲ ନିବନ୍ଧଟିକୁ ପ୍ରକାଶିତ କରି ଆୟୋଜକଙ୍କର ଏପରି ଧୋକା ସମ୍ବନ୍ଧରେ ସର୍ବସମ୍ମୁଖରେ ପ୍ରକାଶ କରି ଦେଖାଇ ପାରିଥାନ୍ତେ ।

**ବରିଂ ଅକ୍‌ଲୋ ଦାନିଶ୍ ବବାୟଦ୍ ଗରସ୍ତେ**

(୨୦) ସ୍ୱାମୀ ଶିବଗୁଣଚନ୍ଦ୍ର ସାହିବ, ଯାହାଙ୍କ ଜରିଆରେ ଅଲ୍ଲାଃ ତାଲା ଏହି ମହାନ୍ ସତ୍ୟର ନିଦର୍ଶନକୁ ପରିପ୍ରକାଶ କରିବାର ସାଧନ ସୃଷ୍ଟି କରିଦେଲେ । ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ଭିତରେ ଏବଂ ରିପୋର୍ଟ ପ୍ରକାଶିତ ହେବା ପର୍ଯ୍ୟନ୍ତ ସେ ମିଳାମିଶା କରୁଥିଲେ ପୁଣି ଏବଂ ଯାଅ ଆସ କରୁଥିଲେ । ପୁଣି ଜଣାନାହିଁ କଣ ହେଲା ଯେ ସେ କେଉଁଆଡ଼େ ଚାଲିଗଲେ । ଜାଣ ଯେ ଖୁଦାଙ୍କ ଈଶ୍ୱରତ୍ୱର ଶକ୍ତି ତାଙ୍କୁ ଏହି ସେବାକାର୍ଯ୍ୟ ସମ୍ପାଦନ କରିବାପାଇଁ ଓ ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ କାଦିୟାନ୍ ଟାଣି ଆଣିଥିଲା ଏବଂ ପୁଣି ପୂର୍ବବତ୍ ଅଦୃଶ୍ୟ କରିଦେଲା ।

ନୋଟ୍:- ହଜ୍‌ରତ୍ ମୁନ୍‌ଶି ଜଲାଲୁଦ୍ଦିନ୍ ସାହେବ୍ ବଲାନୱି ଏବଂ ହଜ୍‌ରତ୍ ପୀର୍‌ଜୀ ସିରାଜୁଲ୍ ହକ୍ ସାହିବ୍ ନୁମାନି ରିଜ୍‌ୱାନୁଲ୍ଲାହ୍ ଆଲୈହିମ୍ ଦୁଇଜଣଯାକ ସମ୍ମାନୀୟ ବ୍ୟକ୍ତିଙ୍କ ହାତରେ କରାଯାଇଥିବା ନକଲ ହଜ୍‌ରତ୍ ଅକ୍‌ଦସ୍‌ଙ୍କର ସେହି ନିବନ୍ଧ, ଯାହାକୁ ହଜ୍‌ରତ୍ ମୌଲାନା ମୌଲବୀ ଅବ୍‌ଦୁଲ୍ କରୀମ୍ ସାହିବ ଏହି ଜଲ୍‌ସାରେ ପଢ଼ି ଶୁଣାଇଥିଲେ ତାହା ଆଜି ପର୍ଯ୍ୟନ୍ତ ମୋ ନିକଟରେ ସୁରକ୍ଷିତ ରହିଛି । ଯେହେତୁ ମୁଁ ଏହି ମୂଲ୍ୟବାନ ଓ ପବିତ୍ର ସମ୍ପଦକୁ ସୁରକ୍ଷା କରିବା ପାଇଁ ଅସମର୍ଥ ହେଉଛି ତେଣୁ ଏହାକୁ ଜାତୀୟ ଅମାନତ (ସମ୍ପଦ) ରୂପେ ବିବେଚନା କରି ତାହାକୁ ସୟଦନା କମ୍‌ରୁଲ୍ ଅମ୍ବିୟା ହଜ୍‌ରତ୍ ସାହିବ୍‌ଜାଦା ଆଲି ମୁକାମ୍ ମିର୍ଜା ବଶିର୍ ଅହେମଦ୍ ସାହିବ୍ ସଲ୍‌ମହୁ ରବ୍‌ବହୁଙ୍କୁ ଅର୍ପଣ କରୁଅଛି, ଯିଏ ଏପରି କାର୍ଯ୍ୟ ସମ୍ପାଦନ କରିବାରେ ସବୁଠାରୁ ଅଧିକ ଅଧିକାରୀ ଓ ଯୋଗ୍ୟ ଅଟନ୍ତି । ଏହାଦ୍ୱାରା ପ୍ରତିଷ୍ଠା ହେବାକୁ ଥିବା ଜାତୀୟ ସଂଗ୍ରାହଳୟରେ ରଖି ଏହାକୁ ଆସନ୍ତା ପିଢ଼ିଙ୍କ ଇମାନ୍ ତଥା ବିଶ୍ୱାସକୁ ବଢ଼ାଇବାର ମାଧ୍ୟମ କରିପାରିବେ ଓ ସେମାନଙ୍କ ଜ୍ଞାନର ଉନ୍ନତି କରାଇପାରିବେ ।

ନିମିତ
ଅବ୍‌ଦୁର୍ ରହ୍‌ମାନ୍ କାଦିୟାନୀ

♦❖⌘❖❖❖⌘❖♦

**ହଜ୍‌ରତ୍ ଅମୀରୁଲ୍**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**

ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:
୧୮୦୦ ୩୦୧୦ ୨୧୩୧
(ଶ୍ରୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)
Web.www.alislam.org
www.ahmadiyyamuslimjamaat.in

# "ଜଙ୍ଗେ ମୋକଦ୍ଦସ୍" (ପବିତ୍ର ଯୁଦ୍ଧ)

## ହଜରତ ମସିହ୍ ମଉଦ ଆ:ସ ଏବଂ ଡ଼େପୁଟି ଅବ୍‌ଦୁଲ୍ଲାଃ ଆଥମ୍‌ଙ୍କ ମଧ୍ୟରେ ମହାନ୍ ମୁନାଜରାଃ (ଶାସ୍ତ୍ରାର୍ଥ)

*ତା ୨୨ ମଇ ୧୮୯୩ ରିଖ ରୁ ତା ୫ ଜୁନ୍ ୧୮୯୩ ରିଖ ପର୍ଯ୍ୟନ୍ତ ଅମୃତସରଠାରେ ଇସାଇ ଓ ମୁସଲମାନମାନଙ୍କ ମଧ୍ୟରେ ଗୋଟିଏ ମୁନାଜିରାଃ (ଶାସ୍ତ୍ରାର୍ଥ) ଅନୁଷ୍ଠିତ ହୋଇଥିଲା । ସେଥିରେ ଇସ୍‌ଲାମ୍ ତରଫରୁ ସୟଦନା ହଜରତ ମସିହ ମଉଦ ଆ:ସ ଏବଂ ଇସାଇମାନଙ୍କ ତରଫରୁ ଡ଼େପୁଟି ଅବଦୁଲ୍ଲାଃ ଆଥମ୍ ମୁନାଜିର୍ (ଶାସ୍ତ୍ର ତର୍କକାରୀ) ଥିଲେ । ଏହି ମୁନାଜିରାଃକୁ "ଜଙ୍ଗେ ମୋକଦ୍ଦସ୍" (ପବିତ୍ର ଯୁଦ୍ଧ) ନାମରେ ପ୍ରକାଶକ ଜିୟାଉଲ୍ ଇସ୍‌ଲାମ୍ କାଦିୟାନ୍ ଦାରୁଲ୍ ଅମାନ୍‌ରୁ ହାଫିଜ୍ ହକିମ୍ ଫଜଲ୍ ଦୀନ୍ ସାହେବ ତା ୨୦ ଅକ୍ଟୋବର ୧୯୦୪ ରିଖ ଦିନ ଛପାଇ ପ୍ରକାଶ କଲେ । ପାଠକେ ରୁହାନି ଖଜାଇନ୍‌ର ଖଣ୍ଡ ୬ରେ ଏହାକୁ ଅଧ୍ୟୟନ କରିପାରିବେ । ଏଠାରେ ଉକ୍ତ ପୁସ୍ତକର ପରିଚୟ ପତ୍ରରେ ହଜରତ ମୌଲାନା ଜଲାଲୁଦ୍ଦିନ୍ ଶମ୍‌ସ୍ ସାହେବ୍ ର:ଅ ରୁହାନି ଖଜାଇନ୍ ଖଣ୍ଡ-୬ର ପ୍ରାରମ୍ଭରେ ଯେଉଁ ଆଲେଖ୍ୟଟି ଲେଖିଛନ୍ତି ପାଠକେଙ୍କ ନିମନ୍ତେ ଉପସ୍ଥାପନ କରାଯାଉଅଛି ।*

ପୁସ୍ତକ "ଜଙ୍ଗେ ମୋକଦ୍ଦସ୍" ହେଉଛି ଏହି ମହାନ୍ ମୁବାହିସାଃ (ତର୍କବିତର୍କ)ର ସମ୍ପୁର୍ଣ୍ଣ ବିବରଣୀର ନାମ ଯାହା ଅମୃତସରଠାରେ ମୁସଲ୍‌ମାନ ଓ ଇସାଇମାନଙ୍କ ମଧ୍ୟରେ ୨୨ ମଇ ୧୮୯୩ ଠାରୁ ନେଇ ୫ ଜୁନ୍ ୧୮୯୩ ମସିହ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ସେଥିରେ ଇସ୍‌ଲାମ୍ ତରଫରୁ ହଜରତ ମସିହ ମଉଦ ଆ:ସ ଏବଂ ଇସାଇମାନଙ୍କ ତରଫରୁ ଡ଼େପୁଟି ଅବଦୁଲ୍ଲାଃ ଆଥମ୍ ମୁନାଜିର୍ ଥିଲେ ।

**ମୁବାହିସାଃର କାରଣ:** ରୁହାନି ଖଜାଇନ୍‌ର ପ୍ରଥମ ଖଣ୍ଡ ଏବଂ ତୃତୀୟରେ ଆମେ ପଞ୍ଜାବ ଏବଂ ହିନ୍ଦୁସ୍ତାନର ଇସାଇ ମିଶ୍‌ନାରୀମାନଙ୍କ ପ୍ରଚେଷ୍ଟା ସମ୍ବନ୍ଧରେ ଚର୍ଚ୍ଚା କରିସାରିଛୁ ଏବଂ ଲେଖିସାରିଛୁ ଯେ ସେତେବେଳେ ଇସାଇମାନଙ୍କ ତବ୍‌ଲିଗ୍ (ପ୍ରଚାର ପ୍ରସାର) ଯୌବନ ଅବସ୍ଥାରେ ଥିଲା । ବିଭିନ୍ନ ସହର ଓ ପ୍ରାନ୍ତରେ ସେମାନଙ୍କର ମିଶନ୍ ପ୍ରତିଷ୍ଠା ହୋଇସାରିଥିଲା ଏବଂ ହିନ୍ଦୁସ୍ତାନୀ ମୁସଲମାନମାନେ ଓ ଅନ୍ୟ ସମ୍ପ୍ରଦାୟର ଲୋକମାନେ ତୁହାକୁ ତୁହା ଇସାଇ ହେଉଥିଲେ ଏପରି କି ଏ ଚିନ୍ତା ଘାରିଥିଲା ଯେ ଅଳ୍ପ କିଛି ବର୍ଷ ମଧ୍ୟରେ ସାରା ହିନ୍ଦୁସ୍ତାନ ଇସାଇମାନଙ୍କ କବଳରେ କବଳିତ ହୋଇଯିବ । ସୁତରାଂ ୧୮୮୮ ମସିହା ରେ ପଞ୍ଜାବର ଲେଫ୍ଟନାଂଟ ଗଭର୍ନର ଚାର୍ଲସ ଇଚିସନ୍ ଶିମ୍‌ଲାଠାରେ ଖ୍ରୀଷ୍ଟିୟାନ୍ ପ୍ରଚାରକମାନଙ୍କର ଗୋଟିଏ ସମ୍ମିଳନୀରେ ଭାଷଣ ଦେଇ କହିଲେ ।

"ଯେଉଁ ଗତିରେ ହିନ୍ଦୁସ୍ତାନର ସଖ୍ୟାରେ ମାମୁଲିରୁପେ ବୃଦ୍ଧି ହେଉଅଛି ତା'ଠାରୁ ଚାରି ପାଂଚଗୁଣା ଅଧିକା ଗତିରେ ଇସାଇୟତ (ଖ୍ରୀଷ୍ଟିୟାନ୍ ଧର୍ମ) ଏହି ଦେଶରେ ବ୍ୟାପୁଅଛି ଏବଂ ବର୍ତମାନ ହିନ୍ଦୁସ୍ତାନୀ ଇସାଇମାନଙ୍କ ସଂଖ୍ୟା ଦଶ ଲକ୍ଷ ପର୍ଯ୍ୟନ୍ତ ପହଂଚିସାରିଛି ।" ("ଦି ମିଶ୍‌ନାରୀ" ଲେଖକ ରେଭରେଣ୍ଡ ରବର୍ଟ କ୍ଲାର୍କ)

**ହାଶିୟାଃ:** ରେଭରେଣ୍ଡ ରବର୍ଟ କ୍ଲାର୍କ ନିଜର ପୁସ୍ତକ "ଦି ମିଶ୍‌ନାରୀ ଅଫ୍ ଦି ସି.ଏମ୍.ଏସ୍ ଇନ୍ ପଞ୍ଜାବ ଏଣ୍ଡ ସିନ୍ଧ" ମୁଦ୍ରଣ ସି.ଏମ୍.ଏସ୍ ଲଣ୍ଡନ ୧୯୦୪ ମସିହାରେ ଏହି ମୁବାହିସାଃ (ତର୍କବିତର୍କ)କୁ The Great Controversy ଅର୍ଥାତ ଏକ ମହାନ୍ ମୁବାହିସାଃ ରୂପେ ଅଭିହିତ କରିଛି । ଏବଂ ଏହି ମୁବାହିସାଃକୁ ଯଙ୍ଗେ ମୋକଦ୍ଦସ୍ ରୂପେ ନିଜେ ଡ଼ାକ୍ତର ହେନେରୀ ମାର୍ଟିନ କ୍ଲାର୍କ ନାମିତ କରିଛନ୍ତି ।

**ହାଶିୟାଃ:** ଅବ୍‌ଦୁଲ୍ଲାଃ ଆଥମ୍ ୧୮୩୮ ମସିହାରେ ଅମ୍ବାଲାଠାରେ ଜନ୍ମ ହୋଇଥିଲେ ଏବଂ ୨୮ ମାର୍ଚ୍ଚ ୧୮୫୩ ମସିହାରେ ସେ କରାଚୀଠାରେ ବପ୍‌ତସ୍‌ମା (ଅର୍ଥାତ ନିୟମିତ ଇସାଇ ହେବାର ଶପଥ) ନେଲେ । ଏବଂ ସେହି ଅବସରରେ ସେ ନିଜ ନାମ ସହିତ ଆସିମ୍ ଅର୍ଥାତ ପାପୀ ଶବ୍ଦଟିକୁ ଲଗାଇଲେ । ପ୍ରଥମେ ଅମ୍ବାଲା, ତରନ୍‌ତାରନ୍ ଏବଂ ବଟାଲାରେ ତହସିଲ୍‌ଦାର ରୂପେ କାର୍ଯ୍ୟ କଲେ ପୁଣି ସିଆଲ୍‌କୋଟ, ଅମ୍ବାଲା ଏବଂ କର୍‌ନାଲ୍‌ରେ ଇ.ଏ.ସି ପଦବୀରେ ରହିଲେ ଏବଂ ପୁଣି ଅବସର ନେବାପରେ ସେ ନିଜର ସେବାକାର୍ଯ୍ୟ ଅମୃତସର ମିଶନ୍‌ରେ ନ୍ୟସ୍ତ କଲେ । ଏବଂ ଇସ୍‌ଲାମ୍ ବିରୋଧରେ କିଛି ପୁସ୍ତକ ଲେଖିଲେ ।

ଏହା ପୂର୍ବରୁ ୧୮୫୧ ମସିହାରେ ହିନ୍ଦୁସ୍ତାନୀ ଇସାଇମାନଙ୍କର ସଂଖ୍ୟା କେବଳ ୯୧୦୯୨ ଥିଲା ଓ ୧୮୮୧ ମସିହାରେ ସେମାନଙ୍କର ସଂଖ୍ୟା ୪୧୭୩୭୨ ହୋଇଯାଇଥିଲା । ଯେଉଁ ସମୟରେ ଏହି ମୁବାହିସାଃ ହୋଇଥିଲା ସେତେବେଳେ ଖ୍ରୀଷ୍ଟିୟାନ୍ ପ୍ରଚାରକ, ଇସାଇ ମିଶ୍‌ନାରୀମାନେ ୟୁରୋପ ଏବଂ ହିନ୍ଦୁସ୍ତାନର ପଞ୍ଜାବ ପ୍ରଦେଶରେ ବହୁତ ସ୍ଥାନରେ ଲୋକମାନଙ୍କୁ ଇସାଇୟତ୍ (ଖ୍ରୀଷ୍ଟିୟାନ୍ ଇଜିମ୍) ପ୍ରତି ଆମନ୍ତ୍ରଣ କରୁଥିଲେ ଏବା ଦଜ୍ଜାଲ୍ ସମ୍ପୁର୍ଣ୍ଣ ଶକ୍ତି ଲଗାଇ ଇସ୍‌ଲାମ୍ ଧର୍ମକୁ ବିନାଶ କରିବା ପାଇଁ ସମ୍ପୁର୍ଣ୍ଣରୂପେ ବ୍ୟସ୍ତ ଥିଲେ ଏବଂ ଇସ୍‌ଲାମ୍‌ର ଓ୍ୱଲେମାମାନଙ୍କ ସ୍ୱପ୍ନରେ ବୁଡ଼ି ରହିଥିଲେ । ସର୍ବ ପ୍ରଥମ ଚର୍ଚ୍ଚ ମିଶ୍‌ନାରୀ ସୋସାଇଟି ହିନ୍ଦୁସ୍ତାନରେ ୧୭୯୯ ମସିହାରେ ତବ୍‌ଲିଗ୍ (ପ୍ରଚାର ପ୍ରସାର କାର୍ଯ୍ୟ) ଆରମ୍ଭ କରିଥିଲା ଯାହାର ହେଡ୍‌କ୍ୱାର୍ଟର ଇଲଣ୍ଡ, ଜର୍ମାନୀ ଏବଂ ଆମେରିକା ଇତ୍ୟାଦି ଦେଶ ଥିଲା । ୧୯୦୧ ମସିହାରେ ଏହି ମିଶ୍‌ନାରୀ ସୋସାଇଟି ଗୁଡ଼ିକର ସଂଖ୍ୟା ୩୭ ଥିଲା । ଏବଂ ଏକ ବହୁତ ବଡ଼ ସଂଖ୍ୟା ମିଶ୍‌ନାରୀ ମାନଙ୍କର ଏପରି ମଧ୍ୟ ଥିଲା ଯେଉଁମାନେ ଏହି ସୋସାଇଟି ସହିତ ସମ୍ପର୍କ ରଖିନଥିଲେ । ମଧ୍ୟ ଏସିଆରେ ଇସାଇୟତ୍‌ର ମିଶ୍‌ନାରୀ କାର୍ଯ୍ୟ ପାଇଁ ସେମାନେ ପଞ୍ଜାବ (ପ୍ରଦେଶ)କୁ ଏକ ପ୍ରାକୃତିକ ବେସ୍ (Base) ଭାବୁଥିଲେ ଏବଂ ପଞ୍ଜାବର ତେରଟି ପ୍ରଶିଦ୍ଧ ସହରରେ ସେମାନଙ୍କର ବଡ଼ ବଡ଼ ମିଶନ୍ ପ୍ରତିଷ୍ଠା ହୋଇଥିଲା । ଏହି ମିଶନ୍ ଚର୍ଚ୍ଚ ମିଶ୍‌ନାରୀ ସୋସାଇଟି ୧୮୫୨ ମସିହାରେ ପ୍ରତିଷ୍ଠା କରିଥିଲା ଏବଂ ଚଣ୍ଡିୟାଲା ଜିଲ୍ଲା ଅମୃତସରରେ ଇସାଇ ମିଶ୍‌ନାରୀ ହେନେରୀ ମାର୍ଟିନ କ୍ଲାର୍କ ଏମ୍,ଡ଼ି.ସି.ଏମ୍ (ଏଡ଼େମ୍ବରା) ଏମ୍.ଆର୍.ଏ.ଏସ୍.ସି.ଏମ୍.ଏସ୍ ଜିଲ୍ଲା ଅମୃତସରର ମେଡ଼ିକାଲା ମଶ୍‌ନାରୀ ଇନ୍‌ଚାର୍ଜ ଥିଲେ ସେତେବେଳେ ସେ ୧୮୮୨ ମସିହାରେ ଅମୃତସର ମେଡ଼ିକାଲ୍ ମିଶନ୍‌ର ଗୋଟିଏ ଶାଖାକୁ ଚଣ୍ଡିୟାଲାଠାରେ ମଧ୍ୟ ଜାରି କରାଇଦେଲେ ଯାହା ଇସାୟତ୍‌ର ଅଭିବୃଦ୍ଧି ନିମନ୍ତେ ନୂତନ ଦ୍ୱାର ରୂପେ ପ୍ରମାଣିତ ହେଲା । ଇସାଇ ପ୍ରଚାରକମାନେ ସ୍ଥାନେ ସ୍ଥାନେ ପ୍ରବଚନ ଦେବା ଆରମ୍ଭ କଲେ । ଚଣ୍ଡିୟାଲାର ମୁସଲମାନମାନଙ୍କ ମଧ୍ୟରେ ଜଣେ ମିଆଁ ମୁହମ୍ମଦ ବଖ୍‌ସ ଦେଶୀୟ ଶିକ୍ଷାର ପ୍ରବର୍ତକ ଥିଲେ ସେ ମାମୁଲି ଶିକ୍ଷିତ ଥିବା ସତ୍ୱେ ମଧ୍ୟ ତାଙ୍କ ମୁକାବିଲାପାଇଁ ଛିଡ଼ା ହୋଇଗଲେ ଏବଂ ସେ କିଛି ମୁସଲ୍‌ମାନ ଭାଇମାନଙ୍କୁ ମଧ୍ୟ ଇସାଇ ପ୍ରଚାରକମାନଙ୍କୁ ପ୍ରଶ୍ନ କରିବାର ଶୈଳୀ ଶିଖାଇଦେଲେ । ଏବେ ଚଣ୍ଡିୟାଲାର ମୁସଲମାନ ଓ ଇସାଇ ପ୍ରଚାରକମାନଙ୍କ ମଧ୍ୟରେ ବାର୍ତାଳାପ ଆରମ୍ଭ ହୋଇଗଲା । ଶେଷରେ ଚଣ୍ଡିୟାଲାର ଇସାଇମାନେ ଡ଼ାକ୍ତର କ୍ଲାର୍କଙ୍କୁ ପରିସ୍ଥିତି ବିଷୟରେ ଅବଗତ କରାଇଲେ । ଏଥିରେ ସେ ଚଣ୍ଡିୟାଲାର ଇସାଇମାନଙ୍କ ତରଫରୁ ମିଆଁ ମୁହମ୍ମଦ୍ ବଖ୍‌ସ ସାହେବଙ୍କୁ ସମ୍ବୋଧନ କରି ଚଣ୍ଡିୟାଲାର ମୁସଲମାନମାନଙ୍କ ନାମରେ ଗୋଟିଏ ଚିଠି ଲେଖିଲେ । ଏଥିରେ ଡ଼ାକ୍ତର କ୍ଲାର୍କ ଚଣ୍ଡିୟାଲାର ଖ୍ରୀଷ୍ଟିୟାନ୍‌ମାନଙ୍କ ତରଫରୁ ଲେଖିଲେ ଯେ:

"ଆପଣ ନିଜେ ବା ନିଜ ସମ୍ପ୍ରଦାୟର ଲୋକମାନଙ୍କ ସହିତ ପରାମର୍ଶ କରି ଗୋଟିଏ ସମୟ ଧାର୍ଯ୍ୟ କରନ୍ତୁ ଏବଂ ଯେଉଁ ବୟୋଜ୍ୟୋଷ୍ଠ ବିଦ୍ୱାନ ବ୍ୟକ୍ତିଙ୍କ ଉପରେ ଆପଣ ସନ୍ତୋଷ ହେବେ ତାଙ୍କୁ ଡ଼ାକନ୍ତୁ ଏବଂ ଆମେ ମଧ୍ୟ ଧାର୍ଯ୍ୟ ସମୟରେ ଏହି ଭଦ୍ର ସମ୍ମିଳନୀରେ ନିଜର କାହାକୁ ଜଣେ ପେଶ୍ କରିବୁ ଯଦ୍ୱାରା ଉପର ବର୍ଣ୍ଣିତ ବିଷୟବସ୍ତୁ ଏହି ଜଲ୍‌ସାରେ ସଠିକ୍ ରୂପେ ନିଷ୍ପତି ହୋଇଯିବ ।"

ଏବଂ ଲେଖିଲେ: "ଯଦି ମୁସଲମାନମାନେ ଏପରି ମୁବାହିସାଃରେ ଯୋଗଦେବାକୁ ନ ଚାହିଁବେ ତେବେ ଆସନ୍ତାରେ ନିଜର ଭାଷଣବାଜିକୁ ବାର୍ତାଳାପର କ୍ଷେତ୍ରରେ ତିବ୍ର ନ କରନ୍ତୁ ଏବଂ ପ୍ରଚାର ସମୟରେ ବା ଅନ୍ୟାନ୍ୟ ଅବସରରେ ଅନାବଶ୍ୟକ ଭିତିହୀନ ଓ ବ୍ୟର୍ଥ କାର୍ଯ୍ୟରୁ କ୍ଷାନ୍ତ ହୋଇ ନିରବତା ଗ୍ରହଣ କରନ୍ତୁ ।" *(ହୁଜ୍ଜତୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୬୦)*

ଏହି ଚିଠିଟି ମିଆଁ ମୁହମ୍ମଦ ବଖ୍‌ଶ୍ ସାହେବଙ୍କୁ ୧୧ ଏପ୍ରିଲ୍ ୧୮୯୩ ରେ ମିଳିଲା, ଯାହାକୁ ସେ ହଜ୍‌ରତ ମସିହ ମଉଦ୍ ଆ:ସଙ୍କ ନିକଟକୁ ପଠାଇଦେଲେ ଏବଂ ନିଜର ଏକ ପତ୍ରରେ ହଜୁରଙ୍କ ନିକଟରେ ନିବେଦନ କଲେ ଯେ:

"ଚଣ୍ଡିୟାଲାର ମୁସଲ୍‌ମାନମାନେ ଅଧିକାଂଶ ଦୁବଳ ଓ ଦରିଦ୍ର ଶ୍ରେଣୀର ତେଣୁ ମହାମହିମଙ୍କ ଗୋଚରରେ ନିବେଦନ କରୁଛି ଯେ ଚଣ୍ଡିୟାଲାର ମୁସଲମାନମାନଙ୍କୁ ସାହାଯ୍ୟ କରନ୍ତୁ । ନଚେତ ଇସ୍‌ଲାମ୍ ଉପରେ ଦାଗ ଲାଗିଯିବ ।"

*(ହୁଜ୍ଜତୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୫୯)*

ଏହି ଚିଠିଟି ମିଳିବା ପରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବହୁତ ଖୁସି ହୋଇଗଲେ ଏବଂ ମିଆଁ ମୁହମ୍ମଦ୍ ବଖ୍‌ଶ୍ ସାହେବଙ୍କୁ ଏହାର ଉଚିତ ଉତର ପ୍ରେରଣ କରିବା ବ୍ୟତିତ ନିଜର ଗୋଟିଏ ପତ୍ରଦ୍ୱାରା ସିଧାସଳଖ ୧୩ ଏପ୍ରିଲ୍ ୧୮୯୩ ମସିହା ଦିନ ଚଣ୍ଡିୟାଲାର ଇସାଇମାନଙ୍କ ନିମନ୍ତେ ଡ଼ାକ୍ତର କ୍ଲାର୍କ ଅମୃତସରଙ୍କ ମାରେଫତ୍‌ରେ ପଠାଇଦେଲେ । ସେଥିରେ ମିଆଁ ମୁହମ୍ମଦ୍ ବଖ୍‌ଶଙ୍କ ନିକଟକୁ ତାଙ୍କ ତରଫରୁ ମୁବାହିସାଃ କରିବାପାଇଁ ପଠାଯାଇଥିବା ନିମନ୍ତ୍ରଣ ପତ୍ର ସମ୍ବନ୍ଧରେ ଚର୍ଚ୍ଚା କରି ଲେଖିଲେ:

"ଚଣ୍ଡିୟାଲାର ମୁସଲ୍‌ମାନମାନଙ୍କର ଆମ ଉପରେ କିଛି ଅଧିକାର ନାହିଁ ବରଂ ଯେଉଁଭଳି ପରିସ୍ଥିତିରେ ***ଖୁଦାଓ୍ୱନ୍ଦ କରିମ୍ ଓ୍ୱ ରହିମ୍*** (ଅର୍ଥାତ୍ ଦୟାଳୁ ଓ କୃପାଳୁ ଈଶ୍ୱର) ଏ ଅଧମକୁ ଏହି କାର୍ଯ୍ୟ ନିମନ୍ତେ ପ୍ରେରଣ କରିଛନ୍ତି, ତେଣୁ ଏପରି ଅବସରରେ

ମୋର ନୀରବ ରହିବା ଭିଷଣ ପାପ ହେବ । ସେଥିଯୋଗୁଁ ମୁଁ ଆପଣମାନଙ୍କୁ ଏତେଲା କରି ଦେଉଛି ଯେ ଏହି କାର୍ଯ୍ୟ ନିମନ୍ତେ ମୁଁ ଉପସ୍ଥିତ ଅଛି ।" *(ହୁଜ୍ଜତୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୬୧)*

ପୁଣି ଲେଖୁଛନ୍ତି ଯେ:

"ଏହି ତର୍କ ଜୀବିତ ଧର୍ମ ବା ମୃତ ଧର୍ମର ସ୍ୱଚ୍ଛତା ସମ୍ବନ୍ଧରେ ହେବ ଏବଂ ଦେଖାଯିବ ଯେ ଯେଉଁ ଆଧ୍ୟାତ୍ମିକ ଲକ୍ଷଣଗୁଡ଼ିକ ସମ୍ବନ୍ଧରେ ଧର୍ମ ଓ ଧର୍ମ ପୁସ୍ତକ ଦାବି କରିଛନ୍ତି ତାହା ଏବେ ମଧ ସେଥିରେ ମିଳୁଅଛି ବା ନାହିଁ ।"

*(ହୁଜ୍ଜତୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୬୩,୬୪)*

ଏବଂ ଏହି କଥାର ପ୍ରମାଣ ଏପରି ଉପସ୍ଥାପନ କରାଯିବ ଯେ: "ଇସ୍‌ଲାମ ଧର୍ମର କୌଣସି ବ୍ୟକ୍ତି ସେହି ଶିକ୍ଷା ଓ ଲକ୍ଷଣ ମୁତାବକ ଯାହା ସମ୍ପୂର୍ଣ୍ଣ ମୁସଲ୍‌ମାନ ହେବାର ପବିତ୍ର କୋରାନ୍‌ରେ ମହଜୁଦ ଅଛି, ତା ମୁତାବକ ନିଜକୁ ପ୍ରମାଣିତ କରୁ । ଏବଂ ଯଦି ସେ ନ କରିପାରିବ ତେବେ ସେ ମିଥ୍ୟାଚାରୀ ଅଟେ ମୁସଲମାନ ନୁହେଁ । ଏବଂ ସେହିପରି ଇସାଇମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ସେହି ଶିକ୍ଷା ଓ ଲକ୍ଷଣ ମୁତାବକ ଯାହା ପବିତ୍ର ଇଞ୍ଜିଲ୍‌ରେ ମହଜୁଦ ରହିଛି, ନିଜକୁ ପ୍ରମାଣିତ କରି ଦେଖାଉ । ଯଦି ସେ ପ୍ରମାଣିତ ନ କରିପାରିବ ତେବେ ସେ ମିଥ୍ୟାଚାରୀ ଅଟେ ଇସାଇ ନୁହେଁ ।"

*(ହୁଜ୍ଜତୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୬୨)*

ଏହାର ଉତରରେ ୧୮ ଏପ୍ରିଲ୍ ୧୮୯୩ ମସିହାରେ ଚଣ୍ଡିୟାଲାର ଇସାଇମାନଙ୍କ ତରଫରୁ ଡ଼ାକ୍ତର କ୍ଲାର୍କ ଲେଖିଲେ ଯେ:

"ଆମର ଦାବି ଆପଣଙ୍କ ଉପରେ ନାହିଁ ବରଂ ଚଣ୍ଡିୟାଲାର ମୁହମଦିୟାନ୍ (ଅର୍ଥାତ ମସୁଲମାନ) ମାନଙ୍କ ଉପରେ । ଆମେ ଆପଣଙ୍କ ନିମନ୍ତ୍ରଣକୁ ଗ୍ରହଣ କରିବାକୁ ଅସମର୍ଥ ଅଟୁ । ଏବଂ ଏପର୍ଯ୍ୟନ୍ତ ଉତର ଅପେକ୍ଷାରେ ରହିଛୁ....... ଯଦି ସେମାନେ ଆପଣଙ୍କୁ ସ୍ୱୀକାର କରି ଏହି ଯଙ୍ଗେ ମୁକଦ୍ଦସ୍ (ପବିତ୍ର ଯୁଦ୍ଧ) ନିମନ୍ତେ ନିଜଆଡୁ ପେଶ୍ କରନ୍ତି ତେବେ ଆମର କୌଣସି ଅସୁବିଧା ନାହିଁ ବରଂ ଖୁସି ଲାଗିବ ।"

*(ହୁଜ୍ଜତୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୬୪)*

୨୩ ଏପ୍ରିଲ୍ ୧୮୯୩ ଦିନ ଏହି ଚିଠିର ଉତର ଦେଇ ପାଦ୍ରୀ ସାହେବଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲେଖିଲେ ଯେ ମୁଁ ନିଜର କିଛି ଆତ୍ମୀୟ ବନ୍ଧୁମାନଙ୍କୁ ପ୍ରତିନିଧି ରୂପେ ଚୟନ କରି ଆପଣଙ୍କ ନିକଟକୁ ପଠାଉଛି ଓ ଏ ଆଶା ରଖିଛି ଯେ ଏହି ପବିତ୍ର ଯୁଦ୍ଧ ନିମନ୍ତେ ଆପଣ ମତେ ମୁକାବିଲା କରିବା ପାଇଁ ମଞ୍ଜୁରୀ ଦେବେ । ଯେବେ ଆପଣଙ୍କର ପ୍ରଥମ ଚିଠିଟି ବନାମ ଚଣ୍ଡିୟାଲାର କିଛି ମୁସଲ୍‌ମାନମାନଙ୍କ ନିମନ୍ତେ ଥିଲା ଓ ତାହା ମତେ ମିଳିଲା, ଓ ମୁଁ ଯେବେ ଏ ବାକ୍ୟଟିକୁ ପଢ଼ିଲି ଯେ କିଏ ଅଛି ଯିଏ ଆମର ମୁକାବିଲା କରିବ, ସେତେବେଳେ ମୋ ରୁହ୍ (ଆତ୍ମା) କହି ଉଠିଲା ଯେ ହଁ ମୁଁ ଅଛି ଯାହା ହାତରେ ଖୁଦାତାଲା ମୁସଲ୍‌ମାନମାନଙ୍କୁ ବିଜୟ ପ୍ରଦାନ କରିବ ଓ ସତ୍ୟକୁ ପ୍ରକାଶ କରିବ । ଯେଉଁ ସତ୍ୟ ମତେ ମିଳିଛି ଏବଂ ଯେଉଁ ସୂର୍ଯ୍ୟ ଆମ ଭିତରେ ଉଦୟ ହୋଇଛି ତାହା ଏବେ ଗୁପ୍ତ ରହିବାକୁ ଚାହୁଁନାହିଁ । ମୁଁ ଦେଖୁଅଛି ଯେ ଏବେ ତାହା ଜୋର୍‌ଦାର କିରଣ ସହିତ ବାହାରିବ ଏବଂ ହୃଦୟ ଉପରେ ନିଜର ହାତ ପକାଇବ ଓ ନିଜ ଆଡ଼କୁ ଟାଣି ନେବ ।

ଏବଂ କହିଲେ:

"ଆପଣ ଜାଣିଛନ୍ତି ଯେ ଚଣ୍ଡିୟାଲାରେ କୌଣସି ପ୍ରଶିଦ୍ଧ ନାମିଦାମି ଫାଜିଲ୍ ନାହାନ୍ତି ତେଣୁ  ଏହା ଆପଣଙ୍କର ମାନ ସମ୍ମାନରୁ ଉର୍ଦ୍ଧରେ ଯେ ଆପଣ ସାଧାରଣ ଲୋକମାନଙ୍କ ସମ୍ମୁଖରେ ତର୍କ ବିତର୍କ କରିବେ । ଏହି ଅଧମ ବିଷୟରେ ଆପଣ ଜାଣିଛନ୍ତି ଯେ ଆପଣମାନଙ୍କ ମୁକାବିଲା କରିବା ପାଇଁ....... ବର୍ଷ ବର୍ଷ ହେବ କ୍ଷେତ୍ରରେ ଛିଡ଼ା ହୋଇଛି । ମୁଁ ଜାଣିବାରେ ଚଣ୍ଡିଆଲାରେ ଜଣେ ମଧ୍ୟ ନାହାନ୍ତି ଯିଏ କ୍ଷେତ୍ର ସିପାହୀ ବୋଲାଉଥିବ ।'

*(ହୁଜ୍ଜତୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୬୫)*

ଏବଂ ଆପଣ ଆ:ସ ଏକଥା ମଧ୍ୟ ସ୍ୱଷ୍ଟ କରିଦେଲେ ଯେ: "ଏହି ତର୍କ କେବଳ ମର୍ତ୍ତ୍ୟ ଭିତରେ ସୀମିତ ନ ରହୁ ବରଂ ଆକାଶ (ସ୍ୱର୍ଗ) ମଧ୍ୟ ତା ସହିତ ସାମିଲ ହେଉ ଏବଂ ମୁକାବିଲା କେବଳ ଏ ବିଷୟରେ ହେଉ କି ଆଧ୍ୟାତ୍ମିକ ଜୀବନ, ଆକାଶୀୟ ଗ୍ରହଣୀୟତା ଏବଂ ଦିବ୍ୟଜ୍ଞାନ କେଉଁ ଧର୍ମରେ ରହିଛି ମୁଁ ଓ ମୋ ପ୍ରତିଦ୍ୱନ୍ଦି ନିଜ ନିଜର ଧର୍ମ ପୁସ୍ତକର ପ୍ରଭାବକୁ ନିଜ ନିଜର ଅସ୍ତିତ୍ୱ ଦ୍ୱାରା ପ୍ରମାଣ କରିବେ ।" *(ହୁଜ୍ଜତୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୬୬)*

ହଜରତ ମସିହ ମଉଦ ଆ:ସଙ୍କ ପ୍ରତିନିଧି ମଣ୍ଡଳ ସେହି ଚିଠିଟିକୁ ନେଇ ଅମୃତସର ପହଂଚିଲେ ଏବଂ ଡ଼ାକ୍ତର ହେନେରୀ ମାର୍ଟିନ୍ କ୍ଲାର୍କଙ୍କ ସହିତ କଥା ହେଲେ । ତା'ପରେ ମୁନାଜିରାଃର ସର୍ତାବଳୀ ନିର୍ଣ୍ଣୟ ହେଲା । ୨୪ ଏପ୍ରିଲ୍ ୧୮୯୩ ଦିନ ଡ଼ାକ୍ତର କ୍ଲାର୍କ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିକଟକୁ ପତ୍ର ଲେଖିଲେ ଯେ:

"ଆପଣ ମହାଶୟ ମୁସଲ୍‌ମାନ ମାନଙ୍କ ତରଫରୁ ମତେ ମୁକାବିଲା କରିବା ପାଇଁ ନିମନ୍ତ୍ରଣ କରିଛନ୍ତି, ତାହା ମୁଁ ଖୁସିରେ ଗ୍ରହଣ କରୁଅଛି । ଆପଣଙ୍କ ପ୍ରତିନିଧି ମଣ୍ଡଳ ଆପଣଙ୍କ ତରଫରୁ ମୁବାହିସାଃର ଜରୁରୀ ସର୍ତାବଳୀମାନ ଫଏସଲା କରିସାରିଛନ୍ତି.......... ତେଣୁ ଆପଣ ଏତେଲା ଦିଅନ୍ତୁ ଯେ ଆପଣ ଏହି ସର୍ତାବଳୀ ଗୁଡ଼ିକୁ ଗ୍ରହଣ କରୁଛନ୍ତି କି ନାହିଁ ।"

*(ହୁଜ୍ଜତୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୬୬,୬୭)*

ହଜରତ ମସିହ ମଉଦ ଆ:ସ ୨୫ ଏପ୍ରିଲ୍ ୧୮୯୩ ଦିନ ପାଦ୍ରୀ ଡ଼ାକ୍ତର କ୍ଲାର୍କକୁ ଉତରରେ ଲେଖିଲେ ଯେ:

"ମୁଁ ସେହି ସମସ୍ତ ସର୍ତକୁ ମଞ୍ଜୁର କରୁଛି, ଯାହା ଉପରେ ଆପଣଙ୍କର ଓ ମୋ ସାଥିମାନଙ୍କର ଦସ୍ତଖତ ହୋଇସାରିଛି ।"

*(ହୁଜ୍ଜତୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୬୯)*

ମଞ୍ଜୁରୀ ଦେଇ ସେ ଏହା ମଧ୍ୟ ଲେଖିଲେ ଯେ ଏହି ମୁବାହିସାଃକୁ ଦୁଇ ଧର୍ମ ମଧ୍ୟରେ ନିଷ୍ପତିମୂଳକ କରିବା ପାଇଁ ଏହା ମଧ୍ୟ ଜରୁରୀ ଅଟେ ଯେ ଛଅ ଦିନର ମୁବାହିସାଃ ପରେ ସପ୍ତମ ଦିନ ଏକ ଆଧ୍ୟାତ୍ମିକ ମୁକାବିଲା ହେବ । ଏହା ମୁବାହିଲା ରୂପେ କରାଯିବ ଏବଂ ଦୁଇପକ୍ଷ ମୁବାହିଲାରେ ଏହି ଦୁଆ କରିବେ ।

"ଉଦାହରଣ ସ୍ୱରୁପ ଇସାଇ ପକ୍ଷ ଏହା କହୁ ଯେ ସେହି ଇସା ମସିହ ନାସ୍‌ରୀ ଯାହାଙ୍କ ଉପରେ ମୁଁ ଇମାନ୍ ଆଣୁଛି, ସେ ହେଉଛନ୍ତି ସେହି ଈଶ୍ୱର ଏବଂ କୁର୍‌ଆନ୍ ହେଉଛି ମନୁଷ୍ୟକୃତ, ଈଶ୍ୱରଙ୍କ ପୁସ୍ତକ ନୁହେଁ । ଯଦି ମୁଁ ଏହି କଥାରେ ସଚ୍ଚା ନୁହେଁ ତେବେ ମୋ ଉପରେ ବର୍ଷକ ମଧ୍ୟରେ ଅଜାବ (ଐଶିଦଣ୍ଡ) ଅବତୀର୍ଣ୍ଣ ହେଉ । ଏହାଦ୍ୱାରା ମୋର ଅପମାନିତ ହେବ ପ୍ରକାଶ ହୋଇଯିବ । ସେହିଭଳି ଏ ଅଧମ (ଅର୍ଥାତ ହଜରତ ମସିହ ମଉଦ ଆ:ସ) ଦୁଆ କରିବେ ଯେ ହେ ପୂର୍ଣ୍ଣ ଓ ମହାନ୍ ଈଶ୍ୱର ମୁଁ ଜାଣିଛି ଯେ ବାସ୍ତବିକ ଇସା ମସିହ ନାସ୍‌ରୀ ହେଉଛନ୍ତି ତୁମର ଭକ୍ତ ଓ ତୁମର ରସୁଲ୍ ସେ କଦାପି ଈଶ୍ୱର ନୁହନ୍ତି । ପବିତ୍ର କୁର୍‌ଆନ୍ ତୁମର ପବିତ୍ର ପୁସ୍ତକ ଏବଂ ମୁହମ୍ମଦ ମୁସ୍ତଫା ସ:ଆ:ସ ହେଉଛନ୍ତି ତୁମର ପ୍ରୀୟ ଓ ସମ୍ମାନୀୟ ରସୁଲ । ଯଦି ମୁଁ ଏକଥାରେ ସଚ୍ଚା ନୁହେଁ ତେବେ ମୋ ଉପରେ ବର୍ଷକ ମଧ୍ୟରେ ଏପରି ଅଜାବ୍ (ଐଶିଦଣ୍ଡ) ଅବତୀର୍ଣ୍ଣ କର ଯଦ୍ୱାରା ମୋର ଅପମାନ ପାଇଁ ଏହା ଯଥେଷ୍ଟ ହେବ ଯେ ଏକ ବର୍ଷ ମଧ୍ୟରେ ତୁମ ତରଫରୁ ମୋ ସମର୍ଥନରେ ଏପରି କୌଣସି ଐଶି ନିଦର୍ଶନ ପ୍ରକାଶ ନ ହେଉ ଯାହାର ମୁକାବିଲା କରିବାକୁ ସମସ୍ତ ବିରୋଧି ଅସମର୍ଥ ହେଉଥିବେ ।"

*(ହୁଜ୍ଜତୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୭୦)*

ଏହା ପରେ ହଜରତ ମସିହ ମଉଦ ଆ:ସ ସେହି ଇସ୍ତେହାର ଲେଖିଲେ ଯାହାର ବିଷୟବସ୍ତୁ ହେଉଛି:

"ଡ଼ାକ୍ତର ପାଦ୍ରୀ କ୍ଲାର୍କଙ୍କ ଯଙ୍ଗେ ମୋକଦ୍ଦସ୍ (ପବିତ୍ର ଯୁଦ୍ଧ) ଏବଂ ତାଙ୍କ ସହିତ ମୁକାବିଲା ପାଇଁ ଇସ୍ତେହାର" ଏଥିରେ ସଂକ୍ଷିପ୍ତରେ ମୁନାଜିରାଃ ପାଇଁ ଧାର୍ଯ୍ୟ ହୋଇଥିବା ସର୍ତବାଳୀଗୁଡ଼ିକର ଚର୍ଚ୍ଚା କରିବା ବ୍ୟତିତ ମୁବାହିସାଃ ପରେ ମୁବାହିଲା ଏବଂ ଐଶି ନିଦର୍ଶନ ଦେଖାଇବା ପାଇଁ ନିମନ୍ତ୍ରଣ ଦିଆଯାଇଅଛି ।

ମୁବାହିଲା ସମ୍ବନ୍ଧରେ ହଜୁର ଆ:ସ କହିଲେ:

"ତାହା କେବଳ ଏତିକି ଯଥେଷ୍ଟ ହେବ ଯେ ଦୁଇପକ୍ଷ ନିଜ ନିଜ ଧର୍ମର ସମର୍ଥନ ପାଇଁ ଖୁଦାତାଲାଙ୍କ ନିକଟରୁ ଆକାଶୀୟ ଚିହ୍ନ (ଅର୍ଥାତ ଐଶି ନିଦର୍ଶନ) ଚାହିଁବେ ଏବଂ ଏହି ନିଦର୍ଶନଗୁଡ଼ିକୁ ପ୍ରକାଶ ହେବାପାଇଁ ଏକ ବର୍ଷର ଅବଧି ଧାର୍ଯ୍ୟ କରାଯାଉ ପୁଣି ଯେଉଁ ପକ୍ଷର ସମର୍ଥନରେ କୌଣସି ଆକାଶୀୟ ନିଶାନ୍ (ଚିହ୍ନ) ପ୍ରକାଶ ହେବ ଓ ତାହା ମନୁଷ୍ୟର ଶକ୍ତିଠାରୁ ବଳୀୟାନ ଥିବ, ଯାହାର ମୁକାବିଲା ବିରୋଧି ପକ୍ଷ କରିପାରୁନଥିବ, ତେବେ ଏହା ଜରୁରୀ ହେବ ଯେ ପରାଜୟ କରିଥିବା ପକ୍ଷ ସେହି ପକ୍ଷର ଧର୍ମ ଗ୍ରହଣ କରିନେବ ଯାହାକୁ ଖୁଦାତାଲା ନିଜର ଆକାଶୀୟ ନିଦର୍ଶନ ଦ୍ୱାରା ବିଜୟ ପ୍ରଦାନ କରିଥିବେ । ଯଦି ଧର୍ମ ଗ୍ରହଣ କରିବାକୁ ଅସ୍ୱୀକାର କର ତେବେ ଜରୁରୀ ହେବ ଯେ ନିଜର ଅଧା ସମ୍ପତି ସେହି ସଚ୍ଚା ଧର୍ମକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ବିଜୟପ୍ରାପ୍ତ କରିଥିବା ଦଳକୁ ଦେଇଦେବ ।"

*(ହୁଜ୍ଜତୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୪୮)*

ପୁଣି କହିଲେ:

"ଯଦି ଏକ ବର୍ଷ ଭିତରେ ଦୁଇ ପକ୍ଷଙ୍କ ତରଫରୁ କୌଣସି ଐଶି ନିଦର୍ଶନ ପ୍ରକାଶ ନ ହେବ ବା ଦୁଇପକ୍ଷଙ୍କ ତରଫରୁ ପ୍ରକାଶ ହୋଇଯିବ ତେବେ ଏହି ଲେଖକ ପରିଶେଷରେ ନିଜକୁ ପରାଜିତ ହେବାର ସ୍ୱୀକାର କରିବ ଏବଂ ଏପରି ଦଣ୍ଡ ପାଇବାର ଯୋଗ୍ୟ ଜାଣିବ ଯାହା ବର୍ଣ୍ଣନା ହୋଇସାରିଛି*ଯେହେତୁ ମୁଁ ଖୁଦାତାଲାଙ୍କ ତରଫରୁ ମାମୁର୍ (ନିୟୋଜିତ) ହୋଇଛି ଏବଂ ବିଜେତା ହେବାର ସୁସମାଚାର ପାଇ ସାରିଛି, ତେଣୁ ଯଦି କୌଣସି ଇସାଇ ସାହେବ ମୋ ମୁକାବିଲାରେ ଆକାଶୀୟ ନିର୍ଦ୍ଦଶନ

ଦେଖାଇବେ ବା ମୁଁ ଏକ ବର୍ଷ ପର୍ଯ୍ୟନ୍ତ ନ ଦେଖାଇପାରେ ତେବେ ମୋର ମିଥ୍ୟାବାଦୀ ହେବା ପ୍ରକାଶ ହୋଇଯିବ....... ମୋ ସତ୍ୟତା ପାଇଁ ଏହା ଜରୁରୀ ଯେ ମୋ ତରଫରୁ ମୁବାହିଲା ପରେ ଏକବର୍ଷ ମଧ୍ୟରେ ନିଶ୍ଚିତରୂପେ ଐଶି ନିଦର୍ଶନ ପ୍ରକାଶ ହେଉ । ଯଦି ଚିହ୍ନ ପ୍ରକାଶ ନ ହେବ ତେବେ ମୁଁ ଖୁଦାଙ୍କ ତରଫରୁ ନୁହେଁ । ଏବଂ ନା କେବଳ ସେହି ଦଣ୍ଡ ମିଳୁ ବରଂ ମୃତ୍ୟୁଦଣ୍ଡ ପାଇବା ଯୋଗ୍ୟ ହେବି ।"

*(ହୁଜ୍ଜତୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୪୯)*

"ଆପଣ ଆ:ସ ନିଦର୍ଶନ ଦେଖାଇବ ବିଷୟରେ ଓ ମୁବାହିଲା ସମ୍ବନ୍ଧରେ ମୁବାହିସାଃ ଚାଲିଥିବା ସମୟରେ ପ୍ରତିବାଦୀମାନଙ୍କୁ ବାରମ୍ବାର ଧ୍ୟାନ ଆକର୍ଷଣ କରାଇଛନ୍ତି କିନ୍ତୁ ସେମାନଙ୍କ ମଧ୍ୟରୁ କେହି ହେଲେ ମଧ୍ୟ ଏହି ଆଧ୍ୟାତ୍ମିକ ମୁକାବିଲା ପାଇଁ ଆଗ୍ରହ ଦେଖାଇଲେ ନାହିଁ । ଅବ୍‌ଦୁଲ୍ଲାଃ ଆଥମ୍ ତ ନିଜ ଚିଠିରେ ସ୍ପଷ୍ଟଭାବେ ଲେଖି ଦେଲା କି:

"ଆମେ ଏକଥାରେ ବିଶ୍ୱାସ କରୁନାହୁଁ କି ପୁରୁଣା ଶିକ୍ଷା ନିମନ୍ତେ ନୂଆ ଐଶିଚମତ୍କାରର କିଛି ଆବଶ୍ୟକତା ଅଛି ବୋଲି । ତେଣୁ ଆମେ ଐଶିଚମତ୍କାରର କୌଣସି ଆବଶ୍ୟକତା ଓ ନା କୌଣସି ଶକ୍ତି ଆମ ଭିତରେ ଦେଖୁନାହୁଁ......... ସେ ଯାହା ହେଉ ଯଦି ଆପଣ ମହାଶୟ କୌଣସି ଐଶିଚମତ୍କାର ଦେଖାଇବାକୁ ଆଗ୍ରହ ରଖିଛନ୍ତି ତେବେ ଆମେ ତାହାକୁ ଦର୍ଶନା କରିବାପାଇଁ ଆଖି ବନ୍ଦ କରିବୁ ନାହିଁ ଏବଂ ନିଜ ଭୁଲର ସୁଧାର ଯେତେ ମାତ୍ରାରେ ଆପଣଙ୍କ ଐଶିଚମତ୍କାର ଦ୍ୱାରା ହୋଇପାରେ ତାହାକୁ ନିଜର ଧାର୍ଯ୍ୟ କର୍ତବ୍ୟ ବୋଲି ଜାଣିବୁ ।"

*(ହୁଜ୍ଜତୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୫୨)*

ହଜୁର ଆ:ସ ଯେଉଁ ସର୍ତ ଲଗାଇଥିଲେ ଅର୍ଥାତ ଐଶିନିଦର୍ଶନ ଦେଖିବା କ୍ଷଣି ହିଁ ତୁରନ୍ତ ମୁସଲମାନ ହୋଇଯିବାର ସର୍ତ ତାହାକୁ ମିଷ୍ଟର ଅବ୍‌ଦୁଲ୍ଲାଃ ଆଥମ୍ ନିଜର ଗୋଟିଏ ଚିଠି ଲିଖିତ ୯ ମଇ ୧୮୯୩ ମସିହାରେ ନିମ୍ନଲିଖିତ ବାକ୍ୟରେ ଗ୍ରହଣ କରିଛନ୍ତି:

"ଯଦି ଆପଣ ମହାଶୟ ବା ଅନ୍ୟ କୌଣସି ବ୍ୟକ୍ତି କୌଣସି ପ୍ରକାରେ ମଧ୍ୟ ଅର୍ଥାତ ବିଶ୍ୱାସଯୋଗ୍ୟ ଐଶିଚମତ୍କାରିତା ବା ଅଖଣ୍ଡ ପ୍ରମାଣ ଦ୍ୱାରା କୁର୍‌ଆନ୍‌ର ଶିକ୍ଷାକୁ ସୁନିଶ୍ଚିତ ଓ ପବିତ୍ର ପାଳନାକର୍ତାଙ୍କ ବିଶେଷ ଗୁଣ ଅନୁସାରେ ପ୍ରମାଣ କରିଦେବେ ତେବେ ମୁଁ ପ୍ରତିଜ୍ଞା କରୁଛି ଯେ ମୁଁ ମୁସଲାମାନ ହୋଇଯିବି ।"

*(ସଚ୍ଚାଇ କା ଇଜ୍‌ହାର, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୮୦)*

ମୁବାହିସାର ସର୍ତାବଳୀ ଧାର୍ଯ୍ୟ ହୋଇଗଲା । ଚଣ୍ଡିୟାଲାର ମୁସଲମାନମାନେ ନିଜର ସହମତ ପ୍ରକାଶ କରିଦେଲେ କିନ୍ତୁ ପାଦ୍ରୀ ଆଥମ୍ ଏବଂ ଅନ୍ୟାନ୍ୟ ପାଦ୍ରୀମାନଙ୍କୁ ଡ଼ାକ୍ତର କ୍ଲାର୍କଙ୍କ ଦ୍ୱାରା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ମୁନାଜିରାଃ କରିବାକୁ ମଞ୍ଜୁର କରିନେବା ପସନ୍ଦ ନଥିଲା । ସୁତରାଂ ଶେଖ୍ ନୂର୍ ଅହେମଦ୍ ସାହେବ୍

ରିୟାଜ୍ ହିନ୍ଦ ପ୍ରେସ୍ ଅମୃତସରର ମାଲିକ ନିଜର ପତ୍ରିକା "ନୂର୍ ଅହ୍‌ମଦ୍" ପୃଷ୍ଠା-୨୨ରେ ଲେଖୁଛନ୍ତି ଯେ ଯେତେବେଳେ ସେ ଓ ମିସ୍ତ୍ରୀ କୁତୁବୁଦ୍ଦିନ୍ ସାହେବ୍ ପାଦ୍ରୀ ଇମାନୁଦ୍ଦିନ୍ ସାହେବଙ୍କ ନିକଟରେ ଜାଣିବା ପାଇଁ ପହଂଚିଲେ ଯେ: "କେଉଁ ପାଦ୍ରୀ ସାହେବମାନେ ଇସାଇମାନଙ୍କ ତରଫରୁ ମୁନାଜିରାଃ କରିବା ପାଇଁ ଚୟନ ହୋଇଛନ୍ତି ଏବଂ ହଜ୍‌ରତ୍ ମିର୍ଜା ସାହେବଙ୍କ ସହିତ ପତ୍ର ବିନିମୟ କରିଛନ୍ତି । କଣ ଆପଣ ଏହି ମୁନାଜିରାଃ ରେ ଜଣେ ମୁନାଜିର୍ (ତର୍କଶାସ୍ତ୍ରୀ) ରୂପେ ପେଶ୍ ହେବେ । ଏଥିରେ ସେ କହିଲେ ଯେ ମୁଁ ତ ଏପରି ମୁନାଜିରାଃ (ତର୍କବିତର୍କ)କୁ ନିରର୍ଥକ ଭାବୁଛି । ମୁଁ କାହିଁକି ଏପରି କରିବାକୁ ଯିବି । ଏଥିରେ ମୁଁ ତାଙ୍କୁ ଚଣ୍ଡିୟାଲାର ଘଟଣା ଶୁଣାଇଲି । ସେ କହିଲେ ହେନେରୀ ମାର୍ଟିନ୍ କ୍ଲାର୍କ ବାଳକ ହେବ ।"

ଏବଂ ଯେବେ ସେ ହଜରତ ମସିହ ମଉଦ ଆ:ସଙ୍କ ପ୍ରତିନିଧିଙ୍କୁ, ଯେଉଁମାନଙ୍କୁ ସର୍ତବାଳୀ ନିର୍ଦ୍ଧାରିତ କରିବାପାଇଁ ହଜୁର ଆ:ସ ଅମୃତସର ପଠାଇଥିଲେ, ସେମାନଙ୍କୁ ରେଳଷ୍ଟେସନରୁ ଡ଼ାକ୍ତର କ୍ଲାର୍କଙ୍କ କୋଠିରେ ନେଇ ପହଂଚିଲେ, ଡ଼ାକ୍ତର କ୍ଲାର୍କ ସାହେବ ନିଜ ଅର୍ଦ୍ଦଳୀକୁ ବାରଣ୍ଡାରେ ଚଉକି ପକାଇବା ପାଇଁ ନିର୍ଦ୍ଦେଶ ଦେଲେ ଓ ନିଜେ ଆଉ ଗୋଟିଏ ବାଟ ଦେଇ ନିକଟରେ ଥିବା ଅବ୍‌ଦୁଲ୍ଲାଃ ଆଥମ୍‌ଙ୍କ କୋଠିକୁ ଗଲେ । ସେତେବେଳକୁ ମିଆଁ ମୁହମ୍ମଦ ବଖ୍‌ର ସାହେବ ପାନ୍ଧା ମଧ୍ୟ ଚଣ୍ଡିୟାଲାରୁ ଆସି ପହଂଚି ସାରିଥିଲେ । ଡ଼ାକ୍ତର କ୍ଲାର୍କ ବଖସ୍ ଆଥମ୍ ସାହେବଙ୍କୁ ଯାଇ କହିଲେ ଯେ:

"କାଦିୟାନ୍‌ରୁ କିଛି ଲୋକ ଜଲ୍‌ସା ମୁନାଜରାଃର ସର୍ତାବଳୀ ଓ ତାରିଖ ଇତ୍ୟାଦି ନିର୍ଦ୍ଧାରଣ କରିବାକୁ ଆସିଛନ୍ତି ତେଣୁ ଆପଣ ଆସି ତାରିଖ ଓ ସର୍ତାବଳୀ ଇତ୍ୟାଦି ନିର୍ଦ୍ଧାରଣ କରିଦିଅନ୍ତୁ । ଏକଥା ଶୁଣି ଆଥମ୍ ସାହେବ କାନରେ ହାତ ରଖି କହିଲେ ଡ଼ାକ୍ତର ସାହେବ! ଯଦି ଅଲଗା ଶହେଜଣ ମୌଲବୀ ହୋଇଥାନ୍ତେ ତାହେଲେ କିଛି ପରବାଏ ନଥିଲା କିନ୍ତୁ ତୁମେ ତ ବିରୁଡ଼ି ବସାରେ ହାତ ମାରିଦେଇଛ । ମିର୍ଜା କାଦିୟାନି ସାହିତ ମୁକାବିଲା କରିବା ସହଜ ନୁହେଁ ଭିଷଣ କାଠିକର ପାଠ । ତୁମେ ହିଁ ଏହି ବିଭ୍ରାଟ ଆରମ୍ଭ କରିଛ ତେଣୁ ତୁମେ ହିଁ ଏ କାମକୁ କର । ମୁଁ କଦାପି ଯିବି ନାହିଁ ଓ ନା ଏଥିରେ ସାମିଲ ହେବି । ଡ଼ାକ୍ତର ସାହେବ କହିଲେ ଇସାଇ ଜାତିର ତୁମେ ହିଁ ବୀର ତେଣୁ ତୁମେ ହିଁ ଏ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିପାରିବ, ତୁମ ଭରସାରେ ମୁଁ ଏ କାମ ଆରମ୍ଭ କରିଛି କିନ୍ତୁ ତୁମେ ଏହାକୁ ଅସ୍ୱୀକାର କରୁଛ ! ତୁମକୁ ନିଶ୍ଚିତ ରୂପେ ସାମିଲ ହେବାକୁ ପଡ଼ିବ । ପରିଶେଷରେ ୪୫ ମିନିଟ୍ କଥା ହେବାପରେ ସାନ୍ତ୍ୱନା ଦେଇ ଡ଼ାକ୍ତର ସାହେବ ଆଥମ୍ ସାହେବଙ୍କୁ ସାଥିରେ ନେଇ ଆସିଲେ । ଏହି ବାର୍ତାଳାପ ବିଷୟରେ ଅବ୍‌ଦୁଲ୍ଲାଃ ଆଥିମଙ୍କ ରୋଷେୟାଙ୍କ ନିକଟରୁ ପରେ ଜଣା ପଡ଼ିଲା । ଯେତେବେଳେ ଦୁଇଜଣଯାକ ଆସି ଚଉକିରେ ବସିଲେ ସେତେବେଳେ ଆଥମ୍ ସାହେବଙ୍କ ତରଫରୁ ଅଚାନକ ଏ ବାକ୍ୟ ବାହାରିଲା କି "ଆହାଃ ମୁଁ ମରିଗଲି" ତା'ପରେ ସର୍ତାବଳୀଗୁଡ଼ିକ ନିର୍ଦ୍ଧାରଣ କରାଗଲା ।"

*(ରିସାଲା ନୂର୍ ଅହମଦ୍, ପୃ-୨୪)*

ଯେତେବେଳେ ପାଦ୍ରୀ ଆଥମ୍ ସାହେବଙ୍କୁ ଅମୃତସର ଓ ବଟାଲାର ମୌଲବୀମାନେ ତାଙ୍କ କୋଠିରେ ଯାଇ ଏକଥା କହିଲେ ଯେ ତୁମେ ଅନ୍ୟ ଓ୍ୱଲେମାମାନଙ୍କ ସହିତ ତର୍କ କରିବାକୁ କାହିଁକି ରାଜି ହେଲନାହିଁ । ମିର୍ଜା ସାହେବଙ୍କ ସହିତ କାହିଁକି ତର୍କ କରିବାକୁ ଇଚ୍ଛା ପ୍ରକାଶ କଲ, ତାଙ୍କୁ ତ ସବୁ ଓ୍ୱଲେମାମାନେ କାଫିର୍ (ବିଧର୍ମୀ) କହୁଛନ୍ତି । ସୁତରାଂ ଏହା ଶୁଣି ସେ ଏ ଅବସରକୁ ଉଚିତ ସମୟ ବିବେଚନା କରି ଡ଼ାକ୍ତର କ୍ଲାର୍କଙ୍କୁ ଯାଇ କହିଲେ ଯେ "ମୁଁ ତ ପ୍ରଥମେ ହିଁ ଏହା କହିଥିଲି ଯେ ମିର୍ଜା ସାହେବଙ୍କ ସହିତ ବହସ୍ (ତର୍କ) କରିବା ସହଜ ନୁହେଁ ଏବେ ଭଲ ମଉକା ମିଳିଛି । ତେଣୁ ମିର୍ଜା ସାହେବଙ୍କୁ ମନା କରିଦିଅ ଓ ଏହି ମୌଲବୀ ମାନଙ୍କ ସହିତ ଅବଶ୍ୟ ମୁବାହିସା କରିନିଅ କୌଣସି ଅସୁବିଧା ନାହିଁ ।"

*(ରିସାଲା ନୂର ଅହେମଦ୍, ପୃ-୨୪)*

ଏଥିରେ ଡ଼ାକ୍ତର କ୍ଲାର୍କ ୧୨ ମଇ ୧୮୯୩ ଦିନ ଗୋଟିଏ ଇସ୍ତେହାର ଲେଖିଲେ । ତାହା "ନୂର ଅଫସାଁ" ପତ୍ରିକାର ଜମିମାରେ ୧୨ ମଇ ୧୮୯୩ ଦିନ ପ୍ରକାଶ ପାଇଲା । ଏହି ଇସ୍ତେହାରଟିକୁ ପ୍ରକାଶ କରିବାର ଉଦ୍ଦେଶ୍ୟ ତାଙ୍କର କେବଳ ଏତିକି ଥିଲା କି ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ସହିତ ମୁବାହିସା ନ ହେଉ । ଏହି ଉଦ୍ଦେଶ୍ୟ ରଖି ସେ ଚଣ୍ଡିୟାଲାର ମୁସଲମାନମାନଙ୍କୁ ହଜ୍‌ରତ୍ ମସିହ ମଉଦ ଆ:ସଙ୍କଠାରୁ ବିତୃଷ୍ଣାଭାବ ସୃଷ୍ଟି କରାଇବା ପାଇଁ ମୌଲବୀ ମୁହମ୍ମଦ ହୁସୈନ୍ ବଟାଲୁଭି ଏବଂ ଅନ୍ୟାନ୍ୟ ଓ୍ୱଲେମାମାନଙ୍କର ତକ୍‌ଫିରୀ ଫତ୍‌ୱା (ଅର୍ଥାତ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ଉପରେ କୁଫର୍‌ର ଫତ୍‌ୱା) ସମ୍ବନ୍ଧରେ ଚର୍ଚ୍ଚା କଲେ, ତାହା "ଇଶାଅତୁଲ୍ ସୁନ୍ନାଃ" ପତ୍ରିକାରେ ଛପାଯାଇ ପ୍ରକାଶ ହୋଇଥିଲା ଏବଂ "ଇଶାଅତୁଲ୍ ସୁନ୍ନାଃ"କୁ କିଣିବା ପାଇଁ ମଧ୍ୟ ଘୋଷଣା କରିଦେଲା ଯେ "କିତାବ ଇଶାଅତୁଲ୍ ସୁନ୍ନାଃ ଅନ୍‌ନବୱିୟା" ମୌଲବୀ ଅବୁ ସଇଦ୍ ମୁହମ୍ମଦ୍ ହୁସୈନ୍ ସାହେବଙ୍କଠାରୁ ମଗାଇ ଦେଖି ପାରନ୍ତି । ମୁଲ୍ୟ ୮ ଅଣା । ଲାହୋରରୁ ମିଳି ପାରିବ ।"

ଏହି ଇସ୍ତେହାରରେ ଡ଼ାକ୍ତର କ୍ଲାର୍କ ଚଣ୍ଡିୟାଲାର ମୁସଲମାନମାନଙ୍କୁ ସମ୍ବୋଧନ କରି ଲେଖିଛନ୍ତି:

"ଆପଣ ଏପରି ଜଣେ ବୁଜ୍‌ରୁଗ୍ (ସମ୍ମାନୀୟ ବ୍ୟକ୍ତି)ଙ୍କୁ ତର୍କ କରିବାପାଇଁ ପେଶ୍ କରୁଛନ୍ତି ଯାହାଙ୍କୁ ପ୍ରଥମତଃ ଜଣେ ମୁହମ୍ମଦୀ ବ୍ୟକ୍ତି ଭାବେ ବିବେଚନା କରିବା କଷ୍ଟକର । ଆପଣମାନେ କେଉଁ ଭାବନାରେ ଅଛନ୍ତି । କଣ ଆପଣମାନେ ପଞ୍ଜାବର ମୁସଲମାନ ଓ ହିନ୍ଦୁସ୍ତାନର ଓ୍ୱଲେମାମାନଙ୍କର ସେହି ଫତ୍‌ୱା ଦେଖିନାହାନ୍ତି ଯାହାକୁ ସେମାନେ ମିର୍ଜା ଗୁଲାମ୍ ଅହ୍‌ମଦ୍ ସାହେବ୍ କାଦିୟାନୀଙ୍କ ପାଇଁ ପ୍ରକାଶ କରିଛନ୍ତି ।"

ପୁଣି ଲେଖିଲେ: ଆପଣମାନେ କି ପ୍ରକାରର ଅଚେତନ ଅବସ୍ଥାରେ ଅଛନ୍ତି ଯେ ଏ ପର୍ଯ୍ୟନ୍ତ ଏହି ପୁସ୍ତକ (ଅର୍ଥାତ ଇଶାଅତୁଲ୍ ସୁନ୍ନାଃ-) କୁ ଦେଖିନାହାନ୍ତି । ଆପଣ ଧନ୍ୟ ଅଟନ୍ତି ଓ ଚଣ୍ଡିୟାଲାର ମୁସଲମାନମାନଙ୍କ ସାହାସକୁ ଧନ୍ୟ ।

ଯାହାଙ୍କ ଯନାଜାଃ ପଢ଼ିବା ମଧ୍ୟ ବୈଧ୍ ନୁହେଁ, ତାଙ୍କୁ ଆପଣମାନେ ଲିଡ଼ର ବନାଇଛନ୍ତି । ସାବାସ୍ ସାହେବ୍ ସାବାସ । ଆପଣମାନଙ୍କର ଏପରି ସୁଧାରଣା ।"

*✲ ଶେଖ୍ ନୂର ଅହେମଦ୍ ସାହେବଙ୍କୁ ମଧ୍ୟ ହଜ୍‌ରତ୍ ମସିହ ମଉଦ ଆ:ସ ପ୍ରତିନିଧି ମଣ୍ଡଳରେ ସାମିଲ କରିଥିଲେ ଯିଏ ସର୍ତାବଳୀ ନିର୍ଦ୍ଧାରଣ କରିବାପାଇଁ ହଜୁର ଆ:ସଙ୍କ ତରଫରୁ ଅମୃତସର ଯାଇଥିଲେ ଏବଂ ଶେଖ୍ ସାହେବ ହିଁ ଡ଼ାକ୍ତର କ୍ଲାର୍କ ସହିତ ସମୟ ଧାର୍ଯ୍ୟ କରି ପ୍ରତିନିଧି ମଣ୍ଡଳର ସଦସ୍ୟମାନଙ୍କୁ ଷ୍ଟେସନରୁ ହିଁ ନିଜ ସହିତ ସାଥିରେ ନେଇ ଡ଼ାକ୍ତର କ୍ଲାର୍କଙ୍କ କୋଠିରେ ପହଂଚିଥିଲେ । ଯେତେବେଳେ ହଜ୍‌ରତ୍ ମସିହ ମଉଦ ଆ:ସ ମୁବାହିସା ନିମନ୍ତେ ଅମୃତସରଠରେ ପହଂଚିଲେ ସେତେବେଳେ ସର୍ବ ପ୍ରଥମେ ତାଙ୍କ ଘରେ ହିଁ ପଦାର୍ପଣ କରିଥିଲେ । ପରେ ଖାନ୍ ମୁହମ୍ମଦ୍ ଶାହ୍ ସାହେବ୍ ରଇସ୍ ଅମୃତସରଙ୍କ ଜ୍ୱାଇଁ ହାଜି ମହମୁଦ୍ ସାହେବ ନିବେଦନ କଲେ କି ଆପଣ ଆ:ସ ତାଙ୍କ ଘରକୁ ଚାଲନ୍ତୁ । ଏଥିରେ ହଜୁର ଆ:ସ କହିଲେ ଯେ ଶେଖ୍ ନୂର୍ ଅହ୍‌ମଦ୍ ସାହେବଙ୍କ ନିକଟରୁ ଅନୁମତି ନିଅନ୍ତୁ । ସୁତରାଂ ଶେଖ୍ ସାହେବ୍ ହାଜି ମୁହମୁଦ୍ ସାହେବଙ୍କର ଅନୁମତି ନେବାରୁ ହଜୁର ତାଙ୍କ ଘରକୁ ଚାଲି ଯାଇଥିଲେ । ଅମୃତସରରେ ଶେଖ୍ ନୂର ଅହ୍‌ମଦ୍ ସାହେବ ହିଁ ଏହି ମୁନାଜିରାଃ ସମ୍ବନ୍ଧିତ କାର୍ଯ୍ୟବଳୀକୁ ସମ୍ପାଦନ କରୁଥିଲେ । ଶମସ୍*

*(ସଚ୍ଚାଇ କା ଇଜ୍‌ହାର, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୭୩)*

କିନ୍ତୁ ଚଣ୍ଡିୟାଲାର ମୁସଲମାନମାନେ ଏହି ଇସ୍ତେହାର ଦେଖି ଟିକିଏ ହେଲେ ବି ବଚଳିତ ହେଲେ ନାହିଁ ଏବଂ ମିଆଁ ମୁହମ୍ମଦ ବଖ୍‌ଶ ସାହେବ ପାଦ୍ରୀ ସାହେବମାନଙ୍କୁ ଅତ୍ୟନ୍ତ ଦୃଢ଼ତାର ସହିତ ଉତର ଦେଲେ । ଏବଂ ଲେଖିଲେ:

"କୌଣସି ଧର୍ମ ମତଭେଦରୁ ଖାଲି ନାହିଁ ଏବଂ ଇସାଇମାନେ ମଧ୍ୟ ଏଥିରୁ ବାଦ ନୁହନ୍ତି । ଆମେ ଏପରି ମୌଲବୀମାନଙ୍କୁ ମୁଫସିଦ୍ ଅର୍ଥାତ ବିଭ୍ରାଟକାରୀ ରୂପେ ଜାଣୁଛୁ ଯେ ସେମାନେ ଜଣେ ମୁସଲମାନ, ଇସଲାମ୍‌ର ସାହାଯ୍ୟକାରୀଙ୍କୁ କାଫିର୍ (ଅବିଶ୍ୱାସକାରୀ) ରୂପେ ଅଭିହିତ କରୁଛନ୍ତି ।"

*(ସଚ୍ଚାଇ କା ଇଜ୍‌ହାର, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୭୩-୭୪)*

ଏବଂ ହଜରତ ମସହି ମଉଦ ଆ:ସ ପାଦ୍ରୀମାନଙ୍କ ଉପରେ ସ୍ପଷ୍ଟ କରିଦେଲେ ଯେ ଆପଣଙ୍କ ଲେଖା ପ୍ରତିଶୃତି ଓ ଆପଣଙ୍କ ଦ୍ୱାରା ମଞ୍ଜୁରୀପ୍ରାପ୍ତ ସର୍ତାବଳୀ ଆମ ନିକଟରେ ଅଛି । ତେଣୁ ଏବେ ଆପଣମାନଙ୍କୁ ଆମ ସହିତ ବହସ୍ (ତର୍କ) କରିବାକୁ ହେବ ଅନ୍ୟଥା ପରାଜୟ ସ୍ୱୀକାର କରିବାକୁ ହେବ । ଯଦି ଆପଣମାନେ ଅନ୍ୟ ମୌଲବୀମାନଙ୍କ ସହିତ ବହସ୍ କରିବାକୁ ଚାହୁଁଛନ୍ତି ତେବେ ପ୍ରଥମେ ମଞ୍ଜୁର ହୋଇଥିବା ତର୍କରେ ପରାଜୟ ବରଣ କରିଛନ୍ତି ବୋଲି ଖବରକାଗଜରେ ଘୋଷଣା କରନ୍ତୁ ।

ଶେଷରେ ଯେତେବେଳେ ପାଦ୍ରୀମାନଙ୍କୁ ପଳାୟନ କରିବାପାଇଁ କୌଣସି ମାର୍ଗ ଦେଖାଗଲା ନାହିଁ ସେତେବେଳେ ନ ଚାହୁଁଥିଲେ ମଧ୍ୟ ମୁବାହିସା କରିବାର ପିତାପାଣି ପିଇବାକୁ ପଡ଼ିଲା । ମୁବାହିସାଃ ଡ଼ାକ୍ତର କ୍ଲାର୍କଙ୍କ କୋଠିରେ ଉଭୟପକ୍ଷଙ୍କ ଦ୍ୱାରା ମଞ୍ଜୁରୀ ପ୍ରାପ୍ତ ସର୍ତବାଳୀ ମୁତାବକ ୨୨ ମଇ ୧୮୯୩ ମସିହାରୁ ଆରମ୍ଭ ହୋଇ ୫ ଜୁନ୍ ୧୮୯୩ ମସିହାରେ ଶେଷ ହେଲା ।

ଏହି ଯଙ୍ଗେ ମୋକଦ୍ଦସ୍ ଯାହା କୃଶଭଙ୍ଗକାରୀ ଓ କୃଶ ସମର୍ଥନକାରୀଙ୍କ ମଧ୍ୟରେ ଅନୁଷ୍ଠିତ ହେଲା । ସେଥିରେ ଇସ୍‌ଲାମୀୟ ବୀର ବିଜେତା ହେଲେ ଓ କୃଶଭଙ୍ଗ ଏପରି ହେଲା କି ପୁଣି କୃଶ ଯୋଡ଼ି ହେବାର ଯୋଗ୍ୟ ରହିଲା ନାହିଁ । ମୁସଲମାନ ମାନେ ଖୁସୀ ହେଲେ ଓ କୃଶ ସମର୍ଥନକାରୀ (ଅର୍ଥାତ ଇସାଇ)ମାନଙ୍କ ମଧ୍ୟରେ ଶୋକ ଛାଇଗଲା ।

### ମସିହ ମଉଦଙ୍କ ଆଧ୍ୟାତ୍ମିକ ଅସ୍ତ୍ର

ହଦିସ୍‌ରେ ଆସିଛି ଯେ ମସିହ ମଉଦ ଦଜ୍ଜାଲ୍‌କୁ ନିଜ ଅସ୍ତ୍ର (ବର୍ଚ୍ଛା) ସାହାଯ୍ୟରେ ଗୋଟିଏ ପ୍ରହାରରେ ହତ୍ୟା କରିଦେବେ । ଆଉ ଏକ ହଦିସ୍‌ରେ ଆସୁଛି ଯେ ବାବେ ଲୁଦ୍ଦ ରେ ହତ୍ୟା କରିବେ । ଲୁଦ୍ଦ ହେଉଛି ଆରବୀ ଭାଷାରେ ଅଲଦ୍ଦାର ବହୁବଚନ ଅର୍ଥାତ ଏପରି ଲୋକେ ଯିଏ ଶାସ୍ତ୍ରାର୍ଥ ଯୁଦ୍ଧରେ ବିଜୟୀ ହେବେ । ସୁତରାଂ ଏଥିରେ ଏ ବିଷୟ ଇଙ୍ଗିତ ମିଳୁଛି ଯେ ମସହି ମଉଦ ଆ:ସ ଓ ତାଙ୍କ ସାଥିମାନେ ଦଜ୍ଜାଲ୍‌କୁ ମୁବାହିସାଃର ଦ୍ୱାରରେ ହତ୍ୟା କରିବେ । ସୁତରାଂ ଏହି ଭବିଷ୍ୟବାଣୀ ପୂର୍ଣ୍ଣ ବୈଭବର ସହିତ ପୁରଣ ହେଲା ।

କାସିରେ ସଲିବ (ଅର୍ଥାତ ଯୁକ୍ତିଯୁକ୍ତ ପ୍ରମାଣ ଦେଇ କୃଶଭଙ୍ଗ କରିଥିବା) ହଜ୍‌ରତ୍ ମସିହ ମଉଦ ଆ:ସ ମୁନାଜିରାଃର ପ୍ରାରମ୍ଭରେ ହିଁ ଏପରି ଏକ ପ୍ରହାର କଲେ ଯେ ସେଥିରେ ତାଙ୍କ ପ୍ରତିପକ୍ଷ ପାଦ୍ରୀ ଅବ୍‌ଦୁଲ୍ଲାଃ ଆଥମ ଏବଂ ତାଙ୍କର ସହଯୋଗୀମାନେ ଶେଷ ପର୍ଯ୍ୟନ୍ତ ଅଧମରା ହୋଇ ରହିଲେ । ଏଣୁ ତେଣୁ କଥା କହିବାକୁ ଲାଗିଲେ କିନ୍ତୁ ବାସ୍ତବିକ ଉତର ନା ତ ସେମାନେ ଦେଇପାରୁଥିଲେ ଓ ନା ଦେଲେ । ଆପଣ ଆ:ସଙ୍କର ତାହା ସଫଳ ପ୍ରହାର ଥିଲା । ଆପଣ ଆ:ସ କହିଲେ:

"ସ୍ପଷ୍ଟ ହେଉକି ଏହି ବହସ୍ (ତର୍କ)ରେ ଏକଥା ଅତ୍ୟନ୍ତ ଜରୁରୀ ହେବ କି ଆମ ତରଫରୁ ଯେଉଁ ପ୍ରଶ୍ନ ରଖାଯିବ ବା ଡ଼େପୁଟି ଅବ୍‌ଦୁଲ୍ଲାଃ ଆଥମ୍‌ଙ୍କ ତରଫରୁ କୌଣସି ଉତର ଦିଆଯିବ, ତାହା ନିଜ ମନରକଥା ନ ହେଉ ବରଂ ନିଜ ନିଜ ଧର୍ମର ଧର୍ମପୁସ୍ତକ ଭିତରୁ ହେଉ, ଯାହାକୁ ଦ୍ୱିତୀୟ ପକ୍ଷ ପ୍ରମାଣ ବୋଲି ବିବେଚନା କରୁଥିବ । ଏବଂ ସେହିପରି ପ୍ରତ୍ୟେକ ଦଲିଲ୍ (ପ୍ରମାଣ) ଓ ପ୍ରତ୍ୟେକ ଦାବୀ, ଯାହା ପେଶ୍ କରାଯିବ, ତାହାସବୁ ମଧ୍ୟ ତଦାନୁସାରେ ହେଉ । ସୁତରାଂ କୌଣସି ପକ୍ଷ ନିଜ ପୁସ୍ତକ (ଅର୍ଥାତ ଧର୍ମପୁସ୍ତକ)ରେ ବର୍ଣ୍ଣିତ ଥିବା କଥନ ବାହାରକୁ ନ ଯାଉ, ଯାହାର ବୟାନ ପ୍ରମାଣ ହୋଇପାରେ" ।

*ଯଙ୍ଗେ ମୋକଦ୍ଦସ୍, ରୁହାନୀ ଖଜାଇନ, ଖଣ୍ଡ-୬, ପୃ-୮୯)*

ସମ୍ପୂର୍ଣ୍ଣ ମୁବାହିସାଟିକୁ ଆରମ୍ଭରୁ ନେଇ ଶେଷ ପର୍ଯ୍ୟନ୍ତ ପଢ଼ିନିଅ, ଏକଥା ସ୍ପଷ୍ଟ ହୋଇଯିବ ଯେ ଇସାଇ ମୁନାଜିର୍ ଶେଷ ପର୍ଯ୍ୟନ୍ତ ଏହି ମାନଦଣ୍ଡକୁ ପୂରଣ କରିପାରିଲା ନାହିଁ ବରଂ ଅଶ୍ଚର୍ଯ୍ୟ ଲାଗୁଛି ଯେ ସେ ଦାବି ଓ ଦଲିଲ୍ ମଧ୍ୟରେ ଫରକ ମଧ୍ୟ କରିପାରିଲା ନାହିଁ । କିନ୍ତୁ ହଜ୍‌ରତ୍ ମସିହ ମଉଦ ଆ:ସ ପବିତ୍ର କୁର୍‌ଆନ୍‌ରୁ ଯେଉଁ ଦାବି ଉପସ୍ଥାପନ କଲେ, ତାହାର ସମର୍ଥନରେ ବୈଦ୍ଧିକ ପ୍ରମାଣ ମଧ୍ୟ ପବିତ୍ର କୁର୍‌ଆନ୍‌ରୁ ହିଁ ପେଶ୍ କଲେ ।

### ପାଦ୍ରୀମାନଙ୍କ ଅସ୍ତ୍ର

ହଜ୍‌ରତ୍ ମସିହ ମଉଦ ଆ:ସ ଯେତେବେଳେ ମୁନାଜିରାଃ ଚାଲିଥିବା ସମୟରେ ବାରମ୍ବାର ଏକଥା କହୁଥିଲେ ଯେ ଜୀବନ୍ତ ଧର୍ମକୁ ଚିହ୍ନିବାର ମାନଦଣ୍ଡ ହେଉଛି ତାଜା ନିଶାନ୍ (ନିଦର୍ଶନ) ଦେଖାଇବା ଓ ତତ୍‌ସହିତ ଏହା ମଧ୍ୟ ଯେ ବାଦିପକ୍ଷ ଯେଉଁ ପୁସ୍ତକକୁ ଐଶିପୁସ୍ତକ ବୋଲି ବିବେଚନା କରୁଥିବ, ସେଥିରେ ଜଣେ ବିଶ୍ୱାସକାରୀ ପାଇଁ ବର୍ଣ୍ଣନା ହୋଇଥିବା ଲକ୍ଷଣ ଗୁଡ଼ିକୁ ନିଜ ଅସ୍ତିତ୍ୱରେ ପ୍ରମାଣ କରି ଦେଖାଉ ତେବେ ଯାଇ ସେ ପକ୍କା ମୁସଲମାନ ବା ପକା ଇସାଇ ହୋଇପାରିବ । (ହହଜ୍‌ରତ୍ ମସିହ ମଉଦ ଆ:ସ) ସ୍ୱୟଂ ଦୃଢ଼ତାର ସହ ଏ ଦାବି ମଧ୍ୟ କଲେ ଯେ ପବିତ୍ର କୁର୍‌ଆନ୍‌ରେ ଜଣେ ବିଶ୍ୱାସକାରୀର ଯେଉଁ ଲକ୍ଷଣମାନ ବର୍ଣ୍ଣିତ ଅଛି, ମୁଁ ତାହା ନିଜ ଅସ୍ତିତ୍ୱରୁ ହିଁ ପ୍ରମାଣ କରି ଦେଖାଇବି । ଏବଂ ଏକ ବର୍ଷ ଭିତରେ ଯେଉଁ ପ୍ରକାରେ ଅଲ୍ଲାଃ ତାଲା ଚାହିଁବେ, ସେହିପ୍ରକାରର ନିଶାନ୍ (ନିଦର୍ଶନ) ଦେଖାଇବି, ଯାହାକୁ ଦେଖାଇବା ପାଇଁ ପ୍ରତିପକ୍ଷ କଦାପି ମଧ୍ୟ ସମର୍ଥ ହେବେ ନାହିଁ ।

ପାଦ୍ରୀ ଅବ୍‌ଦୁଲ୍ଲାଃ ଆଥମ୍ ମଧ୍ୟ ଉକ୍ତ ନିମନ୍ତ୍ରଣକୁ ଗ୍ରହଣ କରିବା ପାଇଁ ସଙ୍କୋଚ ଦେଖାଇଲେ କିନ୍ତୁ ଅନେକ ଦିନ ଚିନ୍ତା କରିବାପରେ ଏକ ବିଚାରମୂଳକ ଯୋଜନା ଅନ୍ତର୍ଗତ ନିଜ ଆଡୁ ଏପରି ଏକ ପ୍ରହାର କଲା କି ଯାହା ସମ୍ବନ୍ଧରେ ତାଙ୍କୁ ଏ ବିଶ୍ୱାସ ଥିଲା କି ଏହି ପ୍ରହାର ଦ୍ୱାରା ବିରୋଧୀପକ୍ଷ ନିଶ୍ଚିତରୂପେ ପରାଜୟ ବରଣ କରିବ ଓ ଆମେ ବିଜେତା ହେବୁ । ସେହି ପ୍ରହାରଟି ଏପରି ଥିଲା ଯେ ୨୬ ମଇ ୧୮୯୩ ମସିହା ଦିନ ମୁବାହିସା ଚାଲିଥିବା ସମୟରେ ପାଦ୍ରୀ ଅବ୍‌ଦୁଲ୍ଲାଃ ଆଥମ ଏ ବୟାନ ଲେଖାଇଲା ଯେ "ଆମେ ଇସାଇମାନେ ପୂରୁଣା ଶିକ୍ଷା ନିମନ୍ତେ ନୂଆ ଚମତ୍କାରର କୌଣସି ଆବଶ୍ୟକତା ମଣୁନାହୁଁ ଏବଂ ଆମେ ଏହାର ଶକ୍ତି ମଧ୍ୟ ରଖିନାହୁଁ......... ଏବଂ ଐଶି ନିଦର୍ଶନ ଦେଖାଇବାର ଦାବି ଆମେ ମଧ୍ୟ କରିନାହୁଁ କିନ୍ତୁ ଆପଣ ମହାଶୟଙ୍କୁ (ଅର୍ଥାତ ହଜ୍‌ରତ୍ ମସିହ ମଉଦ ଆ:ସଙ୍କୁ) ଏହାର ଅଭିମାନ ଅଛି (ତେଣୁ) ଆମେ ମଧ୍ୟ ଚମତ୍କାର ଦେଖିବାକୁ ମନା କରିବୁ ନାହିଁ ।"

"ତେଣୁ ଆମେ ଏହି ତିନିଜଣ ବ୍ୟକ୍ତିଙ୍କୁ ଉପସ୍ଥାପନ କରୁଅଛୁ, ସେମାନଙ୍କ ମଧ୍ୟରୁ ଜଣେ ହେଉଛି ଅନ୍ଧ, ଜଣେ ଛୋଟା ଓ ଜଣେ ମୂକ । ଏମାନଙ୍କ ମଧ୍ୟରୁ ଯାହାକୁ ଆପଣ ଚାହୁଁଛନ୍ତି ତାକୁ ଠିକ୍ କରିଦିଅନ୍ତୁ । ଏହି ଚମତ୍କାରକୁ ଦେଖିବା ପରେ ଆମପାଇଁ ଯାହା ଧାର୍ଯ୍ୟ କରାଯିବ ଆମେ ତାହା ପାଳନ କରିବୁ । ଆପଣ ନିଜ କହିବା ଅନୁସାରେ ଏପରି ଖୁଦାଙ୍କୁ ବିଶ୍ୱାସ କରୁଛନ୍ତି ଯିଏ କହିବାକୁ ସମର୍ଥ ନୁହେଁ କିନ୍ତୁ ଯଦି ବାସ୍ତବରେ ସମର୍ଥ ତେବେ ସେ ସେମାନଙ୍କୁ ଠିକ୍ ମଧ୍ୟ କରିପାରିବ । ପୁଣି ଏଥିରେ ହେଳା କରିବାର କଣ ଆବଶ୍ୟକ ଅଛି । ଏହା ଆପଣଙ୍କ କହିବା ମୁତାବକ ସତ୍ୟବାଦୀଙ୍କ ସହିତ ଏପରି ନିଶ୍ଚିତ ହେବ । ତେଣୁ ଆପଣ ଅଲ୍ଲାଃଙ୍କ ପ୍ରାଣୀମାନଙ୍କ ଉପରେ ଦୟା କରନ୍ତୁ, ଶିଘ୍ର କରନ୍ତୁ । ଆପଣଙ୍କୁ ଏ ଖବର ମିଳିଥିବ ଯେ ଆଜି ଏପରି ମାମଲା ହେବାକୁ ଅଛି । ଯେଉଁ ଖୁଦା ଆପଣଙ୍କୁ ଏ ଖବର ଦେଇସାରିଛନ୍ତି ଯେ ସେ ଏହି ଯୁଦ୍ଧକ୍ଷେତ୍ରରେ ତୁମକୁ ବିଜୟ ଲାଭ ପ୍ରଦାନ ଦେବେ ବୋଲି, ସେ ତତ୍‌ସହିତ ଏହା ମଧ୍ୟ ବତାଇ ଦେଇଥିବେ ଯେ ଏଠାରେ ଅନ୍ଧ ଓ ଅନ୍ୟାନ୍ୟ ଭିନ୍ନକ୍ଷମମାନେ ଉପସ୍ଥିତ ହେବେ । ସୁତରାଂ ସମସ୍ତ ଇସାଇ ଓ ମୁହମ୍ମଦ ସ:ଆ:ସଙ୍କ ଅନୁଯାୟୀମାନଙ୍କ ସମ୍ମୁଖରେ ବର୍ତମାନ ନିଜର ଚ୍ୟାଲେଞ୍ଜକୁ ପୂରଣ କରନ୍ତୁ ।

*(ଯଙ୍ଗେ ମୋକଦ୍ଦସ୍, ରୁହାନୀ ଖଜାଇନ୍ ଖଣ୍ଡ-୬, ପୃ-୧୫୦-୧୫୧*

ପ୍ରତିବାଦୀଙ୍କ ତରଫରୁ କରାଯାଇଥିବା ଏହି ପ୍ରହାର କାସିରେ ସଲିବ (ଅର୍ଥାତ କୃଶଭଙ୍ଗକାରୀ)ଙ୍କ ପାଇଁ ଅନେକ ସମର୍ଥକ ଓ ବିରୋଧମାନଙ୍କ ସମ୍ମୁଖରେ ବିଲ୍‌କୁଲ୍ ଏପରି ଥିଲା ଯେପରି ହଜରତ ମୁସା ଆ:ସଙ୍କ ବିପକ୍ଷରେ ଯାଦୁଗର୍‌ମାନେ ନିଜ ନିଜର ବାଡ଼ି / ଠେଙ୍ଗା ଓ ରସିକୁ ଉପସ୍ଥିତ ଲୋକମାନଙ୍କ ସମ୍ମୁଖରେ ଫିଙ୍ଗି ଦେଇଥିଲା । ଯାହା ସବୁ ଲୋକମାନଙ୍କୁ ହର୍‌କତ୍ କରୁଥିବାର ଦେଖାଯାଉଥିଲା । ଏହାକୁ ପେଶ୍ କରି ଯାଦୁଗରମାନେ ନିଜକୁ ନିଜେ ଜିତି ଯିବାର ଘୋଷଣା କରଇେଥିଲେ । ଫଳତଃ ହଜ୍‌ରତ୍ ମୁସା ଆ:ସଙ୍କ ହୃଦୟରେ ମଧ୍ୟ ଭୟ ସୃଷ୍ଟି ହୋଇଯାଇଥିଲା ଯେ କେବଳ ଲୋକମାନଙ୍କ ଉପରେ ତାଙ୍କର ସେହି ଯାଦୁ ପ୍ରଭାବ ପକାଇ ସତ୍ୟତା ସନ୍ଦେହ ଭିତରେ ନ ରହିଯାଉ । ଏହି ସମୟରେ ଅଲ୍ଲାଃ ତାଲା ତାକୁ ନିଜର ବାଡ଼ି (ହାତରେ ଧରିଥିବା ଆଶାବାଡ଼ି)ଟିକୁ ଫିଙ୍ଗିବା ପାଇଁ ନିର୍ଦ୍ଦେଶ ଦେଲେ ଓ ଏ ସୁସମାଚାର ମଧ୍ୟ ଦେଲେ ଯେ ତୁମେ ହିଁ ବିଜୟ ଲାଭ କରିବ ଓ ସଫଳ ହେବ । କିନ୍ତୁ ଏଠାରେ ମୁବାହିସାକୁ ଶୁଣୁଥିବା ଲୋକମାନଙ୍କ ମନରେ କଣ କିଛି ଭୟ ଓ ସଂଶୟ ସୃଷ୍ଟି ହୋଇଥାଇପାରେ ଓ ସେମାନେ ଭାବୁଥିବେ ଯେ ଏହି ପ୍ରହାରର ସେ (ଅର୍ଥାତ ହଜ୍‌ରତ୍ ମସିହ ମଉଦ ଆ:ସ) କଣ ଉତର ଦେଇପାରିବେ । ଇସାଇମାନେ ତ ମନେ ମନେ ବହୁତ ଖୁସୀ ଅନୁଭବ କରୁଥିଲେ ଯେ ଆମେ ଏପରି ପ୍ରହାର କରିଛୁ କି ଏହା ଫଳରେ ନିଶ୍ଚିତ ରୂପେ ଆମର ବିଜୟ ହେବ । କିନ୍ତୁ ଅଲ୍ଲାଃ ତାଲାଙ୍କ ସିଂହ ଯିଏ ପୂର୍ବରୁ ହି ନିଜର ଜିବନ୍ତ ଓ ଶକ୍ତିଶାଳୀ ଖୁଦାଙ୍କ ନିକଟରୁ

ଏହି ଯୁଦ୍ଧରେ ବିଜୟପ୍ରାପ୍ତ କରିବାର ସୁସମାଚାର ପାଇ ସାରିଥିଲେ, ସେ ବିଲ୍‌କୁଲ୍ ଶାନ୍ତିରେ ବସି ରହିଥିଲା । ତାଙ୍କ ଚେହେରାରେ କୌଣସି ପ୍ରକାର ଅପ୍ରସନ୍ନତାର ଚିହ୍ନ ନଥିଲା ବରଂ ବହୁତ ଉତ୍ସୁକତାର ସହିତ ନିଜ ସମୟକୁ ଅପେକ୍ଷା କରି ବସିଥିଲା ଯଦ୍ୱାରା ପାଦ୍ରୀମାନଙ୍କ କୁଚକ୍ରାନ୍ତ ଯୋଜନାକୁ ଖଣ୍ଡ ବିଖଣ୍ଡିତ କରି ଦେଖାଇଦେବ । ସୁତରାଂ ଯେତେବେଳେ ପାଦ୍ରୀ ଆଥମ ନିଜର ବୟାନ ଲେଖାଇ ସାରିଲେ ଓ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ବୟାନ ଲେଖିବାର ସମୟ ଆସିଲା ସେତେବେଳେ ଆପଣ ଆ:ସ ଅତ୍ୟନ୍ତ ପ୍ରତାପର ସହିତ ନିଜର ବୟାନ ଲେଖାଇବା ଆରମ୍ଭ କଲେ । ଆପଣ ଆ:ସ କହିଲେ ଯଦି ଆପଣମାନେ ସଚ୍ଚା ଇସାଇ ଅଟନ୍ତି ତେବେ ବତାନ୍ତୁ ଯେ: "ହଜ୍‌ରତ୍ ଇସା ଆ:ସ ଆପଣଙ୍କ ଧର୍ମରେ ମୋକ୍ଷ ପାଇବା ପାଇଁ ଯେଉଁ ଲକ୍ଷଣ ବତାଇଛନ୍ତି ବା ପ୍ରକୃତ ଧର୍ମ ବିଶ୍ୱାସୀମାନଙ୍କ ପାଇଁ ଯେଉଁ ନିଦର୍ଶନ ଦେଖାଇବାର କଥା ଲେଖିଛନ୍ତି ତାହା ଆପଣମାନଙ୍କ ନିକଟରେ କେଉଁଠି ଅଛି । ଉଦାହରଣ ସ୍ୱରୁପ ଯେପରି ମରକସ୍ ୧୬/ ୧୭ ରେ ଲେଖାଯାଇଛି: "ଯେଉଁମାନେ ଇମାନ୍ ଆଣିବେ ସେମାନଙ୍କ ସହିତ ଏପରି ଲକ୍ଷଣ/ନିଦର୍ଶନ ରହିବ.......... ସେମାନେ ରୋଗୀମାନଙ୍କ ଶରୀରରେ ହାତ ରଖିବା କ୍ଷଣି ରୋଗୀମାନେ ଠିକ୍ ହୋଇଯିବେ ।"

"ତେଣୁ ଏବେ ମୁଁ ବିନମ୍ରତାର ସହିତ ନିବେଦନ କରୁଛି ଯେ ଯେଉଁ ତିନିଜଣ ଭିନ୍ନକ୍ଷମ ରୋଗୀମାନଙ୍କୁ ଆପଣ ଉପସ୍ଥାପନ କରିଛନ୍ତି, ଏହି ଲକ୍ଷଣଗୁଡ଼ିକ ସମ୍ୱନ୍ଧରେ ତ ବିଶେଷରୂପେ ଇସାଇମାନଙ୍କ ନିମନ୍ତେ ହଜରତ ଇସା ଆ:ସ ପ୍ରତିପାଦନ କରିବା ପାଇଁ ଅଭିହିତ କରିଛନ୍ତି ଏବଂ ଏକଥା କହିଛନ୍ତି ଯେ ଯଦି ତୁମେ ସଚ୍ଚା ଇମାନ୍‌ଦାର ତେବେ ତୁମର ଏହି ଲକ୍ଷଣ/ଚିହ୍ନ ହେବା ଉଚିତ ଯେ ତୁମେ ଏହି ରୋଗୀମାନଙ୍କ ଉପରେ ହାତ ରଖିବା କ୍ଷଣି ଏମାନେ ଠିକ୍ ହୋଇଯିବେ । ଏ ଶବ୍ଦ ବ୍ୟବହାର କରିବା ଯୋଗୁଁ ଯଦି କଷ୍ଟ ହେଉଥିବ ତା'ହେଲେ ମୁଁ କ୍ଷମା ମାଗୁଛି । ଯଦି ତୁମେ ସଚ୍ଚା ଇମାନ୍‌ଦାର (ବିଶ୍ୱାସୀ) ହେବାର ଦାବି କରୁଛନ୍ତି ତେବେ ବର୍ତମାନ ଆପଣମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ତିନି ଜଣ ମହଯୁଦ୍ ଅଛନ୍ତି । ଆପଣ ସେମାନଙ୍କ ଉପରେ ହାତ ରଖି ଦିଅନ୍ତୁ, ଯଦି ସେମାନେ ଠିକ୍ ହୋଇଯିବେ ତେବେ ଆମେ ସ୍ୱୀକାର କରିନେବୁ ଯେ ନିଶ୍ଚିତରୂପେ ଆପଣମାନେ ହେଉଛନ୍ତି ଇମାନ୍‌ଦାର ଓ ମୋକ୍ଷ ପ୍ରାପ୍ତକାରୀ ନିଚେତ କିଛି ସ୍ୱୀକାର କରିବାର ମାର୍ଗ ନାହିଁ କାରଣ ହଜ୍‌ରତ୍ ମସିହ ଆ:ସ ତ ଏହା ମଧ୍ୟ କହିଛନ୍ତି ଯେ ଯଦି ତୁମମାନଙ୍କଠାରେ ଶୋରିଷ ଦାନା ସମାନ ଇମାନ (ବିଶ୍ୱାସ) ଥା'ନ୍ତା ତେବେ ଯଦି ତୁମେ ପାହାଡ଼କୁ ଏହା କହିଥାନ୍ତ ଯେ ଏଠାରୁ ଚାଲିଯାଅ ବୋଲି ତେବେ ତାହା ଚାଲିଯାଇଥାନ୍ତା । ସେ ଯାହା ହେଉ ମୁଁ ଏଠାରେ ପାହାଡ଼କୁ ସ୍ଥାନ ପରିବର୍ତନ କରିବାପାଇଁ ଏଠାରେ ଆପଣଙ୍କ କହିବାକୁ ଚାହୁଁନାହିଁ କାରଣ ଆମ ଏଠାରୁ ତାହା ଦୂରରେ ଅବସ୍ଥିତ କିନ୍ତୁ ଏଠାରେ ବହୁତ ଭଲ ଅବସର ମିଳିଯାଇଛି ଯେ ରୋଗୀମାନଙ୍କୁ ଆପଣ ହିଁ ଏଠାରେ ପେଶ୍ କରିଛନ୍ତି, ତେଣୁ ଏବେ ଆପଣ ନିଜେ ତାଙ୍କ ଶରୀରରେ ହାତ ରଖି ସେମାନଙ୍କୁ ଠିକ୍ କରି ଦେଖାଓ । ନଚେତ ଶୋରିଷ ଦାନା ସମ ଇମାନ୍ ମଧ୍ୟ ତୁମ ହାତରୁ ଚାଲିଯିବ ।

କିନ୍ତୁ ଆପଣ ଏହା ଜାଣିରଖନ୍ତୁ ଯେ ଏହି ଆରୋପ ଆମ ଉପରେ ଲାଗୁ ହୋଇପାରିବ ନାହିଁ କାରଣ ମହିମାମୟ ଅଲ୍ଲାଃ ପବିତ୍ର କୁର୍‌ଆନ୍‌ରେ ଆମ ପାଇଁ ଏହି ଲକ୍ଷଣ/ ନିଦର୍ଶନ ରଖିନାହାନ୍ତି ଯେ ତୁମର ଏହି ବିଶେଷତା କି ଯେବେ ତୁମେ ରୋଗୀମାନଙ୍କ ଉପରେ ହାତ ରଖିବ ସେମାନେ ସୁସ୍ଥ ହୋଇଯିବେ । ହଁ ଏକଥା (ଅଲ୍ଲାଃ) କହିଛନ୍ତି ଯେ ମୁଁ  ନିଜ ଇଚ୍ଛା ଅନୁସାରେ ତୁମ ଦୁଆ / ପ୍ରାର୍ଥନା କୁ ଗ୍ରହଣ କରିବି । ଅତି କମ୍‌ରେ ଯଦି ଗୋଟିଏ ଦୁଆ ଗ୍ରହଣୀୟ ହେବାର ଯୋଗ୍ୟ ନଥିବ ଓ ଈଶ୍ୱରଙ୍କ କାର୍ଯ୍ୟର ବିରୋଧ ହେଉଥିବ ତେବେ ସେଥିରେ ଏତେଲା ଦେଇ ଦିଆଯିବ । ଏପରି କେଉଁଠି କହିନାହାନ୍ତି ଯେ ତୁମକୁ ଏ ଅଧିକାର ଦିଆଯାଇଛି ଯେ ତୁମେ ନିଜ ଇଚ୍ଛା ଅନୁସାରେ ଯାହା ଚାହଁ ତାହା କର । କିନ୍ତୁ ମସିହଙ୍କର ତ ଏ ହୁକୁମ୍ ରୁ ଜଣା ପଡୁଛି ଯେ ସେ ରୋଗୀମନଙ୍କୁ ଠିକ୍ କରିଦେବା ପାଇଁ ନିଜ ଅନୁଗାମୀମାନଙ୍କୁ ଅଧିକାର ପ୍ରଦାନ କରିଛନ୍ତି ଯେମିତି **ମତା ୧୦ ବାବ୍ ୧** ରେ ଲେଖାଯାଇଛି.......... ଏବେ ଏହା ଆପଣଙ୍କର କର୍ତବ୍ୟ ହେବ ଓ ଆପଣଙ୍କ ଇମାନ୍‌ଦାରୀର ଲକ୍ଷଣ ରୂପେ ଜରୁରୀ ହୋଇଯାଇଛି ଯେ ଆପଣ ଏହି ରୋଗୀମାନଙ୍କୁ ଠିକ୍ କରି ଦେଖାଇ ଦିଅନ୍ତୁ ଅଥବା ଏକଥା ସ୍ୱୀକାର କରିନିଅନ୍ତୁ ଯେ ଗୋଟିଏ ଶୋରିଷ ଦାନା ସମ ଇମାନ ଆମଠାରେ ନାହିଁ ।........... ଏବଂ ଆପଣଙ୍କର ଏ ବିଶ୍ୱାସ ଅଛି ଯେ ଏବେ ମଧ୍ୟ ହଜ୍‌ରତ୍ ମସିହ ମଉଦ ଆ:ସ ଜୀବିତ, ଚିରସ୍ଥାୟୀ, ସର୍ବଶକ୍ତିମାନ ଓ ସର୍ବଜ୍ଞ ଆପଣଙ୍କ ସହିତ ଦିନରାତି ଅଛନ୍ତି, ଯାହା ଆଶା କରିବ ତାହା ସେ ଦେଇପାରିବେ । ତେଣୁ ଆପଣ ହଜ୍‌ରତ୍ ମସିହଙ୍କ ନିକଟରେ ନିବେଦନ କରନ୍ତୁ ଯେ ଏହି ତିନିଜଣ ରୋଗୀଙ୍କ ଆପଣଙ୍କ ହାତ ରଖିବା କ୍ଷଣି ଠିକ୍ କରି ଦିଅନ୍ତୁ ଯଦ୍ୱାରା ଆପଣଙ୍କଠାରେ ବିଶ୍ୱାସର ଚିହ୍ନ ବାକି ରହିଯିବ ନଚେତ ଏହା ତ ଉଚିତ ନୁହେଁ ଯେ ଗୋଟିଏ ପଟେ ତ ସତ୍ୟବାଦୀଙ୍କ ସହିତ ଜଣେ ଇସାଇ ହିସାବରେ ମୁବାହିସା କରୁଥିବେ କିନ୍ତୁ ଯେତେବେଳେ ଜଣେ ସଚ୍ଚା ଇସାଇ ହେବାର ସନ୍ତକ ମଗାଯାଏ ତେବେ ଏକଥା କହୁଥିବେ ଯେ ଆମଠାରେ ଏହାର ଶକ୍ତି ନାହିଁ । ଏହି ବୟାନ୍ ଦେଇ ଆପଣ ନିଜ ସପକ୍ଷରେ ଏ ଡ଼ିଗ୍ରୀ ହାସଲ କରୁଛନ୍ତି ଯେ ଆପଣଙ୍କ ଧର୍ମ ବର୍ତମାନ ଜୀବନ୍ତ ଧର୍ମ ନୁହେଁ । କିନ୍ତୁ ଖୁଦାତାଲା ଆମାପାଇଁ ଆମ ସଚ୍ଚା ଇମାନ୍‌ଦାର ହେବାର ଯେଉଁ ସନ୍ତକ ରଖିଛନ୍ତି ତା ମୁତାବକ ଆମେ ନିଶାନ୍ (ନିଦର୍ଶନ) ଦେଖାଇବା ପାଇଁ ପ୍ରସ୍ତୁତ ଅଛୁ । ଯଦି ନିଶାନ୍ ନ ଦେଖାଇପାରିବୁ ତେବେ ଯେଉଁ ଦଣ୍ଡ ଦେବାକୁ ଚାହିଁବେ ଦେଇ ପାରିବେ ଏବଂ ଆମ ବେକରେ ଯେଉଁ ଭଳି ଚାହିଁବେ ଛୁରୀ ଘସିପାରିବେ ।"

*(ଯଙ୍ଗେ ମୋକଦ୍ଦସ୍, ରୁହାନୀ ଖଜାଇନ୍ ଖଣ୍ଡ-୬, ପୃ-୧୫୩-୧୫୫)*

ଏବଂ ଆପଣ ଏହା ମଧ୍ୟ କହିଲେ ଯେ ସ୍ୱୟଂ ହଜ୍‌ରତ୍ ମସିହ ମଉଦ ଆ:ସ ମଧ୍ୟ ନିଜ ଇଚ୍ଛା ଅନୁସାରେ ନିଶାନ୍ ଦେଖାଇବାକୁ ଅସମର୍ଥ ଯେମିତି ମର୍‌କସ୍ ୧୧,୧୨/ ୮ ରେ ଲେଖାଯାଇଅଛି:

"ତା'ପରେ ଫରୈସି ବାହାରିଲେ ଏବଂ ତା ସହିତ ଯୁକ୍ତି କରି ଅର୍ଥାତ ଯେମିତି ଏବେ ମୋ ସହିତ ତର୍କ ଯୁକ୍ତିତର୍କ କରାଗଲ, ତା'ର ପରୀକ୍ଷା ନେବା ପାଇଁ ଆକାଶରୁ କିଛି ନିଶାନ୍ / ଲକ୍ଷଣ / ଚିହ୍ନ ଦେଖିବାକୁ ଇଚ୍ଛା କଲେ । ସେ ମନ ଭିତରେ ଆଃ ! କହି କହିଲା ଯେ ଏ ଯୁଗର ଲୋକମାନେ କାହିଁକି ନିଶାନ୍ ମାଗୁଛନ୍ତି । ମୁଁ ତୁମକୁ ସତ୍ୟ କହୁଅଛି ଯେ ଏ ଯୁଗର ଲୋକମାନଙ୍କୁ କୌଣସି ନିଶାନ୍ ଦିଆଯିବ ନାହିଁ ।......... ପୁଣି ଆ'ଠାରୁ ଅଧିକା ଆଉ ଏକ ସ୍ଥାନ ଦେଖନ୍ତୁ ଯେ ଯେତେବେଳେ ମସିହ ଆ:ସଙ୍କୁ କୃଶ ଉପରେ ଲଟକାଇ ଦିଆଗଲା ସେତେବେଳେ ଇହୁଦୀମାନେ ଏକଥା କହୁଥିଲେ ଯେ ଇଏ (ଅର୍ଥାତ ମସିହ) ଅନ୍ୟମାନଙ୍କୁ ବଂଚାଇଛନ୍ତି କିନ୍ତୁ ନିଜକୁ ବଂଚାଇ ପାରୁନାହାନ୍ତି । ଯଦି ଇଏ ଇସ୍‌ରାଇଲି ସମ୍ରାଟ ତେବେ ବର୍ତମାନ କୃଶରୁ ଓହ୍ଲାଇ ଆସନ୍ତୁ । ଆମେ ତାଙ୍କ ଉପରେ ଇମାନ୍ (ବିଶ୍ୱାସ) ନେଇ ଆସିବୁ । ........... କିନ୍ତୁ ହଜ୍‌ରତ୍ ମସିହ ମଉଦ ଆ:ସ ଓହ୍ଲାଇପାରିଲେ ନାହିଁ ।"

*(ଯଙ୍ଗେ ମୋକଦ୍ଦସ୍, ରୁହାନୀ ଖଜାଇନ୍ ଖଣ୍ଡ-୬, ପୃ-୧୫୫,୧୫୬)*

ପୁଣି କହିଲେ: ମୁବାହିସାର ସର୍ତାବଳୀ ଅନୁସାରେ- "ମୋ ସମ୍ମୁଖରେ ଏବେ ଡ଼େପୁଟି ଅବ୍‌ଦୁଲ୍ଲାଃ ଆଥମ୍ ସାହେବ୍ ଅଛନ୍ତି । ତେଣୁ ସେ ମହାଶୟଙ୍କୁ ଉଚିତ ଯେ ସେ ପବିତ୍ର ଇଞ୍ଜିଲର ପ୍ରସ୍ତାବିତ ଲକ୍ଷଣଗୁଡ଼ିକ ଅନୁସାରେ ସଚ୍ଚା ଇମାନ୍‌ଦାର ହେବାର ଲକ୍ଷଣଗୁଡ଼ିକୁ ନିଜ ଅସ୍ତିତ୍ୱରେ ପ୍ରମାଣିତ କରି ଦେଖାନ୍ତୁ । ଏପଟେ ମୋ ପାଇଁ ଏହା ଜରୁରୀ ହେବ ଯେ ମୁଁ ମୋ ସଚ୍ଚା ଇମାନ୍‌ଦାର ହେବାର ଲକ୍ଷଣ ଗୁଡ଼ିକୁ ପବିତ୍ର କୁର୍‌ଆନ୍ ଅନୁସାରେ ନିଜ ଅସ୍ତିତ୍ୱରେ ପ୍ରମାଣିତ କରି ଦେଖାଇବି । କିନ୍ତୁ ଏଠାରେ ମନେରଖିବାକୁ ହେବ ଯେ ପବିତ୍ର କୁର୍‌ଆନ୍ ଆମକୁ ଏ ଅଧିକାର ଦେଇନାହିଁ ବରଂ ଏପରି କଥାରେ ଆମ ଶରୀର କମ୍ପିଯାଉଛି । ତେଣୁ ଆମେ ଜାଣିନାହୁଁ ଯେ ସେ କେଉଁ ପ୍ରକାରର ନିଦର୍ଶନ ଦେଖାଇବେ । ସେହି ଖୁଦାଙ୍କ ବ୍ୟତିତ ଆଉ କୌଣସି ଖୁଦା ନାହାନ୍ତି । ହଁ ଏ କଥା ଆମ ତରଫରୁ ଦୃଢ଼ ପ୍ରତିଶୃତି । ଯେମିତି ମହିମାମୟ ଅଲ୍ଲାଃ ମୋ ଉପରେ ପ୍ରକାଶ କରିଛନ୍ତି ଯେ ମୁଁ ନିଶ୍ଚିତରୂପେ ଏହି ମୁକାବିଲାରେ ବିଜୟ ଲାଭ କରିବି କିନ୍ତୁ ଏକଥା ଜଣା ନାହିଁ ଯେ ଖୁଦାତାଲା କି ପ୍ରକାରର ନିଶାନ୍ ଦେଖାଇବେ । ଅସଲ ଉଦ୍ଦେଶ୍ୟ ହେଉଛି ଏହା କି ନିଶାନ୍ (ନିଦର୍ଶନ) ଏପରି ହେଉ ଯାହା ମଣିଷର ଶକ୍ତିଠାରୁ ଉର୍ଦ୍ଧରେ ଥିବ ।"

*(ଯଙ୍ଗେ ମୋକଦ୍ଦସ୍, ରୁହାନି ଖଜାଇନ୍,ଖଣ୍ଡ-୬, ପୃ-୧୫୭)*

ହଜ୍‌ରତ୍ ମସିହ ମଉଦ ଆ:ସଙ୍କର ଏ ଉତର ଲେଖିବା କ୍ଷଣି ପାଦ୍ରୀମାନେ ସେହି ସମସ୍ତ (ଭିନ୍ନକ୍ଷମ) ରୋଗୀମାନଙ୍କୁ ସଭାରୁ ଏପରି ଉଭାନ୍ କରାଇଦେଲେ ଯେ ଯେପରି ସେମାନଙ୍କୁ ପୃଥିବୀ ଗିଳିଦେଇଛି ଏବଂ ପାଦ୍ରୀମାନଙ୍କର ସେହି ଯାଦୁଗରୀ କାର୍ଯ୍ୟକ୍ରମ ସମ୍ପୁର୍ଣ୍ଣରୂପେ ବେକାର ଓ ନିରର୍ଥକ ହୋଇଗଲା ଓ ସବୁଦନି ପାଇଁ ତାଙ୍କ ମଥାର କଳଙ୍କିତ ଟିକା ପ୍ରମାଣିତ ହେଲା ଏବଂ ଖୁଦାଙ୍କ ମହାନ ବୀର କାସିରେ ସଲିବ୍ (କୃଶ ଖଣ୍ଡନକାରୀ ଅର୍ଥାତ ହଜ୍‌ରତ୍ ମସିହ ମଉଦ ଆ:ସ)ଙ୍କ ନିମନ୍ତେ ସ୍ପଷ୍ଟ ବିଜୟର କାରଣ ହେଲା ।

## ନିଶାନ୍ (ଐଶି ନିଦର୍ଶନ)

ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ଦ୍ୱାରା ଐଶି ନିଶାନ୍ ଦେଖାଇବା ପାଇଁ ଅଲ୍ଲାଃଙ୍କ ନିକଟରେ ଯେଉଁ ବ୍ୟାକୁଳତା ପୂର୍ଣ୍ଣ ଦୁଆ (ପ୍ରାର୍ଥନା) କରାଯାଇଥିଲା, ପରିଶେଷରେ ତାହା ଗ୍ରହଣୀୟତା ଲାଭ କଲା ଓ ଅଲ୍ଲାଃ ତାଲା ବିପକ୍ଷ ଦଳଙ୍କ ପାଇଁ ଯେଉଁ ନିଦର୍ଶନର ଏତେଲା ଆପଣ ଆ:ସଙ୍କୁ ଦେଲେ ତାହା ଏହି ଖଣ୍ଡର ପୃଷ୍ଠା ୨୯୧, ୨୯୨ରେ ଦରଜ କରାଯାଇଛି ।

ସୁତରାଂ ଏହି ଯଙ୍ଗେ ମୋକଦ୍ଦସ୍ (ପବିତ୍ର ଯୁଦ୍ଧ) ଯାହା ଦଜ୍ଜାଲି (କପଟି) ଦଳ ଏବଂ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ତାହା ସଲିବି ମଜ୍‌ହବ୍ ଅର୍ଥାତ ଇସାଇ ଧର୍ମକୁ ଖଣ୍ଡ ଖଣ୍ଡ କରିଦେଲା ଏବଂ ସ୍ପଷ୍ଟ ଓ ଯୁକ୍ତିସଂଗତ ପ୍ରମାଣ ଦ୍ୱାରା ଦଜ୍ଜାଲ୍ ସବୁଦିନ ପାଇଁ ହତ୍ୟା ହୋଇଗଲା ।

*****************

# ହଜ୍‌ରତ୍ ମସିହ୍ ମଉଦ ଆ:ସଙ୍କ ସତ୍ୟତା ଶତ୍ରୁଙ୍କ ବିନାଶ ହେବାର ଆଲୋକରେ

**ସୟଦନା ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ପୁସ୍ତକ ହକିକତୁଲ୍ ଓ୍ୱହି ରୁହାନି ଖଜାଇନ୍ ଖଣ୍ଡ-୨୨ ରୁ ଆପଣ ଆ:ସଙ୍କ ଦୁଇଜଣ ବିରୋଧିଙ୍କ ଶିକ୍ଷାପ୍ରଦ ଭୟୋତ୍ପାଦକ ପରିଣାମ ଉପସ୍ଥାପନ କରାଯାଉଅଛି । ଏହି ଦୁଇଜଣ ବିରୋଧି ଆପଣ ଆ:ସଙ୍କ ପେଶ୍‌ଗୋଇ (ଭବିଷ୍ୟବାଣୀ) ମୁତାବକ ବିନାଶ ହେଲେ । ତାଙ୍କର ଧ୍ୱଂସ / ବିନାଶ ହେବା ଓ ଦୃଷ୍ଟାନ୍ତମୂଳକ ପରିଣାମ ହେଉଛି ହଜ୍‌ରତ୍ ମସହି ମଉଦ ଆ:ସଙ୍କ ସତ୍ୟତାର ମହାନ ପ୍ରମାଣ ।**

## ଜାଜ୍ୱଲ୍ୟମାନ ନିଦର୍ଶନ

### ବାବୁ ଏଲାହି ବଖ୍‌ଶ୍ ଆକାଉଂଟାଟଂ ପେନ୍‌ଶନ୍‌ର ଲାହୋର ମିଥ୍ୟାବାଦୀ ମୁସା ମରିଗଲା

ମୁନ୍‌ଶି ଇଲାହି ବଖ୍‌ଶ୍ ଆକାଉଂଟାଟଂ ଲାହୋର ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ଅନୁଗାମୀମାନଙ୍କ ମଧ୍ୟରୁ ଜଣେ ଥିଲେ । ନିଷ୍ଠା ଓ ଭକ୍ତିଭାବରେ ବହୁତ ଅଧିକ ଥିଲେ । ସୟଦନା ହଜ୍‌ରତ୍ ମସିହ ମଉଦ ଆ:ସ ଯେବେ ୧୮୮୯ ମସିହାରେ ବୟତ୍ ଜରିଆରେ ଯମାତ୍‌ର ମୂଳଦୁଆ ରଖିଲେ ଓ ନିଜ ଶିଷ୍ୟ / ଅନୁଗାମୀମାନଙ୍କୁ ବୟତ କରିବା ପାଇଁ କହିଲେ ସେତେବେଳେ ଅଚାନକ ଏଲାହି ବଖ୍‌ଶ୍ ବିଗିଡ଼ିଗଲେ । କାଦିଆନ୍‌ରେ ପହଂଚି ସେ ହଜ୍‌ରତ୍ ମସିହ ମଉଦ ଆ:ସଙ୍କୁ ବହୁତ ଧୃଷ୍ଟତାର ସହିତ ନିଜର ସ୍ୱପ୍ନ ଓ ଏଲ୍‌ହାମ୍ (ଐଶିବାଣୀ) ଶୁଣାଇଲେ ଏବଂ କହିଲେ ଯେ ଗୋଟିଏ ସ୍ୱପ୍ନରେ ମୁଁ ଆପଣଙ୍କୁ କହୁଛି ଯେ ମୁଁ ଆପଣଙ୍କର ବୟତ କାହିଁକି କରିବି ବରଂ ଆପଣ ମୋ ବୟତ କରନ୍ତୁ । ସୟଦନା ହଜ୍‌ରତ୍ ମସିହ ମଉଦ ଆ:ସ ନିଜର ଏହି ପୁରୁଣା ସାଥିକୁ ବିନାଶ ହେବାରୁ ବଂଚାଇବା ପାଇଁ ଏକ ମହାନ୍ ପୁସ୍ତକ "ଜରୁରତୁଲ୍ ଇମାମ୍" ରଚନା କଲେ ଓ ଏହି ପୁସ୍ତକରେ ତାଙ୍କୁ ସବୁ ପାର୍ଶ୍ୱରୁ ବୁଝାଇବାପାଇଁ ଚେଷ୍ଟା କରିଛନ୍ତି । ସେଥିରେ ବୟତ୍ ଏବଂ ଏଲ୍‌ହାମ୍‌ର ବାସ୍ତବିକତା ସମ୍ବନ୍ଧରେ ବହୁତ ମୂଲ୍ୟବାନ ଓ ଜ୍ଞାନବର୍ଦ୍ଧକ ତର୍କ କରିଛନ୍ତି । ସେହି ପୁସ୍ତକରୁ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ କିଛି ଉପଦେଶ ଉପସ୍ଥାପନ କରାଯାଉଅଛି ।

ହଜ୍‌ରତ୍ ମସିହ ମଉଦ ଆ:ସ ଏଲାହି ବଖ୍‌ଶଙ୍କୁ କହୁଛନ୍ତି:

ହେ ମୋର ପ୍ରୀୟ ! ଆମେ ତ ତତ୍ୱଜ୍ଞାନ, ସତ୍‌ଜ୍ଞାନ ଏବଂ ଆକାଶୀୟ ବର୍‌କାତ୍‌ର ଭୋକିଲା ଓ ଶୋଷିଲା ଅଛୁ । ଏକ ସମୁଦ୍ରକୁ ମଧ୍ୟ ପିଇଦେଇ ତୃଷ୍ଣା ନିବାରଣ କରିପାରୁନାହୁଁ । ତେଣୁ ଯଦି ଆମକୁ କିଏ ନିଜର ଦାସତ୍ୱରେ ନେବାକୁ ଚାହେଁ ତେବେ ବହୁତ ସହଜ ମାର୍ଗ ରହିଛି ଯେ ବୟତ୍‌ର ଭାବ ଏବଂ ତା'ର ଅସଲ ଦର୍ଶନକୁ ମୁଣ୍ଡରେ ରଖି ଏହି କିଣାବିକା ଆମ ସହିତ କରିନେଉ । ଯଦି ତା' ନିକଟରେ ଏପରି ସତ୍‌ଜ୍ଞାନ, ତତ୍ୱଜ୍ଞାନ ଓ ଆକାଶୀୟ ବର୍‌କାତ୍ ଥିବ ଓ ତାହା ଆମକୁ ଦିଆଯାଇନଥିବ, ବା ତା' ଉପରେ ଏପରି କୁର୍‌ଆନ୍‌ର ଶିକ୍ଷାକୁ ଖୋଲି ସ୍ପଷ୍ଟ କରିଦିଆଯାଇଥିବ ଯାହା ଆମ ଉପରେ ଖୋଲି ସ୍ପଷ୍ଟ କରାଯାଇନଥିବ ତେବେ ବିସ୍‌ମିଲ୍ଲାଃ ସେହି ମହାପୁରୁଷ ଆମର ଦାସତ୍ୱ ଓ ଆଜ୍ଞାବହତାର ହାତ ଧରି ନିଅନ୍ତୁ । ଏବଂ ସେହି ଆଧାତ୍ମିକ ତତ୍ୱଜ୍ଞାନ ଓ ପବିତ୍ର କୋରାନ୍‌ର ସତ୍‌ଶିକ୍ଷା ଏବଂ ଆକାଶୀୟ ବୈଭବକୁ ଆମକୁ ପ୍ରଦାନ କରନ୍ତୁ । ମୁଁ ତ ଅଧିକ କଷ୍ଟ ଦେବାକୁ ଚାହୁଁନାହିଁ । ଆମ ମୁଲ୍‌ହିମ୍ (ଅର୍ଥାତ ଐଶି ବାଣିପ୍ରାପ୍ତ) ବନ୍ଧୁ କୌଣସି ଏକ ଜଲ୍‌ସାରେ ସୁରାଃ ଏଖଲାସ୍‌ର ହିଁ ଯଥାର୍ଥତା ଓ ତତ୍ୱଜ୍ଞାନ କୁ ବର୍ଣ୍ଣନା କରିଦିଅନ୍ତୁ, ତା'ଠାରୁ ହଜାର ଗୁଣା ଅଧିକା ଯଦି ଆମେ ବର୍ଣ୍ଣନା ନ କରିପାରିବୁ ତେବେ ଆମେ ତାଙ୍କର ଆଜ୍ଞାଧିନ ରହିବୁ ।

*(ଜରୁରତୁଲ୍ ଇମାମ୍ ରୁହାନି ଖଜାଇନ୍ ଖଣ୍ଡ-୧୩, ପୃ-୪୯୮)*

**ଆପଣ ଆ:ସ କହୁଛନ୍ତି:**

ମୁଁ ହଲପ୍ କରି କହୁଛି ଯେ ଯେତେ ମାତ୍ରାରେ ଆମ ବନ୍ଧୁ ଫାଜିଲ୍ ମୌଲବି ଅବଦୁଲ୍ କରୀମ୍ ସାହେବ୍ ଉପଦେଶ ଦେବା ସମୟରେ ପବିତ୍ର କୁର୍‌ଆନ୍‌ର ତତ୍ୱଜ୍ଞାନର ବର୍ଣ୍ଣନା କରୁଛନ୍ତି ମତେ କଦାପି ବିଶ୍ୱାସ ନାହିଁ ଯେ ତାହାଙ୍କ ହଜାର ଭାଗରୁ ଭାଗେ ମଧ୍ୟ ମୋ ପ୍ରୀୟ ସାଥିଙ୍କ ମୁହଁରୁ ବାହାରିପାରିବ । *(ଜରୁରତୁଲ୍ ଇମାମ୍ ରୁହାନି ଖଜାଇନ୍ ଖଣ୍ଡ-୧୩, ପୃ-୪୯୮)*

**ଆପଣ ଆ:ସ କହୁଛନ୍ତି:**

ଆମ ଯମାତ୍‌ରେ ଓ ମୋ ବୟତ କରିଥିବା ଖୁଦାଙ୍କ ଭକ୍ତ ମଧ୍ୟରେ ଏପରି ଜଣେ ସୁପୁରୁଷ ଅଛନ୍ତି ଯିଏ ହେଉଛନ୍ତି ଜଣେ ମହାନ୍ ଜ୍ଞାନୀ । ସେ ହେଉଛନ୍ତି ମୌଲ୍‌ବୀ ହକିମ୍ ହାଫିଜ୍ ହାଜି ହରମିଏନ୍ ନୂରୁଦ୍ଦିନ୍ ସାହେବ୍ । ଯିଏ ସାରା ଦୁନିଆର ତଫସିର୍ (ବ୍ୟାଖ୍ୟା) ନିଜ ଭିତରେ ରଖିଛନ୍ତି । ସେହିପରି ହୃଦୟ ଭିତରେ ହଜାର ହଜାର କୋରାନୀୟ ତତ୍ୱଜ୍ଞାନର ଭଣ୍ଡାର ଭରି ରହିଛି । ଯଦି ଆପଣଙ୍କୁ ବାସ୍ତବିକ ବୟତ୍ ନେବା ପାଇଁ ଅଧିକାର ଦିଆଯାଇଅଛି ତେବେ ପବିତ୍ର କୁର୍‌ଆନ୍‌ର ଗୋଟିଏ ସିପାରା ତାଙ୍କୁ ଯଥାର୍ଥ ତତ୍ୱଜ୍ଞାନ ସହିତ ପଢ଼ାଇ ଦିଅନ୍ତୁ । ଏ ଲୋକମାନେ ପାଗଳ ତ ନୁହନ୍ତି କି ସେମାନେ ମୋର ବୟତ କରିଛନ୍ତି ଓ ଅନ୍ୟ ମୁଲ୍‌ହିମ୍‌ମାନଙ୍କୁ ଛାଡ଼ି ଦେଇଛନ୍ତି । *(ଜରୁରତୁଲ୍ ଇମାମ୍ ରୁହାନି ଖଜାଇନ୍ ଖଣ୍ଡ-୧୩, ପୃ-୪୯୮)*

**ପୁଣି ଆପଣ ଆ:ସ କହିଲେ:**

ଯଦି ସେ ନିଜର ଏଲ୍‌ହାମି ଶକ୍ତି ଦ୍ୱାରା ପ୍ରଥମେ ମୌଲବୀ ମହାଶୟଙ୍କୁ କୁର୍‌ଆନ୍ ଶିକ୍ଷା ଦେବାର ନମୁନା ଦେଖାଇ ଦେବେ ଓ ସେହି ଐଶି ଚମତ୍କାର ସାହାଯ୍ୟରେ ନୁରୁଦ୍ଦିନ୍‌ଙ୍କ ପରି କୁର୍‌ଆନ୍ ପ୍ରେମୀଙ୍କଠାରୁ ବୟତ ନେଇନେବେ ତେବେ ମୁଁ ଓ ମୋର ସମଗ୍ର ଯମାତ୍ ଆପଣଙ୍କ ପାଇଁ ଉତ୍ସର୍ଗ ହୋଇଯିବ । *(ଜରୁରତୁଲ୍ ଇମାମ୍ ରୁହାନି ଖଜାଇନ୍ ଖଣ୍ଡ-୧୩, ପୃ-୪୯୮)*

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ: **"ଚମକପ୍ରଦ ନିଦର୍ଶନ ବାବୁ ଏଲାହି ବଖ୍‌ଶ୍ ଆକାଉଟାଂଟ ପେନ୍‌ଶନ୍‌ର ଲାହୋର ମିଥ୍ୟାବାଦୀ ମୁସା ମରିଗଲା"** ଶିର୍ଷକ ରେ ଯମାତର ଲୋକମାନଙ୍କୁ ତା'ର ବିନାଶ ହେବାର ଖବର ଦେଇ କହୁଛନ୍ତି:

ଆପଣମାନେ ଜାଣିଥିବେ ଯେ ଇଲାହି ବଖ୍‌ଶ୍ ନାମକ ଜଣେ ଆକାଉଟାଂଟ ଲାହୋରରେ ରହୁଥିଲା । ମୁଁ ଯେଉଁ ସମୟରେ ଖୁଦାତାଲାଙ୍କଠାରୁ ଓ୍ୱହି (ସ୍ୱର୍ଗବାଣୀ) ପାଇ ଏକଥା ପରିପ୍ରକାଶ କଲି ଯେ ମୁଁ ହେଉଛି ମସିହ ମଉଦ । ସେ ମୋଠାରୁ ବିମୁଖ ହୋଇ ଏ କଥାର ଦାବି କଲା ଯେ ମୁଁ ହେଉଛି ମୁସା । ଏହି ଘଟଣାର ବିବରଣୀ ହେଉଛି ଏପରି ଯେ ଉପର ବର୍ଣ୍ଣିତ ଏଲାହି ବଖ୍‌ଶ ବହୁତ ଦିନରୁ ମୋ ସହିତ ଆସ୍ଥାର ସମ୍ପର୍କ ରଖିଥିଲା ଏବଂ ବାରମ୍ବାର କାଦିଆନ୍ ଆସୁଥିଲା ଓ ମତେ ଖୁଦାତାଲାଙ୍କ ତରଫରୁ ଜଣେ ସଚ୍ଚା ମୁଲ୍‌ହିମ୍ (ଅର୍ଥାତ ଯାହାଙ୍କ ଉପରେ ସ୍ୱର୍ଗବାଣୀ ଅବତୀର୍ଣ୍ଣ ହୁଏ) ଭାବେ ଜାଣୁଥିଲା ଓ ମୋର ଖିଦ୍‌ମତ୍ କରୁଥିଲା । ବେଳେବେଳେ ଏପରି ଅବସର ମିଳିଛି ଯେ ସକାଳ ବେଳା ନମାଜ ପରେ ଅମୃତସରଠାରେ ମୁଁ ଶୋଇପଡୁଥିଲି ଓ ମୋ ମୁହଁ ଚାଦର ଦ୍ୱାରା ଆଚ୍ଛାଦିତ ଥିଲା । ସେହି ସମୟରେ ଜଣେ ଲୋକ ଆସି ମୋ ଗୋଡ଼ ଦବାଇବା ଆରମ୍ଭ କରୁଥିଲା । ଯେତେବେଳେ ମୁଁ ଚାଦର ଉଠାଇ ଦେଖେ ତ, ସେ ବାବୁ ଏଲାହି ବଖ୍‌ଶ୍ ଥିଲେ । ଏ କଥା ଲେଖିବାର ଅଭିପ୍ରାୟ ଏହା କି ତା'ର ନିଷ୍ଠା ଓ ଆସ୍ଥା ଏତେ ମାତ୍ରାରେ ବଢ଼ିଯାଇଥିଲା ଯେ ସେ କୌଣସି ପ୍ରକାରର ସେବା କରିବାକୁ ଛୋଟ ମଣୁନଥିଲା ଏବଂ ଅତ୍ୟନ୍ତ ବିନମ୍ରତାର ସହିତ ମାମୁଲି ସେବକଙ୍କ ପରି ନିଜକୁ ଭାବୁଥିଲେ । ଆର୍ଥିକ ସେବା କରିବାକୁ ମଧ୍ୟ ଯଥା ସମ୍ଭବ ଚେଷ୍ଟା କରୁଥିଲେ । ଯେ ପର୍ଯ୍ୟନ୍ତ ଈଶ୍ୱର ଚାହିଁଲେ ସେ ଏପରି ନିଷ୍ଠା ଓ ଭକ୍ତିପୁର୍ଣ୍ଣ ଅବସ୍ଥାରେ ରହିଲେ ମତେ ବହୁତ ଆଶା ଥିଲା କି ସେ ନିଜର ନିଷ୍ଠାପରତାରେ ବହୁତ ଉନ୍ନତି କରିବ । ଯେବେ ମୁଁ କାଦିୟାନରୁ କୌଣସି ସଭାରେ ସାମିଲ ହେବାପାଇଁ ଲୁଧିୟାନା, ଅମ୍ବାଲା ବା ଅନ୍ୟ କୌଣସି ସ୍ଥାନକୁ ଯାଉଥିଲି ସେତେବେଳେ ସେ ନିଜର ସମୟ ବାହାର କରି ଓ ଫୁର୍‌ସତ୍ ପାଇ ସେଠାରେ ପହଂଚିଯାଉଥିଲା । ଅଧିକାଂଶ ସମୟ ତାଙ୍କ ବନ୍ଧୁ ମୁନ୍‌ଶି ଅବ୍‌ଦୁଲ୍ ହକ୍ ଆକାଉଟାଂଟ ମଧ୍ୟ ତାଙ୍କ ସହିତ ରହୁଥିଲେ । ପୁଣି କିଛି ଦିନ ପରେ ତାଙ୍କୁ (ଅର୍ଥାତ ବାବୁ ଏଲାହି ବଖ୍‌ଶଙ୍କୁ) ଏ ଧାରଣା ହେଲା ଯେ ମତେ ଏଲ୍‌ହାମ୍ (ସ୍ୱର୍ଗବାଣୀ) ହେଉଛି ଏବଂ ଏହି ଧାରଣା ତାଙ୍କ ପାଇଁ ଜହର ମଞ୍ଜି ସଦୃଶ ଥିଲା ଯାହାକୁ ପ୍ରକୃତି ତା' ଭିତରେ ବୁଣି ଦେଲା । ତା'ପରେ ପୁଣି ଭିତରେ ଭିତରେ ତା'ର ନିଷ୍ଠାପରତାରେ କିଛି ପରିବର୍ତନ ଦେଖାଗଲା । ଯେଉଁ ସମୟରେ ଖୁଦାତାଲା ମତେ ଲୋକମାନଙ୍କଠାରୁ ବୟତ ନେବା ପାଇଁ ମାମୁର୍ (ନିୟୋଜିତ) କଲେ ଓ ଉଣା ଅଧିକ ଚାଳିଶି ଜଣ ବା ତା'ଠାରୁ ଅଧିକା ଲୋକ ବୟତରେ ଦାଖଲ ହେଲେ ଏବଂ ସର୍ବସାଧାରଣରେ ଖୁଦାତାଲାଙ୍କ ନିର୍ଦ୍ଦେଶ ମୁତାବକ ପ୍ରତ୍ୟେକଙ୍କୁ ଶୁଣାଇଲି ଯେ ଯେଉଁ ବ୍ୟକ୍ତି ଆସ୍ଥା ରଖିଛି, ସେ ବୟତରେ ଦାଖଲ୍ ହେଉ । ସେହି କ୍ଷଣି ଏକଥାକୁ ଶୁଣି ଏଲାହି ବଖ୍‌ଶ୍‌ର ହୃଦୟ ବିଗିଡ଼ିଗଲା । କିଛି ଦିନ ଉପରାନ୍ତେ ସେ ତା ବନ୍ଧୁ ମୁନ୍‌ଶି ଅବ୍‌ଦୁଲ୍ ହକ୍ ସହିତ ଏ ଉଦ୍ଦେଶ୍ୟ ରଖି କାଦିୟାନ୍ ମୋ ନିକଟକୁ ଆସିଲା ଯେ, ସେ ତା'ର ଏଲ୍‌ହାମ୍ ଶୁଣାଇବ । ଏଥର ତା'ର ମିଜାଜ ଏତେ କଠୋର ହୋଇଯାଇଥିଲା ଯେ, ଯେମିତି ସେ ଆଉ ଜଣେ ବ୍ୟକ୍ତି ଥିଲା ଏଲାହି ବଖ୍‌ଶ ନଥିଲା । ସେ ଧୃଷ୍ଟତାର ସହିତ ନିଜର ଏଲ୍‌ହାମ୍ ଶୁଣାଇବାକୁ ଲାଗିଲା ଓ ତାହା ଗୋଟିଏ ଛୋଟିଆ କାଗଜ ଟୁକୁଡ଼ାରେ ଲେଖା ହୋଇଥିଲା, ତାହା ତାଙ୍କ ପକେଟ୍‌ରେ ପଡ଼ିଥିଲା । ଏତଦ୍ ବ୍ୟତିତ ସେ ଏକଥା ମଧ୍ୟ ଶୁଣାଇଲେ ଯେ ସ୍ୱପ୍ନରେ ମୁଁ ଦେଖିଛି କି ଆପଣ ମତେ କହୁଛନ୍ତି ଯେ ମୋର ବୟତ କର ଓ ମୁଁ ଉତର ଦେଉଛି କି ମୁଁ କରିବି ନାହିଁ ବରଂ ତୁମେ ମୋର ବୟତ କର । ଏହି ସ୍ୱପ୍ନ ଯୋଗୁଁ ସେ ଆପାଦମସ୍ତକ ଗର୍ବ ଓ ଅହଙ୍କାରରେ ଭରିଗଲା ଓ ଏକଥା ଭାବିଲା ଯେ ମୁଁ ଏପରି ଜଣେ ସମ୍ମାନୀୟ (ମହାନ ପୁରୁଷ) ଯାହାଙ୍କୁ ବୟତର ଆବଶ୍ୟକତା ନାହିଁ ବରଂ ତାଙ୍କୁ ମୋର ବୟତ କରିବା ଉଚିତ । କିନ୍ତୁ ବାସ୍ତବରେ ତାହା ସଇତାନି ଭାବନା ଥିଲା ଯାହା ତା ପାଇଁ ଧୋକାର କାରଣ ହେଲା । କଥା ହେଉଛି ଏହା କି ଯେବେ ମଣିଷର ହୃଦୟରେ ଗର୍ବ ଓ ଅମାନ୍ୟକାରୀତା ଲୁଚି ରହିଥାଏ ତେବେ ସେହି ଅସ୍ୱୀକାର ନିଜ ମନ ଭିତରେ ଉତ୍ପତି ହୋଇଥିବା କଥା ସଦୃଶ ସ୍ୱପ୍ନରେ ଆସିଥାଏ । ଜଣେ ଅବୋଧ / ଅଜ୍ଞାନ ବ୍ୟକ୍ତି ଭାବୁଥାଏ ଯେ ଏହା ଖୁଦାଙ୍କ ତରଫରୁ ହୋଇଛି ଯେବେ କି ସେହି ଅସ୍ୱୀକାର କେବଳ ନିଜ ଭିତରେ ଥିବା ମନୋଭାବରୁ ହିଁ ସୃଷ୍ଟି ହୋଇଥାଏ, ଖୁଦାଙ୍କ ସହିତ ତା'ର କିଛି ମଧ୍ୟ ସମ୍ପର୍କ ନଥାଏ । ସୁତରାଂ ଶହ ଶହ ମୂର୍ଖ କେବଳ ଏହି ମନଗଢ଼ା ଭାବନା ଦ୍ୱାରା ହିଁ ବିନାଶ ହୋଇ ଯାଉଛନ୍ତି । ସୁତରାଂ ଏଲାହି ବଖ୍‌ଶ୍ ଅତ୍ୟନ୍ତ ଧୃଷ୍ଟତାର ସହିତ ସେହି ସ୍ୱପ୍ନ ମତେ ଶୁଣାଇଲେ । ତା'ର ଏହି ଅଜ୍ଞାନତା ଯୋଗୁଁ ମତେ

ଦୁଃଖ ଲାଗୁଥିଲା କାରଣ ମୁଁ ନିଶ୍ଚିତ ରୂପେ ଜାଣିଥିଲି ଯେ ଯାହା କିଛି ସେ ଶୁଣାଉଛି ତାହା କେବଳ ନିଜ ମନ ଭିତରେ ସୃଷ୍ଟି ହୋଇଥିବା କଥା । କିନ୍ତୁ ଯେହେତୁ ମୁଁ ତା ମନରେ ଅହଂଭାବ ଥିବାର ଅନୁଭବ କଲି ଓ ଅହଂଙ୍କାର ଓ ଗର୍ବର ଲକ୍ଷଣ ଦେଖିଲି ଓ ତା କଥାରେ କଟୁତା ପରିଲିକ୍ଷିତ ହେଲା ତେଣୁ ମୁଁ ତାକୁ ଉପଦେଶମୂଳକ ଭାବେ କିଛି କହିବାକୁ ନିରର୍ଥକ ମଣିଲି । ଏହା ବହୁତ ଦୁଃଖର ବିଷୟ ଯେ ଅଧିକାଂଶ ଲୋକ ଅର୍ଧନିଦ୍ରା ଅବସ୍ଥାରେ, ତାଙ୍କ ମୁହଁରୁ ଯେଉଁ କଥା ବାହାରି ଯାଇଥାଏ, ସେମାନେ ତାକୁ ଈଶ୍ୱରଙ୍କ ବାଣୀ ରୂପେ ଅଭିହିତ କରିଦେଇଥାନ୍ତି ଏବଂ ସେମାନେ ଏହି ଆୟତ **ଲା ତକ୍ଫୁ ମା ଲୈସା ଲକା ବିହି ଇଲ୍ମୁନ୍** ଅନ୍ତର୍ଗତ ନିଜକୁ ଦାଖଲ କରିଦେଇଛନ୍ତି । ମନେ ରଖିବା ଉଚିତ ଯେ ଯଦି କୌଣସି ବାଣୀ ମୁହଁରେ ଜାରି ହୋଇଥାଏ ଏବଂ ଅଲ୍ଲାଃଙ୍କ ବାଣୀ ଓ ରସୁଲ୍ଙ୍କ ବାଣୀର ବିରୋଧ ମଧ୍ୟ ନଥିବ, ତେବେ ମଧ୍ୟ ତାହା ଖୁଦାଙ୍କ ବାଣୀ ବୋଲାଇ ପାରିବ ନାହିଁ, ଯେ ପର୍ଯ୍ୟନ୍ତ ଖୁଦାଙ୍କ କାର୍ଯ୍ୟ ତା'ଉପରେ ସାକ୍ଷ୍ୟ ନ ଦେଇଛି । କାରଣ ଶୈତାନ୍ ଯିଏ ମଣିଷର ଶତ୍ରୁ ଅଟେ, ସେ ଯେଉଁ ପ୍ରକାରେ ମନୁଷ୍ୟକୁ ବିନାଶ କରିବାକୁ ଚାହୁଁଛି ସେହି ଭଳି ବିଭ୍ରାନ୍ତକାରୀର ଆଉ ଗୋଟିଏ ଶୈଳୀ ହେଉଛି ଏହା କି ସେ ନିଜ ବାଣୀକୁ ମଣିଷର ହୃଦୟରେ ଜାରି କରି ତାକୁ ବିଶ୍ୱାସ କରାଇଥାଏ କି ଯେପରି ତାହା ହେଉଛି ଖୁଦାଙ୍କ ବାଣୀ । ପରିଶେଷରେ ଏପରି ଲୋକର ପରିଣାମ ବିନାଶ ହୋଇଥାଏ ।

ସୁତରାଂ ଯାହା ଉପରେ କୌଣସି ବାଣୀ ଅବତୀର୍ଣ୍ଣ ହେଉଛି, ଯେ ପର୍ଯ୍ୟନ୍ତ ତିନୋଟି ଲକ୍ଷଣ ତା' ମଧ୍ୟରେ ନ ମିଳୁଛି, ତାକୁ ଖୁଦାଙ୍କ ବାଣୀ କହିବା ହେଉଛି ନିଜକୁ ବିନାଶ କରିବା ।

ପ୍ରଥମତଃ:- ସେହି ବାଣୀ ପବିତ୍ର କୋରାନ୍ର ବିପରୀତ ଓ ବିରୋଧ ହେଉନଥିବ, କିନ୍ତୁ ଏହି ଲକ୍ଷଣ ତୃତୀୟ ଲକ୍ଷଣ ବିନା ଅସମ୍ପୂର୍ଣ୍ଣ । ତାହା ନିମ୍ନରେ ଦିଆଯିବ । ବରଂ ଯଦି ତୃତୀୟ ଲକ୍ଷଣ ନଥିବ ତେବେ କେବଳ ଏହି ଲକ୍ଷଣ ଦ୍ୱାରା କିଛି ପ୍ରମାଣିତ ହୋଇପାରିବ ନାହିଁ ।

ଦ୍ୱିତୀୟତଃ:- ସେହି ବାଣୀ ଏପରି ବ୍ୟକ୍ତିଙ୍କ ଉପରେ ଅବତୀର୍ଣ୍ଣ ହେଉଥିବ ଯାହାର ଆତ୍ମଶୁଦ୍ଧି ବିଧିବଧଭାବେ ହୋଇସାରିଥିବ ଏବଂ ସେ ସେହି ଉତ୍ସର୍ଗୀ ଯମାତ୍‌ରେ ସାମିଲ୍ ହୋଇଥିବ ଯାହା ସମ୍ପୂର୍ଣ୍ଣରୂପେ ଭାବପ୍ରବଣତାରୁ ଅଲଗା ହୋଇଯାଇଥିବ ଏବଂ ସେମାନଙ୍କ ମନ ଉପରେ ଏପରି ଏକ ମୃତ୍ୟୁ ଆସିଯାଇଥାଏ ଯାହା ସାହାଯ୍ୟରେ ସେ ଖୁଦାଙ୍କ ନିକଟତର ଓ ସଇତାନଠାରୁ ଦୁରେଇଯାଇଥାନ୍ତି କାରଣ ଯେଉଁ ବ୍ୟକ୍ତି ଯାହାର ଯେତେ ନିକଟତର ହୋଇଥାଏ ସେ ତା'ର ଶବ୍ଦକୁ ଶୁଣିପାରିଥାଏ । ତେଣୁ ଯିଏ ଖୁଦାଙ୍କ ନିକଟତର ସେ ଖୁଦାଙ୍କ ଆବଜ୍ (ସ୍ୱର)କୁ ଶୁଣିଥାଏ । ମଣିଷର ଆତ୍ମଶୁଦ୍ଧି ହେଉଛି ତା'ର ଅନ୍ତିମ ଚେଷ୍ଟା । ତା' ଉପରେ ସମସ୍ତ ବ୍ୟବହାର ଶେଷ ହୋଇଯାଇଥାଏ । ଅନ୍ୟ ଶବ୍ଦରେ କହିଲେ ଏହା ହେଉଛି ଏକ ପ୍ରକାରର ମୃତ୍ୟୁ ଯାହା ସମସ୍ତ ଅନ୍ତଃ ମଳିନତାକୁ ଜଳାଇ ଦେଇଥାଏ । ପୁଣି ଯେତେବେଳେ ମଣିଷ ତା'ର କର୍ତ୍ତବ୍ୟ ସମ୍ପାଦନ କରିଦିଏ ସେତେବେଳେ ଅଲ୍ଲାଃଙ୍କ କାର୍ଯ୍ୟ ସମ୍ପାଦନ ହୋଇଥାଏ । ତା ପରେ ଖୁଦା ନିଜର ସେହି ଭକ୍ତଙ୍କୁ ତତ୍ତ୍ୱଜ୍ଞାନ ଏବଂ ପ୍ରେମପୂର୍ଣ୍ଣ ଜୀବନ ଦେଇ ପୁନର୍ବାର ଜୀବିତ କରାଇଥାଏ, ଯିଏ ନିଜ ମନର ଆବେଗରୁ ବାହାରି ଲୀନ ହେବାର ସ୍ତରକୁ ପହଂଚି ସାରିଥାଏ ଏବଂ ନିଜର ଅସ୍ୱଭାବିକ (ଚମତ୍କାର) ନିଦର୍ଶନ ଦ୍ୱାରା ତାକୁ ଆଧ୍ୟାତ୍ମିକ ଚମତ୍କାରୀତାର ଭ୍ରମଣ କରାଇଥାଏ । ଏବଂ ନିଜସ୍ୱ ପ୍ରେମର ଆନ୍ତରିକ ଆକର୍ଷଣ ତା ହୃଦୟ ଭିତରେ ଭରିଦିଏ ଯାହାକୁ ଏ ସଂସାର ବୁଝି ପାରେନାହିଁ । ଏହିପରି ତା'ର ଅବସ୍ଥାକୁ କୁହାଯାଇଥାଏ ଯେ ତାକୁ ଏକ ନୂଆ ଜୀବନ ମିଳିଗଲା ତା'ପରେ ଆଉ ମୃତ୍ୟୁ ନାହିଁ ।

ସୁତରାଂ ଏହି ନୂଆ ଜୀବନ ପୂର୍ଣ୍ଣ ଜ୍ଞାନ ଓ ପୂର୍ଣ୍ଣ ପ୍ରେମରୁ ହିଁ ମିଳିଥାଏ । ପୂର୍ଣ୍ଣ ଜ୍ଞାନ ଖୁଦାଙ୍କ ଚମତ୍କାର ନିଦର୍ଶନରୁ ହିଁ ହାସଲ ହୋଇଥାଏ । ଯେତେବେଳେ ମଣିଷ ସେହି ସ୍ତରକୁ ପହଂଚିଯାଏ ସେତେବେଳେ ତାକୁ ଖୁଦାଙ୍କ ସହିତ ସଚ୍ଚା ସମ୍ବୋଧନ ପ୍ରାପ୍ତ ହୋଇଥାଏ । କିନ୍ତୁ ଏହି ଲକ୍ଷଣ ମଧ୍ୟ ତୃତୀୟ ସ୍ତରର ଲକ୍ଷଣ ବିନା ସନ୍ତୋଷଯୋଗ୍ୟ ହୋଇନଥାଏ କାରଣ ପୂର୍ଣ୍ଣ ଆତ୍ମଶୁଦ୍ଧି ଏଥିପାଇଁ ସର୍ତ୍ତ ରହିଛି । ତେଣୁ ପ୍ରତ୍ୟେକ **ପ୍ରଗଲ୍ଭ** ବ୍ୟକ୍ତି ଏପରି ଦାବି କରିପାରେ ।

ତୃତୀୟତଃ:- ସଚ୍ଚା ମୁଲ୍‌ହିମ୍‌ର ତୃତୀୟ ଲକ୍ଷଣ ହେଉଛି ଏହା କି ଯେଉଁ ବାଣୀକୁ ସେ ଖୁଦାଙ୍କ ସହିତ ସମ୍ବନ୍ଧିତ କରୁଛି, ଖୁଦାଙ୍କ ଅନବରତ କାର୍ଯ୍ୟ ତା ପାଇଁ ସାକ୍ଷ୍ୟ ଦେଉଥିବେ ଅର୍ଥାତ ତା ସମର୍ଥନରେ ଏତେ ମାତ୍ରାରେ ଐଶି ନିଦର୍ଶନ ପ୍ରକାଶ ହେଉଥିବ ଯେ ବୁଦ୍ଧି ଏ କଥାକୁ ନିଷିଦ୍ଧ ଜାଣୁଥିବ ଯେ ଏତେ ମାତ୍ରାରେ ନିଦର୍ଶନ ହେବା ସତ୍ତ୍ୱେ ମଧ୍ୟ ତାହା ଖୁଦାଙ୍କ ବାଣୀ ନୁହେଁ । ଏହି ଲକ୍ଷଣ ବାସ୍ତବିକ ସମସ୍ତ ଲକ୍ଷଣଠାରୁ ଅଧିକା କାରଣ ସମ୍ଭବତଃ ଗୋଟିଏ ବାଣୀ ଯାହା କୌଣସି ବ୍ୟକ୍ତିଙ୍କ ମୁହଁରୁ ଜାରି ହୋଇଥିବ ବା କିଏ ତାହାକୁ ଐଶିବାଣୀ ରୂପେ ଉପସ୍ଥାପନ କରିଥିବ ତାହା ନିଜର ଅର୍ଥ ଦୃଷ୍ଟିକୋଣରୁ ପବିତ୍ର କୁର୍‌ଆନ୍‌ର ବିପରୀତ ହେଉ ନଥିବ ବରଂ ଅନୁରୁପ ହେଉଥିବ କିନ୍ତୁ ପୁଣି ମଧ୍ୟ ତାହା କୌଣସି ମିଥ୍ୟାବାଦିର ମନଗଢ଼ା କଥା ହୋଇପାରେ । କାରଣ ଜଣେ ବୁଦ୍ଧିମାନ ଯିଏ ମୁସଲମାନ ଅଟେ କିନ୍ତୁ ମିଥ୍ୟାଚାରୀ, ସେ ନିଶ୍ଚିତ ରୂପେ ଏହାର ଧ୍ୟାନ ରଖିବ ଯେ ପବିତ୍ର କୁର୍‌ଆନ୍‌ର ବିରୋଧ କୌଣସି ଐଶି ବାଣୀର ଦାବି ଉପସ୍ଥାପନ ନ କରୁ ନଚେତ ଅନାୟାସରେ ଲୋକମାନଙ୍କ ଆପତି ଅଭିଯୋଗର ନିଶାଣ ହେବ । ଏବଂ ସମ୍ଭବତଃ ସେହି ବାଣୀ ତା ମନର କଥା ହୋଇଥିବ ଅର୍ଥାତ ମନ ଭିତରୁ ଗୋଟିଏ ବାକ୍ୟ ଜିହ୍ୱାରେ ଜାରି ହୋଇଥିବ । ଯେମିତି ଅଧିକାଂଶ ପିଲାମାନେ ଦିନବେଳା ଯେଉଁ ବହି ପଢ଼ିଥାନ୍ତି, ବେଳେବେଳେ ରାତି ସମୟରେ ସେହି ବାକ୍ୟଗୁଡ଼ିକ ତାଙ୍କ ମୁହଁରୁ ଜାରି ହୋଇଯାଇଥାଏ । ସୁତରାଂ କୌଣସି ବାଣୀ ଯାହାକୁ ଏଲ୍‌ହାମ୍ ରୂପେ ଉପସ୍ଥାପନ କରାଯାଇଥିବ ତାହା ପବିତ୍ର କୋରାନ୍‌ର ଅନୁରୂପ ହେବା ଏକଥାର ପ୍ରମାଣ ନୁହେଁ ଯେ ତାହା ନିଶ୍ଚିତ ରୂପେ ଖୁଦାଙ୍କ ବାଣୀ । କ'ଣ ସମ୍ଭବ ନୁହେଁ କି ଗୋଟିଏ ବାଣୀ ନିଜର ଅର୍ଥ ଦୃଷ୍ଟିକୋଣରୁ ଖୁଦାଙ୍କ ବାଣୀର ବିରୋଧ ନଥିବ ଓ ତାହା କୌଣସି ମିଥ୍ୟାଚାରୀର ମନଗଢ଼ା କଥା ହୋଇଥିବ କାରଣ ଜଣେ ମିଥ୍ୟାଚାରୀ ବହୁତ ସହଜରେ ଏ କାର୍ଯ୍ୟ କରିପାରିବ ଯେ ସେ ପବିତ୍ର କୋରାନ୍‌ର ଶିକ୍ଷାର ଅନୁରୂପ ଗୋଟିଏ ବାଣୀ ଉପସ୍ଥାପନ କରିଦେବ ଓ କହିବ ଯେ ଏହା ହେଉଛି ଖୁଦାଙ୍କ ବାଣୀ ଯାହା ମୋ ଉପରେ ଅବତୀର୍ଣ୍ଣ ହୋଇଛି । ଏପରି ବାଣୀ ନିଜ ମନର କଥା ହୋଇପାରେ ବା ସଇତାନର ବାଣୀ ହୋଇପାରେ ।

ସେହିପରି ଏହି ଦ୍ୱିତୀୟ ସର୍ତ୍ତ ମଧ୍ୟ ଅର୍ଥାତ ଯିଏ ଐଶିବାଣୀର ଦାବି କରୁଛି ତା'ର ଆତ୍ମଶୁଦ୍ଧି ହୋଇଥିବ, ଏହା ସନ୍ତୋଷମୂଳକ ଭରଷାଯୋଗ୍ୟ ନୁହେଁ ବରଂ ଏକ ଲୁକ୍କାୟିତ କଥା ଏବଂ ବହୁତ ଏପରି ଅପବିତ୍ର ଲୋକେ ଏହାର ଦାବି କାରିପାରିବେ ଯେ ଆମର ଆତ୍ମା ଶୁଦ୍ଧ ଅଟେ ଓ ଆମେ ଖୁଦାଙ୍କ ସହିତ ସଚ୍ଚା ପ୍ରେମ କରୁଛୁ । ସୁତରାଂ ଏ କଥା ମଧ୍ୟ କୌଣସି ସହଜ ବିଷୟ ନୁହେଁ ଯେ ଏଥିରେ ଯଥାଶିଘ୍ର ସତ୍ୟବାଦୀ ଓ ମିଥ୍ୟାବାଦୀଙ୍କ ମଧ୍ୟରେ ଫଏସଲା କରାଯାଉ ଏହି କାରଣ ଯୋଗୁଁ ଅନେକ ଖବିସ୍ ଲୋକ ସେହି ମହାନ ପବିତ୍ର ଲୋକମାନଙ୍କ ଉପରେ ଅପବିତ୍ର ଲାଞ୍ଛନା ଲଗାଇଛନ୍ତି । ଯେମିତି ଆଜିକାଲିର ପାଦ୍ରୀମାନେ ଆମ ସୟଦ୍ ଓ ମୌଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ମିଥ୍ୟାରୋପ ଲଗାଇଛନ୍ତି ଏବଂ ନଉଜୁବିଲ୍ଲାଃ କହୁଛନ୍ତି ଯେ ଆପଣ ସ:ଆ:ସ କାମ ବାସନାରେ ବଶବର୍ତୀ ଥିଲେ । ଯେମିତି କି ସେମାନଙ୍କର ହଜାର ହଜାର୍ ପତ୍ରିକା, ଖବରକାଗଜ ଏବଂ ପୁସ୍ତକ ଗୁଡ଼ିକରେ ଏହିପରି ମିଥ୍ୟାରୋପ ଲଗାଯାଉଥିବାର ପାଇବେ । ସେହିପରି ଇହୁଦୀମାନେ ହଜରତ୍ ଇସା ଆ:ସଙ୍କ ଉପରେ ଭଳି ଭଳିକା ମିଥ୍ୟାରୋପ ଓ ଲାଞ୍ଛନା ଲଗାଉଛନ୍ତି । ସୁତରାଂ ଅଳ୍ପଦିନ ହେବ କି ମୁଁ ଜଣେ ଇହୁଦୀଙ୍କ ପୁସ୍ତକ ଦେଖିଲି ଯେଉଁଥିରେ ନା କେବଳ ଏପରି ଅପବିତ୍ର ମିଥ୍ୟାରୋପ ଲଗାଯାଇଥିଲା କି ନଉଜୁବିଲ୍ଲା ହଜ୍‌ରତ୍ ଇସା ଆ:ସଙ୍କ ଜନ୍ମ ଅବୈଧ ଥିଲା ବରଂ ତାଙ୍କ ଚାଲିଚଳନ ଉପରେ ମଧ୍ୟ ଅତ୍ୟନ୍ତ ଅଭଦ୍ର ମିଥ୍ୟାରୋପ ଲଗାଇଛନ୍ତି । ତାଙ୍କ ସେବାରେ ଯେଉଁ କିଛି ମହିଳା ନିୟୋଜିତ ଥିଲେ, ସେମାନଙ୍କ ବିଷୟରେ ବହୁତ ଖରାପ ଭାଷା ପ୍ରୟୋଗ କରାଯାଇଥିଲା । ସୁତରାଂ ଯେବେ ଅପବିତ୍ର ପ୍ରକୃତିର ଶତ୍ରୁମାନେ ଏପରି ପବିତ୍ର ସ୍ୱଭାବର ଲୋକମାନଙ୍କୁ କାମୁକ ଲୋକ ରୂପେ ଅଭିହିତ କଲେ ଓ ଆତ୍ମଶୁଦ୍ଧିରୁ ରହିତ ଭାବିନେଲେ ତେବେ ଏଥିରୁ ପ୍ରତ୍ୟେକ ବ୍ୟକ୍ତି ଜାଣିପାରିବେ ଯେ ଶୁଦ୍ଧ ଆତ୍ମାର ପଦମର୍ଯ୍ୟାଦା ଶତ୍ରୁମାନଙ୍କ ଉପରେ ପ୍ରକାଶ ହୋଇଯିବା କେଡ଼େ କଠିନ । ସୁତରାଂ ଆର୍ଯ୍ୟଲୋକମାନେ ଖୁଦାଙ୍କ ସମସ୍ତ ନବୀମାନଙ୍କୁ କେବଳ କପଟି ଓ କାମୁକ ରୂପେ ଅଭିହିତ କରିଛନ୍ତି ଏବଂ ସେମାନଙ୍କ ଯୁଗକୁ ଧୋକା ଓ କପଟତାର ଯୁଗ ରୂପେ ଅଭିହିତ କରିଛନ୍ତି ।

କିନ୍ତୁ ଯେଉଁ ତୃତୀୟ ଲକ୍ଷଣ ରହିଛି ଯେ ଏଲ୍‌ହାମ୍ ଏବଂ ୱହି ଅର୍ଥାତ ଐଶିବାଣୀ ଓ ସ୍ୱର୍ଗବାଣୀ ସହିତ ଯେଉଁ କଥନ ରହିଛି ତା ସହିତ ଖୁଦାଙ୍କର ଏକ କାର୍ଯ୍ୟ ମଧ୍ୟ ରହୁ । ଏହା ଏପରି ଏକ ପୂର୍ଣ୍ଣ ଲକ୍ଷଣ ଯାହାକୁ କିଏ ଖଣ୍ଡନ କରିପାରିବ ନାହିଁ । ଏହି ଲକ୍ଷଣ ଦ୍ୱାରା ଖୁଦାଙ୍କ ସଚ୍ଚା ନବୀମାନେ ମିଥ୍ୟାବାଦୀଙ୍କ ଉପରେ ବିଜୟ ପ୍ରାପ୍ତ କରିଆସିଛନ୍ତି । କାରଣ ଯେଉଁ ବ୍ୟକ୍ତି ଓ ଦାବି କରୁଛି ଯେ ମୋ ଉପରେ ଖୁଦାଙ୍କ ବାଣୀ ଅବତୀର୍ଣ୍ଣ ହେଉଅଛି ବୋଲି ତେବେ ତା' ସହିତ ଶହ ଶହ ଲକ୍ଷଣ/ନିଦର୍ଶନ/ ଚିହ୍ନ ପ୍ରକାଶ ହେଉ ଏବଂ ହଜାର ପ୍ରକାରର ଐଶ୍ୱରିକ ସାହାଯ୍ୟ ଓ ସମର୍ଥନ ତା ସହିତ ସାମିଲ ହେଉଥିବ ଏବଂ ତା ଶତ୍ରୁମାନଙ୍କ ଉପରେ ଖୁଦାଙ୍କର ସ୍ପଷ୍ଟ ଆକ୍ରମଣ ହେଉଥିବ ତା'ପରେ କ'ଣ କାହାର ସାହାସ ଅଛି କି ଏକଥା କହିବ ଯେ ଏପରି ବ୍ୟକ୍ତି ମିଥ୍ୟାବାଦୀ ଅଟେ । କିନ୍ତୁ ଦୁଃଖର କଥା ଯେ ଦୁନିଆଁରେ ଏପରି ବହୁତ ଲୋକ ବି ଅଛନ୍ତି ଯେ ଏହି ମୁସିବତ୍‌ରେ ଫସି ଯାଉଛନ୍ତି ଯେ ଯେବେ କୌଣସି ଆତ୍ମକଥା ବା ସଇତାନ ବିଭ୍ରାନ୍ତିର ସମ୍ମୁଖୀନ ହେଉଛନ୍ତି, ସେମାନେ ତାକୁ ଖୁଦାଙ୍କ ବାଣୀ ବୋଲି ମଣୁଛନ୍ତି ଓ କ୍ରୀୟାତ୍ମକ ସାକ୍ଷ୍ୟର କିଛି ପରବାଏ କରୁନାହାନ୍ତି ।

ହଁ ଏହା ମଧ୍ୟ ସମ୍ଭବ ଯେ କାହାକୁ କେବେ କାଭାଁ କୌଣସି ସଚ୍ଚା ସ୍ୱପ୍ନ ହୋଇଥାଏ ବା ସଚ୍ଚା ଏଲ୍‌ହାମ୍ ହୋଇଯାଇଥାଏ କିନ୍ତୁ ସେତିକିରେ ତାକୁ ମାମୁର୍ ମେନଲ୍ଲାହା ଅର୍ଥାତ ଅଲ୍ଲାଃଙ୍କ ତରଫରୁ ନିୟୋଜିତ ହୋଇଛି ବୋଲି କୁହାଯାଇନପାରେ ଓ ଏକଥା ମଧ୍ୟ କୁହାଯାଇନପାରେ କି ସେ ଅନ୍ଧକାରମୟ ଆତ୍ମାରୁ ପବିତ୍ର ଅଛି ବୋଲି । ବରଂ ଏତିକି ମାତ୍ରାରେ ସ୍ୱପ୍ନ ଦେଖିବା ଓ ଏଲ୍‌ହାମ୍ ଅବତୀର୍ଣ୍ଣ ହେବା କ୍ଷେତ୍ରରେ ଉଣା ଅଧିକେ ସାରା ସଂସାର ସାମିଲ୍ ଅଛି । ଏହା ତ କିଛି ନୁହେଁ । ଏହି ତତ୍ତ୍ୱ ଅର୍ଥାତ ବେଳେ ବେଳେ ସ୍ୱପ୍ନ ବା ଏଲ୍‌ହାମ୍ ହେବା କେବଳ ଏଥିପାଇଁ ମଣିଷର ପ୍ରକୃତିରେ ରଖାଯାଇଅଛି କି ଯଦ୍ୱାରା ଜଣେ ବୁଦ୍ଧିମାନ ବ୍ୟକ୍ତି ଖୁଦାଙ୍କ ସମ୍ମାନୀୟ ରସୁଲଙ୍କ ଉପରେ କୁଧାରଣା ନ ରଖିପାରିବ । ଏବଂ ସେ ବୁଛିପାରିବ ଯେ ପ୍ରତ୍ୟେକ ମନୁଷ୍ୟର ସତା ଭିତରେ ୱହି ଏବଂ ଏଲ୍‌ହାମ୍‌ର ମଞ୍ଜି ବିଦ୍ୟମାନ ରହିଛି । ପୁଣି ଏହାର ପୂର୍ଣ୍ଣ ଉନ୍ନତିକୁ ଅସ୍ୱୀକାର କରିବା ହେଉଛି ମୂର୍ଖତା ।

କିନ୍ତୁ ଯେଉଁ ଲୋକମାନେ ଖୁଦାଙ୍କ ନିକଟରେ **ମୁଲ୍‌ହିମ୍** ଏବଂ **ମୁକଲ୍ଲିମ୍** ବୋଲାଇଥାନ୍ତି ଏବଂ ଅଲ୍ଲାଃଙ୍କ ସହିତ ବାର୍ତାଳାପ ଓ ସମ୍ବୋଧନ ହେବାର ସୌଭାଗ୍ୟ ପାଇଥାନ୍ତି ଏବଂ ଲୋକମାନଙ୍କୁ ସତ୍‌ପଥ ଆଡ଼କୁ ଦେବାପାଇଁ ପ୍ରକାଟ ହୋଇଥାନ୍ତି ସେମାନଙ୍କ ସମର୍ଥନରେ ଖୁଦାତାଲାଙ୍କ ନିଦର୍ଶନ ବର୍ଷା ସଦୃଶ ବରଷି ଥାଏ ଓ ଦୁନିଆ ତାହାର ମୁକାବିଲା କରିପାରେ ନାହିଁ ଏବଂ ଅଲ୍ଲାଃଙ୍କ କାର୍ଯ୍ୟ ବହୁଳ ଭାବେ ସାକ୍ଷ୍ୟ ଦେଇଥାଏ ଯେ ଯେଉଁ ବାଣୀ ସେମାନେ ପେଶ୍ କରୁଛନ୍ତି ତାହା ବାସ୍ତବିକ ଅଲ୍ଲାଃଙ୍କ ବାଣୀ । ଯଦି ଏଲ୍‌ହାମ୍ (ଐଶିବାଣୀ)ର ଦାବି କରୁଥିବା ଲୋକମାନେ ଏହି ଲକ୍ଷଣକୁ ସମ୍ମୁଖରେ ରଖନ୍ତେ ତେବେ ସେମାନେ ଏହି ଫିତ୍‌ନା (ବିଭ୍ରାଟ)ରୁ ବଂଚିଯାଆନ୍ତେ ।

ସେହିପରି ଯଦି ଏଲାହି ବଖ୍‌ଶ ଏ ମାମଲାରେ କିଛି ଚିନ୍ତା କରିଥାନ୍ତେ ଯେ ତା ସମର୍ଥନ ଓ ସହଯୋଗ ହୋଇଛି ଓ ସାଧାରଣ ଲୋକଙ୍କ ତୁଳନାରେ ତାକୁ କି ପ୍ରକାରର ସ୍ୱତନ୍ତ୍ରତା ଦିଆଯାଇଛି, ତେବେ ସେ ଏହି ମୁସିବତ୍ ରେ ପଡ଼ିନଥାନ୍ତା । ଏବେ ବହୁତ ଦୁଃଖର ସହିତ କହିବାକୁ ପଡୁଛି ଯେ ସେ ତା'ର ମୃତ୍ୟୁ ପରେ ମିଥ୍ୟାର ଏକ ଭଣ୍ଡାର ଛାଡ଼ି ଦେଇଯାଇଛି । ମୋ ସକାଶେ ସେ ଏହି ଏଲ୍‌ହାମ୍ ପେଶ୍ କରୁଥିଲା ଯେ ମୋ ଜୀବନକାଳ ଭିତରେ ଏ ବ୍ୟକ୍ତି (ଅର୍ଥାତ ହଜ୍‌ରତ୍ ମସିହ୍ ମଉଦ୍) ତାଉନ୍ ରୋଗରେ ଧ୍ୱଂସ ହୋଇଯିବ ଏବଂ ତା'ର ସମଗ୍ର ଯମାତ୍ ଛିନ୍ନଛିନ୍ନ ହୋଇଯିବ । ସୁତରାଂ ସେ ଦେଖିନେଲା ଯେ ସେ ସ୍ୱୟଂ ତାଉନ୍ ରୋଗରେ ଶେଷ ହୋଇଗଲା । ସେ ଦାବି କରିଥିଲା ଯେ ସେ, ସେ ପର୍ଯ୍ୟନ୍ତ ମରିବ ନାହିଁ ଯେ ପର୍ଯ୍ୟନ୍ତ ସେ ମୋର ମୂଳୋତ୍ପାଟନ ନ କରିଦେଇଛି । କିନ୍ତୁ ସେ ନିଜ ଆଖିରେ ନିଜେ ଦେଖିନେଲା ଯେ ତା'ର ମିଥ୍ୟା ଏଲ୍‌ହାମ୍ ପରେ ଲକ୍ଷାଧିକ ସଂଖ୍ୟାରେ ମୋ ଯମାତ୍ ପହଂଚି ଯାଇଛି । ଯେତେବେଳେ ଏପରି ଏଲ୍‌ହାମ୍ ସେ ପ୍ରକାଶ କରିବା ଆରମ୍ଭ କଲା ସେତେବେଳେ ମୋ ଯମାତ୍ ଚାଳିଶି ଜଣ ଲୋକରୁ ଅଧିକା ନଥିଲା ଓ ପରେ ଚାରିଲକ୍ଷ ପର୍ଯ୍ୟନ୍ତ ପହଂଚିଗଲା ଓ ସେ ସେ ପର୍ଯ୍ୟନ୍ତ ମରିଲା ନାହିଁ ଯେ ପର୍ଯ୍ୟନ୍ତ ନିଜର ଅସଫଳତାକୁ ପ୍ରତ୍ୟେକ ପାର୍ଶ୍ୱରୁ ନ ଦେଖିନେଲା ଓ ମୋ ସଫଳତାକୁ ନ ଦେଖିନେଲା । ସେ ନିଜର ମିଥ୍ୟା ଏଲ୍‌ହାମ୍ ଗୁଡ଼ିକ ଜରିଆରେ ପ୍ରତ୍ୟେକ ମୋକଦମାଃରେ, ଅର୍ଥାତ ମୋ ଉପରେ ଯେଉଁ ମୋକଦମା ଲଗାଯାଉଥିଲା, ସେ ଏକଥା ଭାବୁଥିଲା ଯେ ମୁଁ ଏଥିରେ ଦଣ୍ଡିତ ହୋଇ ବହୁତ ଦୁଃଖ କଷ୍ଟ ଉଠାଇବି । ଏହିଭଳି ତାକୁ ଏଲ୍‌ହାମ୍ ହେଉଥିଲା, ଯାହା ସବୁକୁ ସେ ନିଜ ସାଙ୍ଗସାଥିମାନଙ୍କ ନିକଟରେ ପ୍ରକାଶ କରୁଥିଲା, କିନ୍ତୁ ଖୁଦାତାଲା ପ୍ରତ୍ୟେକ ମୋକଦମାରେ ମତେ ସସମ୍ମାନେ ମୁକ୍ତି କରିଚାଲିଲା ଓ ଭିଷଣ ଅସଫଳତାର ସହିତ ତା'ର ମୃତ୍ୟୁ ହେଲା । ତେଣୁ ଏଥିରେ କିଛି ସନ୍ଦେହ ନାହିଁ ଯେ ଯେବେ ତାକୁ ତାଉନ୍ (Plegue) ହୋଇଗଲା, ସେ ମୃତ୍ୟୁକୁ ନିଜ ସମ୍ମୁଖରେ ଦେଖିନେଲା । ସେତେବେଳେ ସେ ନିଜର ସମସ୍ତ ଏଲ୍‌ହାମ୍‌ଗୁଡ଼ିକୁ ସଇତାନି ବାଣୀ ବୋଲି ଜାଣିଥିବ ଏବଂ ସେ ନିଜର ସମସ୍ତ ଏଲ୍‌ହାମ୍‌ଗୁଡିକୁ ସଇତାନି ବାଣୀ ବୋଲି ଜାଣିଥିବ ଏବଂ ସେ ସମୟରେ ତାକୁ ତା ନିଜ ବିଷୟରେ ମନେପଡ଼ିଥିବ ଯେ ମୁଁ ଭୁଲ୍ ମାର୍ଗରେ ଥିଲି । ଏକଥା ବିଲ୍‌କୁଲ୍ ବୁଦ୍ଧିସଙ୍ଗତ ନୁହେଁ ଓ ଚିନ୍ତା ବାହାର ଅଟେ ଯେ ସେ ଏତେ ମାତ୍ରାରେ ଧୋକା ଖାଇ ମଧ୍ୟ ଓ ତାଉନ୍ ରୋଗରେ ନିଜକୁ ପିଡ଼ିତ ହେବାର ଦେଖି ମଧ୍ୟ ଯାହାକୁ ସେ ମୋ ପାଇଁ ଆକ୍ଷେପ କରୁଥିଲା, ଏବଂ ମୋ ସଫଳତାକୁ ନିଜର ଶେଷ ସମୟରେ ଚିନ୍ତା କରି ମଧ୍ୟ ପୁଣି ସେ ନିଜର ପୂର୍ବ ଅବସ୍ଥାରେ କାଏମ୍ ରହିଥିବ । ଯେବେ ତାକୁ ମନେ ପଡ଼ିଥିବ ଯେ ମୁଁ ମୁସା ହେବାର ଦାବି କରିଥିଲି ଓ ନିଜ ପୁସ୍ତକର ନାମ **ଅସାଏ ମୁସା (ଅର୍ଥାତ ମୁସାଙ୍କ ଆଶାବାଡ଼ି)** ରଖିଥିଲି ଏବଂ ଏ ଆଶା ରଖିଥିଲି ଯେ ଏହି ବାଡ଼ିଟି ସେହି ବ୍ୟକ୍ତିର ବିନାଶ କରିଦେବ ଯିଏ ମସିହ ମଉଦ ହେବାର ଦାବି କରୁଅଛି । ଏବଂ ଯେବେ ତା'ର ମନେପଡୁଥିବ ଯେ ମୁଁ ସେହି ବ୍ୟକ୍ତିଙ୍କ ସମ୍ବନ୍ଧରେ ଯିଏ ମସିହ ମଉଦ ହେବାର ଦାବି କରିଅଛି ନିଜ ପୁସ୍ତକ ଅସାଏ ମୁସାରେ ଭବିଷ୍ୟବାଣୀ କରିଥିଲି ଯେ ସେ ମୋ ଜୀବନକାଳ ଭିତରେ ତାଉନ୍ (ପ୍ଲେଗ୍) ରୋଗରେ ମରିବ ବୋଲି ଏବଂ ଯେବେ ତାକୁ ଏକଥା ମନେ ପଡୁଥିବ ଯେ ମୁଁ ସେହି ପୁସ୍ତକରେ ଭବିଷ୍ୟବାଣୀ କରିଥିଲି ଯେ ସେ ପର୍ଯ୍ୟନ୍ତ ମୁଁ ମରିବି ନାହିଁ ଯେ ପର୍ଯ୍ୟନ୍ତ ନିଜର ଏହି ଶତ୍ରୁକୁ ନିଶେଷ ନ କରିଦେଇଛି । ତେବେ ପ୍ରତ୍ୟେକ ବ୍ୟକ୍ତି ଚିନ୍ତା କରିପାରୁଥିବେ ଯେ ତାକୁ ଯେତେବେଳେ ତାଉନ୍ ଆକ୍ରାନ୍ତ କଲା ସେତେବେଳେ ସେ କେତେ ସନ୍ତାପ ଓ ଅବସୋସ କରିଥିବ । କିଏ ବିଶ୍ୱାସ କରିପାରେ ଯେ ତା'ର ଏତେ ମାତ୍ରାରେ ଅସଫଳ ହେବା ଓ ତା'ର ସମସ୍ତ କଥାର ମୁଖା ଖୋଲିଯିବା ଓ ତା'ର ସମସ୍ତ ଏଲ୍‌ହାମ୍ ମିଥ୍ୟା ହେବା ସତ୍ୱେମଧ୍ୟ ତାଉନ୍ ରୋଗରେ ପିଡ଼ିତ ହେବା ବେଳେ ମଧ୍ୟ ତାକୁ ମୁସା (ନବି) ହେବାର ବିଶ୍ୱାସ ଥିଲା ? ନୁହେଁ ନୁହେଁ କଦାପି ନୁହେଁ ବରଂ ତାଉନ୍ ତା'ର ସମସ୍ତ ଭାବନାକୁ ଖଣ୍ଡ ଖଣ୍ଡ କରିଦେଇଥିବ ଏବଂ ସୁଚାଇ ଦେଇଥିବ ଯେ ସେ ଭୁଲ ମାର୍ଗରେ ଥିଲା । ସୁତରାଂ ଏହି ଘଟଣା ଘଟିବାର ବହୁତ ଦିନ ପୂର୍ବରୁ ମୋ ଉପରେ ଖୁଦା ଏହା ପ୍ରକାଶ କରିଦେଇଥିଲେ ଯେ ସେ ଏହି ବିକୃତ ଭାବନା ଉପରେ କାଏମ୍ ରହିବ ନାହିଁ ଏବଂ ପରିଶେଷରେ ସେ ଏହି ଭାବନାରୁ ଓହରି ଯିବ । ସୁତରାଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେତେବେଳେ ତାକୁ ଅଚାନକ ତାଉନ୍ ହେଲା ଓ ଅସମୟରେ ମୃତ୍ୟୁର ଦୃଶ୍ୟ ଉପସ୍ଥିତ ହେଲା, ଯାହାକୁ ସେ ଖୁବ୍ ଜାଣିଥିଲା ଯେ ଏହା ଅସମୟରେ ଆସିଛି ଓ ମୋ ଦାବିର ବିପରୀତ ଅଟେ, ସେତେବେଳେ ନିଶ୍ଚିତରୂପେ ସେହି ଦୃଶ୍ୟ ତାକୁ ବିଶ୍ୱାସ କରାଇଥିବ ଯେ ତା'ର ସମସ୍ତ ଏଲ୍‌ହାମ୍ ସଇତାନ ଥିଲା । ଏପରି ଅବସ୍ଥାରେ ଉପାୟଶୁନ୍ୟ ହୋଇ ସନ୍ତାପ କରି ସେ ଜାଣିଯାଇଥିବ ଯେ ମୁଁ ଭୁଲ୍ ରାସ୍ତାରେ ଥିଲି ଓ ଯାହା କିଛି ମୁଁ ବୁଝିଥିଲି ତାହା ଖୁଦାଙ୍କ ତରଫରୁ ନଥିଲା । ଆଗକୁ ଯାଇ ଆମେ ବର୍ଣ୍ଣନା କରିବୁ ଯେ ଏପରି ଭାବିବା ତା ପାଇଁ ଜରୁରୀ ଥିଲା କାରଣ ସେହି ମୃତ୍ୟୁର ଦୃଶ୍ୟ ଦ୍ୱାରା ତା'ର ଏଲ୍‌ହାମ୍ କଥନ ସବୁ ଏକ୍‌ଦମ୍ ଏମିତି ମିଥ୍ୟା ପ୍ରମାଣିତ ହେଲା ଯେମିତି ଅଚାନକ ଏକ ପ୍ରାଚୀର ଭାଙ୍ଗି ତଳେ ପଡ଼ିଯାଇଥାଏ । ଏହା ତା ପାଇଁ ଚିନ୍ତାର ବାହାରେ ଥିଲା ଯେ ମୁଁ ଏହି ତାଉନ୍‌ରୁ ବଂଚିଯିବି କାରଣ ୭ ଏପ୍ରିଲ୍ ୧୯୦୭ ମସିହା ଦିନ, ଯେଉଁ ଦିନ ସେ ମଲା, ତା ପୂର୍ବରୁ ଲାହୋର୍‌ଠାରେ ଏପରି ଭିଷଣ ଓ ପ୍ରକୋପ ତାଉନ ବ୍ୟାପିଥିଲା ଯେ କେଉଁ କେଉଁ ଦିନ ଦୁଇଶହରୁ ଅଧିକା ଲୋକ ମରିଯାଉଥିଲେ । ତା'ର ଜଣେ ଆତ୍ମୀୟ ତା'ର ଗୋଟିଏ ଦିନ ପୂର୍ବରୁ ତାଉନ୍‌ରେ ମରିଯାଇଥିଲା ଯାହାର ଯନାଜାଃରେ ଯାଇ ସେ ତାଉନ୍ କିଣି ଆଣିଥିଲା । ସୁତରାଂ ଏପରି ଘାତକ ବେମାରୀରେ ପଡ଼ି କିଏ କହିପାରେ ଯେ ମୁଁ ବଂଚିଯିବି ବରଂ ହଜାର ହଜାର ଲୋକ ତାଉନ୍‌ରେ ଆକ୍ରାନ୍ତ ହେବା ସଙ୍ଗେ ସଙ୍ଗେ ନିଜ ଲୋକମାନଙ୍କ ପାଇଁ ୱସିୟତ୍ (Will) ଲେଖାଇ ଦେଉଛନ୍ତି । ସୁତରାଂ ତାଉନ୍‌ରେ ଆକ୍ରାନ୍ତ ହେବା ସଙ୍ଗେ ତା'ର ସମସ୍ତ ମୁସୱିୟତ୍ (ଅର୍ଥାତ ମୁସା ଆ:ସଙ୍କ ବିଶେଷ ଗୁଣ) ନଦୀରେ ବୁଡ଼ିଗଲା । ସେ ହଜାର ହଜାର ଲୋକଙ୍କୁ ମରୁଥିବାର ଦେଖି ମନେ ପକାଉଥିବ ଏବଂ ବିଶେଷରୂପେ ଯାକୁବ୍‌ର ମୃତ୍ୟୁ କଥା ଚିନ୍ତାକରି ବୁଝି ନେଉଥିବ ଯେ ମୁଁ ଏପରି ଅବସ୍ଥାରେ ଜରୁର୍ ମରିବି । ସେ କିପରି ଏମିତି ପରିସ୍ଥିତିରେ ଏକଥାରେ କାଏମ୍ ରହିପାରିଥାନ୍ତା ଯେ ମୁଁ ହେଉଛି ମୁସା । ସୁତରାଂ ଏହା ଖୁଦାଙ୍କର ଦୟା / କରୁଣା ଯେ ସେ ନିଜର ବିକୃତ ବିଶ୍ୱାସକୁ ସାଥିରେ ନେଇ ଯାଇନାହିଁ । ଖୁଦା ତା'ର ବେକକୁ ଧରି ସେଥିରୁ ଫେରାଇ ଦେଲା । ସେ ଏପରି ଲୋକମାନଙ୍କ ମଧ୍ୟରେ ସାମିଲ ହୋଇଗଲା ଯାହାଙ୍କ ସମ୍ବନ୍ଧରେ ଖୁଦାତାଲା କହୁଛନ୍ତି **ୱ ଇନ୍ ମିନ୍ ଅହ୍‌ଲିଲ୍ କିତାବି ଇଲ୍ଲା ଲୟୁମିନନ୍ନା ବିହି କବ୍‌ଲା ମୌତିହି ।**

## ମହାନ ବିଜୟ

### ଡ଼ାକ୍ତର ଜନ୍ ଆଲେକ୍‌ଜାଣ୍ଡାର ଡୁଇ ଆମେରୀକାର ମିଥ୍ୟାବାଦୀ ନବି ମୋ ଭବିଷ୍ୟବାଣୀ ଅନୁସାରେ ନିଶେଷ ହେଲା ।

ଉପରୋକ୍ତ ଶୀର୍ଷକ ଅନ୍ତର୍ଗତ ସୟଦନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲେଖୁଛନ୍ତି:

ସ୍ପଷ୍ଟ ହେଉ କି ଯେଉଁ ବ୍ୟକ୍ତିଙ୍କ ନାମ ଶୀର୍ଷକରେ ଦରଜ କାରାଯାଇଅଛି ସେ ଇସ୍‌ଲାମ୍‌ର ଅତ୍ୟନ୍ତ ଶତ୍ରୁ ଥିଲା ଏବଂ ଏତଦ୍ ବ୍ୟତିତ ସେ ପୈଗମ୍ବର ହେବାର ମିଥ୍ୟା ଦାବି କରିଥିଲା ଏବଂ ହଜ୍‌ରତ୍ ସୟଦୁନ୍ ନବିୟିନ୍ ୱ ଅସ୍‌ଦକୁସ୍ ସ୍ୱାଦେକିନ୍ ୱ ଖୈରୁଲ୍ ମୁର୍‌ସଲିନ୍ ୱ ଇମାମୁତ୍ ତୈୟେବିନ୍ ଯନାବ ତକଦ୍ଦୁସ୍ ମାଆବ୍ ମୁହମ୍ମଦ୍ ମୁସ୍ତଫା ସ୍ୱଲଲ୍ଲାହୁ ୱ ଆଲୈହେ ୱ ସଲ୍ଲମ୍‌ଙ୍କୁ ମିଥ୍ୟାବାଦୀ ଓ କପଟି ମନେ କରୁଥିଲା । ଦୁଷ୍ଟାମି ଦେଖାଇ ଆଁ ଯନାବ୍‌ଙ୍କୁ ଖରାପ ଗାଳି ଗୁଲଜ ଏବଂ ଅଭାଷା କହି ମନେ ପକାଉଥିଲା । ସୁତରାଂ ଏହି ଶ୍ରେଷ୍ଠ ଧର୍ମ ଯୋଗୁଁ ତା ମନ ଭିତରେ ବିଦ୍ୱେଷଭାବ ଓ ଅପବିତ୍ରତା ଭିଷଣ ଭାବେ ପରିଲକ୍ଷିତ ହେଉଥିଲା । ଯେମିତି ଘୁଷୁରୀ ସାମନାରେ ମୋତିର କିଛି ସମ୍ମାନ ନଥାଏ ସେହିପରି ସେ ଇସ୍‌ଲାମ୍‌ର ଏକେଶ୍ୱରବାଦକୁ ବହୁତ ଘୃଣା ଦୃଷ୍ଟିରେ ଦେଖୁଥିଲା ଓ ଏହାର ମୂଳୋତ୍ପାଟନ କରିବାକୁ ଚାହୁଁଥିଲା । ହଜ୍‌ରତ୍ ଇସାଙ୍କୁ ଖୁଦା ରୂପେ ଜାଣୁଥିଲା ଏବଂ ତସ୍‌ଲିସ୍ (ଅର୍ଥାତ ଇସାଇମାନଙ୍କ ବିଶ୍ୱାସ ଯେ ତିନି ଜଣ ଖୁଦା ଅଛନ୍ତି, ଜଣେ ବାପା, ଜଣେ ପୁତ୍ର ଓ ଜଣେ ପବିତ୍ର ଆତ୍ମା)କୁ ଦୁନିଆରେ ପ୍ରଚାର ପ୍ରସାର କରିବାପାଇଁ ଏତେ ଆଗ୍ରହୀ ଥିଲା ଯେ ମୁଁ ଶହ ଶହ ପାଦ୍ରୀମାନଙ୍କ ପୁସ୍ତକ ପଢ଼ିଛି, କିନ୍ତୁ ସେମିତି ଜୋଶ୍ (ଉତ୍ସାହ/ଆଗ୍ରହ) କାହାଠାରେ ଦେଖିନାହିଁ । ସୁତରାଂ ତା'ର ଖବରକାଗଜ **ଲେୱିସ୍ ଅଫ୍ ହିଲିଂ** ୧୯ ଡ଼ିସେମ୍ବର ୧୯୦୩ ଏବଂ ୧୪ ଫେବୃୟାରୀ ୧୯୦୭ ମସିହାରେ ଏକ ବାକ୍ୟ ଲେଖିଛି ।

"ମୁଁ ଖୁଦାଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସେହି ଦିନ ଶିଘ୍ର ଆସିଯାଉ କି ଇସ୍‌ଲାମ୍ ସଂସାରରୁ ଲୋପ ପାଇଯାଉ । ହେ ଖୁଦା ତୁମେ ଏପରି ହିଁ କର । ହେ ଖୁଦା ଇସ୍‌ଲାମ୍‌କୁ ଧ୍ୱଂସ କରିଦିଅ ।"

ଓ ପୁଣି ନିଜ ଖବରକାଗଜ ପ୍ରକାଶନ ୧୨ ଡ଼ିସେମ୍ବର ୧୯୦୩ ମସିହାରେ ନିଜକୁ ଜଣେ ସଚ୍ଚା ରସୁଲ୍ ଓ ସଚ୍ଚା ନବି ବୋଲି ଅଭିହିତ କରି କହୁଛି ଯେ:

"ଯଦି ମୁଁ ସଚ୍ଚା ନବି ନୁହେଁ ତେବେ ପୁଣି ଏହି ମହିମଣ୍ଡଳରେ ଏପରି କେହି ନାହିଁ ଯିଏ ଖୁଦାଙ୍କ ନବୀ ହୋଇପାରିବ ।"

ଏତତ୍‌ବ୍ୟତିତ ସେ ବହୁତ ବଡ଼ ମୁଶ୍‌ରିକ୍ ଥିଲା ଓ ଏକଥା କହୁଥିଲା ଯେ ମତେ ଏଲ୍‌ହାମ୍ ହୋଇସାରିଛି କି ପଚିଶି ବର୍ଷ ମଧ୍ୟରେ ୟସୁ ମସିହ୍ ଆକାଶରୁ ଓହ୍ଲାଇ ଆସିବେ । ସେ ହଜ୍‌ରତ୍ ଇସାଙ୍କୁ ବାସ୍ତବରେ ଈଶ୍ୱର ମଣୁଥିଲା । ତତ୍ ସହିତ ମୋ ମନକୁ କଷ୍ଟ ପହଂଚାଇବାର ଆଉ ଗୋଟିଏ କଥା ଏହା ଥିଲା କି ସେ ଆମ ନବୀ କରୀମ୍ ସ୍ୱଲଲ୍ଲାହୁ ଆଲୈହିସ୍ ସଲ୍ଲମ୍‌ଙ୍କର ଭିଷଣ ଶତ୍ରୁ ଥିଲା, ତାହା ମୁଁ ଲେଖିସାରିଛଇ । ମୁଁ ତା'ର ପତ୍ରିକା ଲେୱିସ୍ ଅଫ୍ ହିଲିଙ୍ଗ୍ ନେଉଥିଲି ତେଣୁ ତା'ର କୁଭାଷା ବିଷୟରେ ସର୍ବଦା ମତେ ଏତେଲା ମିଳୁଥିଲା । ଯେତେବେଳେ ତା'ର ଅଂହଙ୍କାର ଶେଷ ସୀମାରେ ପହଚିଂଗଲା ସେତେବେଳେ ମୁଁ ଇଂରାଜୀ ଭାଷାରେ ଏକ ଚିଠି ତା' ନିକଟକୁ ପଠାଇଲି ଏବଂ ମୁବାହିଲା କରିବା ପାଇଁ ତାକୁ ନିବେଦନ କଲି ଯଦ୍ୱାରା ଆମ ଦୁଇଜଣଙ୍କ ମଧ୍ୟରେ ଯିଏ ମିଥ୍ୟାବାଦୀ ତାକୁ ସତ୍ୟବାଦୀର ଜୀବନ କାଳ ଭିତରେ ଖୁଦାତାଲା ନିଶେଷ କରିଦେବେ । ଏହି ଦରଖାସ୍ତ ଦୁଇଥର ଅର୍ଥାତ ୧୯୦୨ ମସିହାରେ ଏବଂ ପୁଣି ୧୯୦୩ ମସିହାରେ ତା' ନିକଟକୁ ପ୍ରେରଣ କରାଯାଇଥିଲା ଏବଂ ଆମେରୀକାର କିଛି ନାମିଦାମି ଖବରକାଗଜରେ ମଧ୍ୟ ପ୍ରକାଶ କରାଯାଇଥିଲା ସେଗୁଡ଼ିକର ନାମ ହାଶିୟାରେ ଦରଜ ଅଛି । (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ୩୨ ଟି ଖବରକାଗଜ ନାମ ହାଶିୟାରେ ପ୍ରକାଶ କରିଛନ୍ତି, ସେ ସବୁରେ ଏ ବିଷୟ ସମ୍ବନ୍ଧିତ ଖବର ପ୍ରକାଶ ହୋଇଛି । ଉଦ୍ଧୃତକାରୀ)

ଏବଂ ଏହି ମୁବାହିସା ନିବନ୍ଧରେ ମୁଁ ମିଥ୍ୟାବାଦୀ ପାଇଁ ବଦ୍‌ଦୁଆ (ଅର୍ଥାତ ଶ୍ରାପ) ମଧ୍ୟ କରିଥିଲି ଏବଂ ଖୁଦାଙ୍କ ନିକଟରୁ ଏହା ଚାହିଁଥିଲି ଯେ ଖୁଦା ମିଥ୍ୟାବାଦୀର ମିଥ୍ୟାକୁ ନିଜର ଫଇସଲା ଦ୍ୱାରା ପ୍ରକାଶ କରିଦିଅନ୍ତୁ । ମୋର ଏହି ମୁବାହିସା ବିଷୟଟି ଯେମିତି କି ମୁଁ ଲେଖିସାରିଛି ଯେ ଆମେରୀକାର କିଛି ଦୈନିକ ପ୍ରଶିଦ୍ଧ ଖବରକାଗଜରେ ସୁଚାରୁରୂପେ ପ୍ରକାଶ ହୋଇଯାଇଥିଲା । ଏବଂ ଏହି ଖବରକାଗଜଗୁଡ଼ିକ ଆମେରୀକାର ଇସାଇମାନଙ୍କର ଥିଲା । ସେମାନଙ୍କର ମୋ ସହିତ କିଛି ସମ୍ପର୍କ ନଥିଲା । ଖବରକାଗଜ ଗୁଡ଼ିକରେ ପ୍ରକାଶ କରିବାପାଇଁ ମତେ ଏଥିସକାଶେ ଆବଶ୍ୟକ ପଡ଼ିଲା ଯେ ଡ଼ାକ୍ତର ଡୁଇ ମିଛୁଆ ନବି ସିଧା ସଳଖ ପ୍ରତ୍ୟକ୍ଷ ଭାବେ ମତେ ଉତର ଦେଇନଥିଲା । ତେଣୁ ପରିଶେଷରେ ମୁଁ ସେହି ମୁବାହିଲା ସମ୍ବନ୍ଧିତ ବିଷୟଟିକୁ ଆମେରୀକାର ସେହି ପ୍ରଶିଦ୍ଧ ଦୈନିକ ଖବରକାଗଜଗୁଡ଼ିକରେ ପ୍ରକାଶ କରାଇଦେଲି । ଏହା ଖୁଦାଙ୍କ କୃପା ଥିଲା କି ସେହି ଖବରକାଗଜଗୁଡ଼ିକରେ ଏଡ଼ିଟରମାନେ ଇସାଇ ଧର୍ମର

ହେବା ସତ୍ୱେ ମଧ୍ୟ, ଇସ୍‌ଲାମ୍‌ର ବିରୋଧି ଥିଲେ ମଧ୍ୟ ସେମାନେ ଅତ୍ୟନ୍ତ ସୁଚାରୁରୂପେ ମୋର ମୁବାହିଲା ବିଷୟଟିକୁ ଏପରି ବହୁଳଭାବେ ପ୍ରକାଶ କଲେ ଯେ ଆମେରୀକା ଓ ୟୁରୋପ୍‌ରେ ଏହାର ଡ଼ଙ୍କା ବାଜି ଉଠିଲା । ଏବଂ ହିନ୍ଦୁସ୍ତାନ ପର୍ଯ୍ୟନ୍ତ ଏହି ମୁବାହିଲାର ଖବର ପହଂଚିଗଲା । ମୋ ମୁବାହିଲାର ସାରାଂଶ ବିଷୟବସ୍ତୁ ଏହା ଥିଲା କି ଇସ୍‌ଲାମ୍ ସଚ୍ଚା ଓ ଇସାଇ ଧର୍ମର ଆସ୍ଥା ଓ ବିଶ୍ୱାସ ହେଉଛି ମିଥ୍ୟା । ମୁଁ ହେଉଛି ଖୁଦାଙ୍କ ତରଫରୁ ସେହି ମସିହ୍ ଯାହାକୁ ଶେଷ ଯୁଗରେ ଆସିବାର ଥିଲା ଏବଂ ନବିମାନଙ୍କ ଲେଖପତ୍ରରେ ଏହାର ପ୍ରତିଶୃତି ଦିଆଯାଇଥିଲା । ପୁଣି ମୁଁ ସେଥିରେ ଏହା ଲେଖିଥିଲି ଯେ ଡ଼ାକ୍ତର ଡୁଇ ନିଜର ରସୁଲ୍ ହେବାର ଦାବିରେ ଏବଂ ତସ୍‌ଲିସ୍‌ର ଆସ୍ଥାରେ ମିଥ୍ୟାବାଦୀ ଅଟେ । ଯଦି ସେ ମୋ ସହିତ ମୁବାହିଲା କରେ ତେବେ ମୋ ଜୀବନ କାଳ ମଧ୍ୟରେ ହିଁ ସେ ବହୁତ ସନ୍ତାପ ଓ ଦୁଃଖରେ ମରିବ ଏବଂ ଯଦି ମୁବାହିଲା ମଧ୍ୟ ନର୍କରେ ତେବେ ମଧ୍ୟ ସେ ଖୁଦାଙ୍କ ଦଣ୍ଡରୁ ବଂଚି ପାରିବ ନାହିଁ । ଏହାର ଉତରରେ ସେହି ଅଭାଗା ଡୁଇ ଡ଼ିସେମ୍ବର ୧୯୦୩ ମସିହାରେ ଗୋଟିଏ ପତ୍ରିକାରେ ଏବଂ ପୁଣି ୨୬ ଡ଼ିସେମ୍ବର ୧୯୦୩ ମସିହାର ନିଜ ପତ୍ରିକାଗୁଡ଼ିକରେ ନିଜ ଆଡୁ ଏହି କିଛି ଧାଡ଼ି ଇଂରାଜୀ ଭାଷାରେ ପ୍ରକାଶ କଲା ଯାହାର ଅନୁବାଦ ନିମ୍ନରେ ଦିଆଯାଉଅଛି:-

"ହିନ୍ଦୁସ୍ତାନରେ ଜଣେ ମୂର୍ଖ ମୁହମ୍ମଦି ମସିହ ଅଛି, ଯିଏ ମତେ ବାରମ୍ବାର ଲେଖୁଛି ଯେ ମସିହ ୟସୁଙ୍କ କବର କାଶ୍ମୀରରେ ରହିଛି ଏବଂ ଲୋକମାନେ ମତେ କହୁଛନ୍ତି ଯେ ତୁ ଏହାର ଉତର କାହିଁକି ଦେଉନାହୁଁ ଏବଂ ପୁଣି ତୁ କାହିଁକି ସେହି ବ୍ୟକ୍ତିର ଉତର ଦେଉନାହୁଁ । କିନ୍ତୁ କ'ଣ ତୁମେମାନେ ଭାବୁଛ ଯେ ମୁଁ ସେହି ମଶା ଓ ମାଛିମାନଙ୍କର ଉତର ଦେବି । ଯଦି ମୁଁ ସେମାନଙ୍କ ଉପରେ ନିଜର ପାଦ ରଖିଦେବି ତେବେ ମୁଁ ସେମାନଙ୍କୁ ଦଳି ମାରି ପକାଇବି ।"

ଏବଂ ପୁଣି ୧୯ ଡ଼ିସେମ୍ବର ୧୯୦୨ ମସିହାରେ ପତ୍ରିକାରେ ଲେଖୁଛି ଯେ:

"ମୋର କାମ ହେଉଛି ଏହା କି ମୁଁ ପୂର୍ବ, ପଶ୍ଚିମ, ଉତର ଓ ଦକ୍ଷିଣରୁ ଲୋକମାନଙ୍କୁ ଏକତ୍ରୀତ କରିବି ଏବଂ ଇସାଇମାନଙ୍କୁ ଏହି ସହର ଓ ଅନ୍ୟ ସହର ଗୁଡ଼ିକରେ ଆବଦ୍ କରିଦେବି ଏପରି କି ସେହି ଦିନ ଆସିଯିବ ଅର୍ଥାତ ମୁହମ୍ମଦି (ମୁସଲମାନ) ଏ ସଂସାରରୁ ଲୋପ ପାଇଯିବେ । ହେ ଖୁଦା ଆମକୁ ସେହି ସମୟ ଦେଖାନ୍ତୁ ।"

ସୁତରାଂ ଏହି ବ୍ୟକ୍ତି ଜଣଙ୍କ ମୋ ମୁବାହିଲା ବିଷୟବସ୍ତୁ ପରେ ଯାହା ୟୁରୋପ ଓ ଆମେରୀକା ଏବଂ ସେହି ଦେଶଗୁଡ଼ିକରେ ପ୍ରକାଶ ହୋଇସାରିଥିଲା ବରଂ ସାରା ଦୁନିଆରେ ପ୍ରକାଶ ହୋଇସାରିଥିଲା ସେ ବହୁତ ଗର୍ବ ଓ ଅଂହଙ୍କାରରେ ଦିନକୁ ଦିନ ବଢ଼ିଚାଲିଥିଲା । ଏପଟେ ମତେ ଏହା ଅପେକ୍ଷା ଥିଲା ଯେ ଯାହା କିଛି ମୁଁ ନିଜ ପାଇଁ ଓ ତା ପାଇଁ ଖୁଦାତାଲାଙ୍କଠାରୁ ଫଏସଲା ଚାହିଁଛି, ନିଶ୍ଚିତରୂପେ ଖୁଦାତାଲା ସଚ୍ଚା ଫଏସଲା କରିବ ଏବଂ ଖୁଦାତାଲାଙ୍କ ନିଷ୍ପତି ମିଥ୍ୟାବାଦୀ ଓ ସତ୍ୟବାଦୀଙ୍କ ମଧ୍ୟରେ ଫରକ କରି ଦେଖାଇଦେବ ।

ଏବଂ ମୁଁ ସର୍ବଦା ଏ ବାବଦରେ ଖୁଦାତାଲାଙ୍କ ନିକଟରେ ଏ ପ୍ରାର୍ଥନା କରୁଥିଲି ଓ ମିଥ୍ୟାବାଦୀର ମୃତ୍ୟୁ ଚାହୁଁଥିଲି । ସୁତରାଂ ଅନେକଥର ଖୁଦାତାଲା ମତେ ଖବର ଦେଲେ ଯେ ତୁ ବିଜୟୀ ହେବୁ ଓ ଶତୃର ବିନାଶ ହେବ । ପୁଣି ଡୁଇର ମୃତ୍ୟୁ ହେବାର ପାଖାପାଖି ପନ୍ଦର ଦିନ ପୂର୍ବରୁ ଖୁଦାତାଲା ନିଜର ବାଣୀ ଜରିଆରେ ମତେ ମୋର ବିଜୟୀ ହେବାର ଏତେଲା ଦେଲେ । ଯାହାକୁ ମୁଁ **କାଦିୟାନ କେ ଆର୍‌ୟା ଅଓର୍ ହମ୍** ନାମକ ପ୍ରତ୍ରିକାରେ ଟାଇଟଲ୍ ପେଜ୍‌ର ପ୍ରଥମ ଫର୍ଦର ଦ୍ୱିତୀୟ ପୃଷ୍ଠାରେ ଡୁଇର ମୃତ୍ୟୁ ହେବାର ଉଣା ଅଧିକେ ଦୁଇସପ୍ତାହ ପୂର୍ବରୁ ଛପାଇ ପ୍ରକାଶ କରି ସାରିଛି ଓ ତାହା ହେଉଛି ଏପରି

**ତାଜା ନିଦର୍ଶନର ପେଶ୍‌ଗୋଇ**

ଖୁଦା କହୁଛନ୍ତି ଯେ ମୁଁ ଏକ ତାଜା ନିଦର୍ଶନ ପ୍ରକାଶ କରିବି ଯେଉଁଥିରେ ମହାନ ବିଜୟ ପ୍ରାପ୍ତ ହେବ । ତାହା ସାରା ଦୁନିଆଁ ପାଇଁ ଏକ ନିଶାନ୍ (ନିଦର୍ଶନ) ହେବ । (ଅର୍ଥାତ ଏହାର ପ୍ରକାଶ କେବଳ ହିନ୍ଦୁସ୍ତାନ ଭିତେର ସୀମିତି ରହିବ ନାହିଁ) ଏବଂ ଖୁଦାଙ୍କ ହାତରେ ଅନୁଷ୍ଠିତ ହେବ ଓ ଆକାଶରୁ ହେବ । ପ୍ରତ୍ୟେକ ଆଖି ଏହାକୁ ଦେଖିବାପାଇଁ ଅପେକ୍ଷା କରିବା ଆବଶ୍ୟକ । କାରଣ ଖୁଦା ଏହାକୁ ନିକଟରେ ପ୍ରକାଶ କରିବ ଯଦ୍ୱାରା ସେ ଏହାର ସାକ୍ଷ୍ୟ ଦେବ ଯେ ଏହି ନିମିତ ଯାହାକୁ ସମଗ୍ର ଜାତି ଗାଳି ଦେଉଛନ୍ତି, ସେ ତା ତରଫରୁ ଆସିଛି । ତାକୁ ଶୁଭେଚ୍ଛା ହେଉ ଯିଏ ଏଥିରୁ ଲାଭ ଉଠାଇବେ ।

**ଅଲ୍‌ମୁସ୍ତହିର୍**

**ମିର୍ଜା ଗୁଲାମ୍ ଅହମଦ୍ ମସିହ ମଉଦ**

**ଇସ୍ତେହାର ୨୦ ଫେବୃୟାରୀ ୧୯୦୭ ମସିହା**

ଏବେ ପ୍ରକାଶ ହେଲା ଯେ ଏପରି ନିଶାନ୍ (ଯାହାର ମହାନ୍ ବିଜୟର କାରଣ ହେଲା) ଯାହାକୁ ସାରା ଦୁନିଆ, ଏସିୟା ଓ ଆମେରୀକା ଏବଂ ୟୁରୋପ ଓ ହିନ୍ଦୁସ୍ତାନ ପାଇଁ ଗୋଟିଏ ଖୋଲା ନିଦର୍ଶନ ହୋଇପାରେ ତାହା ହେଉଛି ଏହି ଡୁଇର ମରିବାର ନିଶାନ୍ । କାରଣ ସମସ୍ତ ନିଶାନ୍ ଗୁଡ଼ିକ ଯାହା ମୋ ପେଶ୍‌ଗୋଇରୁ ପ୍ରକାଶ ହୋଇଛି ତାହା ପଞ୍ଜାବ ଏବଂ ହିନ୍ଦୁସ୍ତାନ ମଧ୍ୟରେ ହିଁ ସୀମିତ ଥିଲା । ଆମେରୀକା ଏବଂ ୟୁରୋପର କୌଣସି ବ୍ୟକ୍ତିଙ୍କୁ ସେ ବିଷୟରେ ଖବର ନଥିଲା । କିନ୍ତୁ ଏହା ନିଦର୍ଶନଟି ପଞ୍ଜାବରୁ ଭବିଷ୍ୟବାଣୀ ଆକାରରେ ପ୍ରକାଶ ହୋଇ ଆମେରୀକା ଓ ୟୁରୋପର ପ୍ରତ୍ୟେକ ଲୋକ ଜାଣିଥିଲେ ଓ ତା ମୃତ୍ୟୁ ସହିତ ହିଁ ଟେଲିଗ୍ରାମ ଜରିଆରେ ସେହି ଦେଶର ଇଂରାଜୀ ଖବରକାଗଜଗୁଡ଼ିକୁ ଖବର ଦିଆଗଲା । ସୁତରାଂ ପାୟୋନିୟର ଖବର କାଗଜ (ଯାହା ଆଲ୍ଲାବାଦ୍‌ରୁ ପ୍ରକାଶ ହେଉଛି) ୧୧ ମାର୍ଚ୍ଚ ୧୯୦୭ ମସିହା ପ୍ରକାଶନରେ ଏବଂ ସିଭିଲ୍ ଏଣ୍ଡ ମିଲିଟାରୀ ଗେଜେଟ୍ (ଯାହା ଲାହୋରରୁ ପ୍ରକାଶିତ ହେଉଛି) ୧୨ ମାର୍ଚ୍ଚ ୧୯୦୭ ଅଙ୍କରେ ଏବଂ ଇଣ୍ଡିୟାନ୍ ଡ଼େଲି ଟେଲିଗ୍ରାଫ (ଯାହା ଲକ୍ଷ୍ନୌରୁ ପ୍ରକାଶିତ ହେଉଛି) ୧୨ ମାର୍ଚ୍ଚ ୧୯୦୭ ମସିହାର ପ୍ରକାଶନରେ ଏହି ଖବର ପ୍ରକାଶ କରିଛନ୍ତି । ସୁତରାଂ ଏହିପରି ଖବରଟି ସାରା ଦୁନିଆରେ ପ୍ରକାଶ କରାଯାଇଛି । ଏବଂ ସେହି ବ୍ୟକ୍ତି ଜଣଙ୍କ ନିଜେ ଏପରି ବ୍ୟକ୍ତିତ୍ୱର ମାଲିକ ଥିଲା ଯେ ଜଣେ ମହାନ ନବାବ୍ ଓ ରାଜକୁମାର ସଦୃଶ ତାକୁ ଲୋକମାନେ ମାନୁଥିଲେ । ସୁତରାଂ ୱିବ୍, ଯିଏ ଆମେରିକାରେ ମୁସଲମାନ ହୋଇଯାଇଛନ୍ତି । ସେ ମୋ ତରଫରୁ ଏ ସମ୍ବନ୍ଧରେ ଗୋଟିଏ ଚିଠି ଲେଖିଥିଲେ ଯେ ଡ଼ାକ୍ତର ଡୁଇ ଏ ଦେଶରେ ଅତ୍ୟନ୍ତ ସମ୍ମାନୀୟ ଓ ରାଜକୁମାରଙ୍କ ଭଳି ଜୀବନଯାପନ କରୁଅଛି । ଏତେ ମାନସମ୍ମାନ ପାଇବା ସତ୍ୱେ ମଧ୍ୟ ଯାହା ତାକୁ ଆମେରୀକାରେ ଓ ୟୁରୋପରେ ହାସଲ ଥିଲା ଖୁଦାତାଲାଙ୍କ କୃପା ଏପରି ହେଲା କି ମୋ ମୁବାହିଲା ନିବନ୍ଧଟି ତା ମୁକାବିଲାରେ ଅମେରୀକାରେ ବଡ଼ ବଡ଼ ଦୈନିକ ଖବରକାଗଜଗୁଡ଼ିକ ଛପାଇ ପ୍ରକାଶ କଲେ ଏବଂ ସାରା ଆମେରୀକା ଏବଂ ୟୁରୋପରେ ପ୍ରଶିଦ୍ଧି କରାଇଦେଲେ । ପୁଣି ଏହି ସର୍ବସାଧାରଣ ପ୍ରକାଶ ହେବାପରେ, ତା ବିଷୟରେ ଯେଉଁ ପେଶ୍‌ଗୋଇ ରେ ଖବର ଦିଆଯାଇଥିଲା କି ସେ ଧ୍ୱଂସ ଓ ବିନାଶ ହେବ ବୋଲି ତାହା ଏତେ ସ୍ୱଷ୍ଟରୂପେ ପୂରଣ ହୋଇଗଲା ଯେ ତା'ଠାରୁ ବଳି ସମ୍ପୁର୍ଣ୍ଣ ରୂପେ ପ୍ରକାଶ ହେବା ଚିନ୍ତା କରାଯାଇପାରେନା । ତା ଜୀବନରେ ପ୍ରତ୍ୟେକ ପାର୍ଶ୍ୱରେ ବିପତି ପଡ଼ିଲା । ସେ ଭ୍ରଷ୍ଟାଚାରୀ ରୂପେ ପ୍ରମାଣିତ ହେଲା । ସେ ମଦ୍ୟପାନକୁ ନିଜ ଶିକ୍ଷାରେ ହରାମ୍ (ଅବୈଧ) ଅଭିହିତ କରୁଥିଲା କିନ୍ତୁ ନିଜେ ଜଣେ ମଦ୍ୟପ ବ୍ୟକ୍ତି ରୂପେ ପ୍ରମାଣିତ ହେଲା । ସେ ନିଜ ଦ୍ୱାରା ପ୍ରତିଷ୍ଠା କରିଥିବା **ସୈହୁନ୍** ସହରରୁ ବହୁତ ସନ୍ତାପିତ ଅବସ୍ଥାରେ ବାହାର ହେଲା ଯାହାକୁ ସେ କେତେ ଲକ୍ଷ ଟଙ୍କା ଖର୍ଚ୍ଚକରି ଆବାଦ୍ କରିଥିଲା । ତା ନିକଟରେ ଥିବା ସାତ କୋଟି ନଗଦ ଟଙ୍କା, ଯାହା ସେ ନିଜ ଆୟତରେ ରଖିଥିଲା, ସେଥିରୁ ବଂଚିତ ରଖାଗଲା । ଏବଂ ତା ସ୍ତ୍ରୀ ଓ ତା ପୁତ୍ର ତା'ର ଶତୃପାଳଟି ଗଲେ ଏବଂ ତା ବାପା ଏକ ଇସ୍ତେହାର ଦେଇ ପ୍ରକାଶ କଲା ଯେ ସେ ଅବୈଧ ସନ୍ତାନ ଅଟେ । ବସ୍ତୁତଃ ଏହିପରି ସେ ତା କୌମ୍‌ରେ ଅବୈଧ ସନ୍ତାନ ରୂପେ ପ୍ରମାଣିତ ହେଲା । ସେ ଦାବି କରିଥିଲା ଯେ ସେ ରୋଗୀମାନଙ୍କୁ ଐଶି ଚମତ୍କାର ଜରିଆରେ ଠିକ୍ କରିଦେଉଛି । ଏହି ସବୁ ପ୍ରଗଲ୍ଭ ବାକ୍ ଚାତୁରୀ ସବୁ ମିଥ୍ୟା ପ୍ରମାଣିତ ହେଲା । ଏହିପରି ସବୁ ପ୍ରକାରର ଅପମାନ ତା' ଭାଗ୍ୟରେ ପଡ଼ିଲା । ପରିଶେଷରେ ତାକୁ ପକ୍ଷାଘାତ ହେଲା ଫଳତଃ ଗୋଟିଏ ଖଟିଆ ସଦୃଶ ତାକୁ କିଛି ଲୋକ ଉଠାଇ ଯାଅ ଆସ କରାଉଥିଲେ । ପୁଣି ବହୁତ ଦୁଃଖ ଓ ସନ୍ତାପ ଯୋଗୁଁ ସେ ପାଗଳ ହୋଇଗଲା ତେଣୁ ହିତାହିତ ଜ୍ଞାନ ରହିଲା ନାହିଁ । ଏବଂ ତା'ର ଏ ଦାବି ଥିଲା ଯେ ମୋର ବୟସ ଏବେ ବହୁତ ଅଛି ଓ ମୁଁ ଦିନକୁ ଦିନ ଯୁବକ ହୋଇଯାଉଛି ଯେବେ କି ଲୋକମାନେ ବୁଢ଼ା ହୋଇଯାଉଛନ୍ତି, ଏହା କେବଳ ମିଥ୍ୟା ପ୍ରମାଣିତ ହେଲା । ପରିଶେଷରେ ମାର୍ଚ୍ଚ ୧୯୦୭ ମସିହାର ପ୍ରଥମ ସପ୍ତାହରେ ହିଁ ସେ ବହୁତ ସନ୍ତାପ କରି ଦୁଃଖ ଓ କଷ୍ଟ ସହି ମରିଗଲା ।

ଏବେ ଏଠାରେ ପ୍ରକାଶ୍ୟ ଯୋଗ୍ୟ କି ଆ' ଠାରୁ ଅଧିକା ଆଉ କଣ ଚମତ୍କାର ହେବ । ଯେହେତୁ ମୋର ଅସଲ କାମ ହେଉଛି କସ୍‌ରେ ସଲିବ୍ (ଅର୍ଥାତ କୃଶଭଙ୍ଗ କରିବା) । ତେଣୁ ତା'ର ମୃତ୍ୟୁପରେ କୃଶର ଏକ ବଡ଼ ଅଂଶ ଭାଙ୍ଗିଗଲା କାରଣ ସେ ଦୁନିଆରେ ପ୍ରଥମ ଶ୍ରେଣୀର କୃଶ ସମର୍ଥନକାରୀ ଥିଲା ଯିଏ ପୈଗମ୍ବର ହେବାର ଦାବି କରୁଥିଲା ଓ ଏକଥା କହୁଥିଲା ଯେ ମୋ ପ୍ରାର୍ଥନାରେ ସମସ୍ତ ମୁସଲମାନ ଧ୍ୱଂସ ହୋଇଯିବ । ସୁତରାଂ ଖୁଦାତାଲା ମୋ ହାତରେ ତାକୁ ନିଶେଷ କଲେ । ମୁଁ ଜାଣିଛି ଯେ ତା'ର ମୃତ୍ୟୁ ଦ୍ୱାରା କତଲ୍ ଖିନ୍‌ଜିର୍ (ଅର୍ଥାତ ଘୁଷୁରୀ ବଧ କରାଯିବା)ର ପେଶ୍‌ଗୋଇ ବହୁତ ସ୍ୱଷ୍ଟଭାବେ ପୂରଣ ହେଲା । କାରଣ ଏପରି ବ୍ୟକ୍ତିଠାରୁ ଅଧିକା ଭୟଙ୍କର କିଏ ହୋଇପାରେ ଯିଏ ମିଛରେ ପୈଗମ୍ବର ଦାବି କଲା ଓ ଘୁଷୁରୀ ସଦୃଶ ମିଥ୍ୟାର ଅସନା ଖାଇଲା । ଯେମିତି ସେ ନିଜେ ଲେଖୁଛି ଯେ ତା ସହିତ ଏପରି ଏକ ଲକ୍ଷ ଲୋକ ମିଶିଯାଇଥିଲେ ଯେଉଁମାନେ ବହୁତ ଧନୀଶାଳୀ ଥିଲେ । ଯେବେ କି ସତ୍ୟ ହେଉଛି ଏହା କି **ମୁସେଲିମା କଜ୍ଜାବ୍** ଏବଂ **ଅସ୍‌ୱଦ୍ ଅନ୍‌ସି** ତା ମୁକାବିଲାରେ କିଛି ନଥିଲେ । ନା ତା ସେମାନଙ୍କର ପ୍ରଶିଦ୍ଧି ଏପରି ଥିଲା ଏବଂ ନା ତା ପରି କୋଟି କୋଟି ଟଙ୍କାର ମାଲିକ ସେମାନେ ଥିଲେ । ସୁତରାଂ ମୁଁ ରାଣଖାଇ କହିପାରେ ଯେ ସେ ସେହି ଘୁଷୁରୀ ଥିଲା ଯାହାକୁ ମଉଦ୍‌ଙ୍କ ହାତରେ ସେ ମରିବ । ଯଦି ମୁଁ ତାକୁ ମୁବାହିଲା ପାଇଁ ଡ଼ାକିନଥାନ୍ତି ଏବଂ ମୁଁ ତା ପାଇଁ ବଦ୍‌ଦୁଆ (ଶ୍ରାପ) ନ କରିଥାନ୍ତି ଓ ତା ବିନାଶ ହେବାର ପେଶ୍‌ଗୋଇ ପ୍ରକାଶ ନ କରିଥାନ୍ତି ତେବେ ତା'ର ମୃତ୍ୟୁ ଇସ୍‌ଲାମ୍‌ର ସତ୍ୟତା ପାଇଁ କୌଣସି ଦଲିଲ୍ ହୋଇନଥାନ୍ତା କିନ୍ତୁ ଯେହେତୁ ମୁଁ ଶହ ଶହ ଖବରକାଗଜରେ ପୂର୍ବରୁ ପ୍ରକାଶ କରିସାରିଥିଲି ଯେ ସେ ମୋ ଜୀବନକାଳ ମଧ୍ୟରେ ହିଁ ଶେଷ ହେବ ଓ ମୁଁ ହେଉଛି ମସିହ ମଉଦ ଓ ଡୁଇ ହେଉଛି କଜ୍ଜାବ୍ (ମିଥ୍ୟାବାଦି) ଏବଂ ବାରମ୍ବାର ଲେଖିଲି ଯେ ଏହା ମୋ ସପକ୍ଷରେ ଦଲିଲ ହେବ ଓ ସେ ମୋ ଜୀବନ କାଳ ଭିତରେ ବହୁତ ଅପମାନିତ ହୋଇ ସନ୍ତାପ କରି ନିଶେଷ ହେବ । ସୁତରାଂ ସେ ମୋ ଜୀବନରେ ହିଁ ନିଶେଷ ହୋଇଗଲା । ଆ'ଠାରୁ ବଳି ଖୋଲାଖୋଲି ଚମତ୍କାର, ଯାହା ନବି ସ:ଆ:ସଙ୍କ ପେଶ୍‌ଗୋଇ (ଭବିଷ୍ୟବାଣୀ)କୁ ସତ୍ୟପ୍ରମାଣିତ କରୁଥିବ ଆଉ କଣ ହୋଇପାରେ ? ଏବେ ସେହିବ୍ୟକ୍ତି ଏ କଥାକୁ ଅସ୍ୱୀକାର କରିବ ଯିଏ ସତ୍ୟର ଶତୃ ହୋଇଥିବ ।

**ୱସ୍ ସଲାମ୍ ଆଲା ମନିତ୍ ତବଇଲ୍ ହୁଦା**

**************

*ପୃଷ୍ଠା- ୧୮ ର ଅବଶିଷ୍ଟାଂଶ ......*

ଇସଲାମର ବାସ୍ତବ ଶିକ୍ଷା ଓ ଆଦର୍ଶ ନୀତିକୁ ନେଇ ସମୃଦ୍ଧି ଲାଭ କରିଛି । ଏହାକୁ ଅଧ୍ୟୟନ କଲେ ଧର୍ମର ଯଥାର୍ଥ ଭାବ ପ୍ରତ୍ୟେକ ସତ୍ୟାଭିଳାଷୀଙ୍କ ଉପରେ ପ୍ରକଟିତ ହେବ ।

୩. ଆମର ବିରୁଦ୍ଧାଚରଣ କରୁଥିବା ଇହୁଦୀ, ଖ୍ରୀଷ୍ଟିୟାନ, ଆର୍ଯ୍ୟ ସମାଜୀ, ବ୍ରହ୍ମ ସମାଜୀ, ମୂର୍ତ୍ତି ପୂଜକ, ନାସ୍ତିକବାଦୀ, ମୁକ୍ତ ଭାବବାଦୀ, ଅଗ୍ନି ଉପାସକ, ପ୍ରକୃତି ଉପାସକ ତଥା ଅଣଧର୍ମୀ ଇତ୍ୟାଦି ସମସ୍ତଙ୍କ ମନରେ ଉପୁଜିଥିବା ସନ୍ଦେହର ଯଥାଯଥ ଉତର ଏଥିରେ ରହିଛି ଏବଂ ସେମାନଙ୍କର ଯାବତୀୟ ଶଙ୍କା ଦୂର କରାଯାଇଛି ।

୪. ଏହାର ଚତୁର୍ଥ ଲାଭ ହେଉଛି ଇସଲାମର ମୁକାବିଲା କ୍ଷେତ୍ରରେ ପ୍ରତିପକ୍ଷମାନଙ୍କ ନୀତି ଉପରେ ମଧ ଅତି ଉଚ୍ଚ କୋଟିର ଗବେଷଣା ଓ ବିସ୍ତୃତ ଅନୁଶୀଳନ କରିବା ସହିତ ସଠିକ ଉପାୟରେ ଏବଂ ସୂକ୍ଷ୍ମ ବିଚାରଧାରାରେ ବିତର୍କ କରାଯାଇଛି ।

୫. ଏହି ପୁସ୍ତକ ଅଧ୍ୟୟନ କରିବାର ପଂଚମ ଲାଭ ହେଉଛି ଯେ ଐଶ୍ୱରିକ ଜ୍ଞାନ ଓ ଈଶ୍ୱରଙ୍କ ଦିବ୍ୟବାଣୀ ସମ୍ବନ୍ଧରେ ଜାଣି ହେବ । ଈଶ୍ୱରଙ୍କୁ ଚିହ୍ନିବାର ଉପାୟ ଓ ଆଧ୍ୟାତ୍ମିକ ତତ୍ତ୍ୱକୁ ସହଜରେ ବୁଝିହେବ । ଏହି ପବିତ୍ର ଗ୍ରନ୍ଥ ଇସଲାମର ଜ୍ୟୋତିକୁ ପାଠକଙ୍କ ନିକଟରେ ପହଂଚାଇବ, ଯାହା ଅତ୍ୟନ୍ତ ମର୍ମସ୍ପର୍ଶୀ ।

୬. ଏହି ପୁସ୍ତକର ଷଷ୍ଠ ହିତକର ବିଷୟ ହେଉଛି ଯେ କୌଣସି ଆଲୋଚ୍ୟ ବିଷୟକୁ ଅତ୍ୟନ୍ତ ବିବେକାନୁମୋଦିତ ପନ୍ଥା ଦ୍ୱାରା ପ୍ରାମାଣିକ ତଥ୍ୟଗୁଡିକୁ ବିଚାରକୁ ନେଇ ଉପସ୍ଥାନ କରାଯାଇଛି । ଯାହା ଅତି ସରଳ ଉପାୟରେ ଓ ଉତ୍କର୍ଷ ଚିନ୍ତାଧାରାରେ ପ୍ରାସଙ୍ଗୀକତାକୁ ଆଧାର କରି ବର୍ଣ୍ଣନା କରାଯାଇଛି ।

**'ଲ ୟୁଜ୍‌ହିରହୁ ଅଲଦ୍‌ଦୀନେ କୁଲ୍ଲେହୀ'ର ଭବିଷ୍ୟତ ବାଣୀ ତାତ୍ତ୍ୱିକଭାବ ଦ୍ୱାରା ପୂରଣ ହୋଇଯାଇଛି**

ଯେହେତୁ ଐଶ୍ୱର୍ଯ୍ୟମୟ ଈଶ୍ୱର ଆପଣା ବିଶେଷ ମହିମାରେ ଏହି ବିନୀତକୁ ବିଭୁଷିତ କରିଛନ୍ତି ଏବଂ ଏପରି ଯୁଗରେ ଏହି ଅଧମକୁ ଜନ୍ମ ଦେଇଛନ୍ତି, ଯେ କି ପ୍ରଚାର ସେବା କ୍ଷେତ୍ରରେ ପରିପୂର୍ଣ୍ଣତା ଆଣିଦେବା ସକାଶେ ସେ ମୋର ଅତ୍ୟନ୍ତ ସହାୟକ ଓ ସହଯୋଗ ପ୍ରଦାନକାରୀ ହୋଇଛନ୍ତି । ସେଥିପାଇଁ ସେ ନିଜ ଅନୁଗ୍ରହ ବଳରେ ଏହି ସୁସମାଚାର ମଧ ଦେଇଛନ୍ତି ଯେ ଆବାହମାନ କାଳରୁ ଉପରୋକ୍ତ କୁରଆନ ବାଣୀ (ଅର୍ଥାତ'ଲ ୟୁଜ୍‌ହିରହୁ ଅଲଦ୍‌ଦୀନେ କୁଲ୍ଲେହୀ' - ଅନୁବାଦକ) ଏବଂ ଅନ୍ୟ ଏକ ଆୟତ **'ୱଲ୍ଲାହୁ ମୁତିମ୍ମୁ ନୁରେହୀ'** ଆଧ୍ୟାତ୍ମିକ ରୂପେ ମୋ ପାଇଁ ପ୍ରଯୁଜ୍ୟ ହୋଇଛି । ଏହି ବିନିତ ବିରୁଦ୍ଧାଚରଣ ବ୍ୟକ୍ତିଙ୍କ ପାଇଁ ଲେଖିଥିବା ସେହି ସବୁ ବିଷୟ ତଥା ସେହି ତାତ୍ତ୍ୱିକ ପ୍ରମାଣଗୁଡିକୁ ଈଶ୍ୱର ସ୍ୱୟଂ ସେମାନଙ୍କ ନିକଟକୁ ପହଂଚାଇ ଦେବେ । ସେମାନେ ନିର୍ବାକ, ନିରୁତର ହେବା ଓ ପରାଜୟ ବରଣ କରିବା କଥାକୁ ଈଶ୍ୱର ପୃଥିବୀରେ ପ୍ରକଟିତ କରି ଉପର ପଙ୍କ୍ତିର ଭବିଷ୍ୟତ ବାଣୀକୁ ଅବଶ୍ୟ ପୂରଣ କରିଦେବେ ।

(ପୃଷ୍ଠା ୫୯୭, ପାଦଟୀକା ୩)

ପାଠକେ ! ହଜରତ ମସିହ ମଉଦଅସ କହିଥିଲେ ଯେ ଆଧ୍ୟାତ୍ମିକ ନିଗୁଢ ତତ୍ତ୍ୱର ଉତର କୟାମତ ପର୍ଯ୍ୟନ୍ତ ଦିଆଯାଇ ପାରିବ ନାହିଁ । ତେବେ ଆଜିକୁ ଏକଶହ ଚାଳିଶ ବର୍ଷ ବିତିଗଲାଣି, ମାତ୍ର କେହି ହେଲେ ଏହାର ଉତର ଦେଲେ ନାହିଁ । କାରଣ ଏହି ଦାୟୀତ୍ୱର ବୋଝରୁ ମୁକ୍ତ ହେବା କୟାମତ ପର୍ଯ୍ୟନ୍ତ କାହାରି ଭାଗ୍ୟରେ ଜୁଟି ପାରିବ ନାହିଁ ।

**ଆଲେଖ୍ୟ - ମନ୍‌ସୁର ଅହମଦ ମସରୁର, ସମ୍ପାଦକ ବଦର କାଦିୟାନ**
**ଅନୁବାଦକ - ଇଂ. ରୌଶନ ଖାନ, ସମ୍ବଲପୁର**

● ● ● ● ● ● ● ● ● ● ● ●

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

## ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah,*
*Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

**ତାଲିବେ ଦୁଆ:** *Majlis Lajna Imaillah,*
*Jamat Ahmadiyya, Pankal (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family,*
*Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahmadiyya, Kerang (Odisha)*

## ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family,*
*Jamat Ahmadiyya, Pankal (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Sharafat Khan & Family,*
*Jamat Ahmadiyya, Pankal (Odisha)*

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

**"ସ୍ୱାମୀ ଦୟାନନ୍ଦଜୀଙ୍କ ଅନୁଗାମୀ ସମେତ ଯେଉଁ ବ୍ୟକ୍ତି ଏହା ପ୍ରମାଣିତ କରିଦେବ ଯେ ଆତ୍ମାସବୁ ଅନ୍ତହୀନ ଓ ପରମେଶ୍ୱରଙ୍କୁ ତାଙ୍କ ସଂଖ୍ୟା ଜଣାନାହିଁ, ତେବେ ମୁଁ ତାକୁ ୫୦୦ଟଙ୍କା ପୁରସ୍କାର ଦେବି ।"**

ତେବେ ଏହା ଧର୍ମଜଗତରେ ଆର୍ଯ୍ୟ ସମାଜ ବିରୁଦ୍ଧରେ ପ୍ରଥମ ଥର ପାଇଁ ଅର୍ଥ ପୁରସ୍କାର ଭିତିକ ଏକ ଚାଲେଞ୍ଜ ଥିଲା, ଯାହାର ସେ ସଗର୍ବେ ଘୋଷଣା କଲେ । ଏହା ସେହି ସଂଗଠନ ମଧ୍ୟରେ ଚହଳ ପକାଇଦେଲା । ସୁତରାଂ ଲାହୋର ଆର୍ଯ୍ୟସମାଜର ସେକ୍ରେଟାରୀ ଲାଲା ଜୀବନ ଦାସ ସ୍ୱାମୀ ଦୟାନନ୍ଦଜୀଙ୍କ ସାଧାରଣ ନେତୃତ୍ୱର ଅଗୋଚରରେ ବିଦ୍ରୋହ ସୃଷ୍ଟିକରି ଅତ୍ୟନ୍ତ ନିର୍ବିକାର ଭାବେ ଏପରି ଘୋଷଣା କରି ପିଛା ଛଡାଇଲେ ଯେ ଏ ବିଷୟ ଆମ ଆର୍ଯ୍ୟସମାଜର ନୀତି ବିରୁଦ୍ଧ ଯଦି କେହି ଆର୍ଯ୍ୟ ସମାଜୀ ବ୍ୟକ୍ତି ଏହା ଦାବୀ କରୁଛି ତେବେ ତାକୁ ବ୍ୟକ୍ତିଗତ ଭାବେ ପ୍ରଶ୍ନ କରାଯିବା ଉଚିତ ଓ ତାକୁହିଁ ଏହାର ଉତର ଦେବାକୁ ପଡିବ ।

(ତାରିଖେ ଅହମଦିୟତ, ପ୍ରଥମ ଭାଗ, ପୃ ୧୫୩)

୧୮୮୦ ଠାରୁ ୧୮୮୪ ପର୍ଯ୍ୟନ୍ତ 'ବ୍ରାହିନେ ଅହମଦିୟା' ପୁସ୍ତକ ଚାରିଖଣ୍ଡ ପ୍ରକାଶିତ ହୋଇଥିଲା । ଏହା ହଜରତ ଅହମଦଙ୍କ ସର୍ବପ୍ରଥମ ଗ୍ରନ୍ଥାବଳୀ, ଯାହା ସେହି କାଳଜୟୀ ସାଧକଙ୍କର ଅତ୍ୟନ୍ତ ଉଚ୍ଚକୋଟିର ରଚନା ଥିଲା । ଏହା ସେହି ସମୟ ଯେତେବେଳେ କି ଖ୍ରୀଷ୍ଟ ସମ୍ପ୍ରଦାୟ, ଆର୍ଯ୍ୟସମାଜ ଓ ବ୍ରହ୍ମସମାଜ ଇତ୍ୟାଦି ଇସଲାମ ବିରୁଦ୍ଧରେ ମିଳିତ ଆକ୍ରମଣ ଚଳାଇଥିଲେ ସେମାନଙ୍କ ସଂଘବଦ୍ଧ ପ୍ରହାରକୁ ସହ୍ୟ କରି କରି ଇସଲାମ ଅତି ଦୁର୍ବଳ ଓ ଜରାଜୀର୍ଣ୍ଣ ହୋଇପଡିଥିଲା । ଯେତେବେଳେ ବରାହିନେ ଅହମଦିୟା ନାମକ ଇସଲାମର ଗଭୀର ଅନୁଶୀଳନ ଗ୍ରନ୍ଥ ଆତ୍ମ ପ୍ରକାଶ କରି ଲୋକଲୋଚନକୁ ଆସିଲା, ସେତେବେଳେ ମୁସଲମାନମାନେ ଏକ ନୂଆ ଜୀବନ ପାଇଲେ । ହଜରତ ଅହମଦ ଏହି ପୁସ୍ତକକୁ ଅନ୍ୟ ଧର୍ମର ମୁକାବିଲାରେ ଇସଲାମର ସତ୍ୟତାକୁ ପ୍ରମାଣ ସିଦ୍ଧ କରିବାପାଇଁ ରଚନା କଲେ । ଏଥିରେ ତିନିଶହ ବଳିଷ୍ଠ ଓ ଯୁକ୍ତିଯୁକ୍ତ ପ୍ରମାଣମାନ ସନ୍ନିବେଶିତ ହୋଇଛି । ସେ ଲୋକମାନଙ୍କୁ ଆହ୍ୱାନ ଜଣାଇ ଘୋଷଣା କଲେ ଯେ ଯଦି ଏହିସବୁ ପ୍ରମାଣଗୁଡିକୁ ଖଣ୍ଡନକରି କେହି ଦେଖାଇ ଦେବ, ତାହା ଅର୍ଦ୍ଧସଂଖ୍ୟକ ହୋଇଥାଉ ଅବା ଏକ ପଂଚମାଂଶ ହୋଇଥାଉ ନା କାହିଁକି ଯଦି ଅସିଦ୍ଧ କରିଦେବ, ତେବେ ସେହି ବ୍ୟକ୍ତିକୁ ଦଶ ହଜାର ଟଙ୍କାର ପୁରସ୍କାର ଦିଆଯିବ ।

ଏହି ଗ୍ରନ୍ଥ ରଚନା ଫଳରେ ମୁସଲିମ ଜଗତ ଖୁସିରେ ପାଗଳ ହୋଇଗଲା ଏବଂ ସେମାନେ ନିଜକୁ ଧନ୍ୟ ମନେକଲେ ଯେ ଯାହା ହେଉ ଇସଲାମର ସୁରକ୍ଷାକାରୀ ଜଣେ ମହାନ ଯୋଦ୍ଧା ପୃଥିବୀରେ ଜନ୍ମଗ୍ରହଣ କରିଛି । ପ୍ରକୃତରେ ଅହମଦ ଇସଲାମର କେବଳ ପ୍ରତିରକ୍ଷା ପାଇଁ ଛିଡା ହେଲେ ନାହିଁ ବରଂ ଏହାର ସତ୍ୟତାର ଏପରି ଅକାଟ୍ୟ ଯୁକ୍ତି ବାଢିଲେ ଯେ ବିରୋଧିମାନଙ୍କ ବନ୍ଦ ହୋଇଗଲା । ସେମାନେ ଏହାର ପ୍ରତିବାଦ କରିବାର ଶକ୍ତି ହରାଇ ବସିଲେ । ପ୍ରତ୍ୟେକ ହିତାହିତ ଜ୍ଞାନ ଥିବା ବ୍ୟକ୍ତି ଓ ପରିବାର ଏହି ତାତ୍ୱିକ ଜ୍ଞାନ ଭିତିକ ଗ୍ରନ୍ଥକୁ ଅଧ୍ୟୟନ କରିବା ଜରୁରୀ ମନେକଲେ । ବିଦ୍ୱାନମାନେ ଏହା ଉପରେ ଉଚ୍ଚ ସମୀକ୍ଷା କରି ନିଜର ମନ୍ତବ୍ୟ ପ୍ରକାଶ କଲେ । ମୌଲବୀ ମୁହମ୍ମଦ ହୁସେନ ବଟାଲୁଇ ଲେଖିଲେ ଯେ ବିଗତ ଚଉଦଶହ ବର୍ଷ ମଧ୍ୟରେ ଏପରି ରଚନାର ଦୃଷ୍ଟାନ୍ତ ଦେଖିବାକୁ ମିଳିନାହିଁ । ଯଦି ଏହିପ୍ରକାର ରଚନା ଅନ୍ୟ କାହାର ଥିବ ତାହେଲେ ଆମକୁ ଆସି ବତାନ୍ତୁ, ଯାହା ମଧ୍ୟରେ ଅନ୍ୟ ଧର୍ମ ସହିତ ଦୃଢ ମୁକାବିଲା କରିବାର ଏପରି ଜୋରସୋର ଉଦ୍ୟମ ହୋଇଥିବ । ଲୁଧିଆନା ନିବାସୀ ସୁଫି ଅହମଦ ଯାନ ସାହେବ ଏହି ଗ୍ରନ୍ଥକୁ ବ୍ୟାଖ୍ୟା କରି ଅତି ଉଚ୍ଚକୋଟିର ମନ୍ତବ୍ୟ ରଖିଲେ । ସେ ଏହାର ପ୍ରଶଂସାରେ ଶତମୁଖ ହୋଇ ନିଜର ଏକ କବିତାରେ ଏହିପରି ଲେଖିଥିଲେ :

**'ହମ୍ ମରିଜୋଁ କୀ ହୈ ତୁମ୍ହି ପର ନଜର -**
**ତୁମ ମସିହା ବନୋ ଖୁଦାକେ ଲିୟେ ।'**

"ଆମେ ବ୍ୟାଧିଗ୍ରସ୍ତ ତୁମଠାରେ ଆମ ନଜର ଯାଇଛି ଲାଖି,
ତୁମେ ହୁଅ ବାରେ ଆମରି ମସିହା ଈଶ୍ୱରଙ୍କୁ ସାକ୍ଷୀ ରଖି ।"

ବରାହିନେ ଅହମଦିୟା ପୁସ୍ତକର ଗୁଣଗାରିମା, ଏହାର ବୈଶିଷ୍ଟ୍ୟ ତଥା ଏହାର ଉତର ଦେବା ସକାଶେ ଦଶ ହଜାର ଟଙ୍କାର ପୁରସ୍କାର ମୂଳକ ଚାଲେଞ୍ଜ ସମ୍ବନ୍ଧରେ ହଜରତ ମସିହ ମଉଦଅସଙ୍କର କେତେକ ଉକ୍ତି ଏଠାରେ ଉଲ୍ଲେଖଯୋଗ୍ୟ ।

**ଦଶହଜାର ଅର୍ଥ ପୁରସ୍କାରର ଚାଲେଞ୍ଜ**

ସେ କହିଛନ୍ତି : "ପରମେଶ୍ୱର ଏହି ଅକିଂଚନ ଭକ୍ତକୁ ଚଳିତ ଯୁଗରେ ଆବିର୍ଭୁତ କରାଇ ଓ ସହସ୍ର ଆକାଶୀୟ ଚିହ୍ନ ଦେଖାଇବା, ମୋ ପ୍ରତି ଅଦୃଶ୍ୟ ରହସ୍ୟ ଉନ୍ମୋଚିତ କରିବା ଏବଂ ସତ୍ୟ ଓ ତତ୍ୱଜ୍ଞାନ ପ୍ରଦାନ କରିବା ତଥା ଶତାଧିକ ବୌଦ୍ଧିକ ପ୍ରମାଣ ଯୋଗାଇ ଏହା ମନସ୍ତ କରିଛନ୍ତି, ଯଦ୍ୱାରା ପବିତ୍ର କୁରଆନର ଯଥାର୍ଥ ଶିକ୍ଷା ଗୁଡିକୁ ପ୍ରତ୍ୟେକ ଜାତି ଓ ପ୍ରତ୍ୟେକ ଦେଶରେ ପ୍ରସାରିତ ଓ ପ୍ରଚଳିତ କରିଦେବେ । ନିଜର ଉଦ୍ଦେଶ୍ୟକୁ ସେମାନଙ୍କ ଉପରେ ସମ୍ପୂର୍ଣ୍ଣ କାର୍ଯ୍ୟକରୀ କରିବେ । ଏହି ସଂକଳ୍ପ ଯୋଗୁଁ ଈଶ୍ୱର ଏହି ଅଧମକୁ ଏହି ବାଣୀ ଚରିତାର୍ଥ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରିଛନ୍ତି ଯେ **'ଇତମନ୍ ଲିଲ୍ ହୁଜ୍ଜତ୍'** । ପୁନଶ୍ଚ ଦଶହଜାର ଟଙ୍କାର ବିଜ୍ଞାପନ ସେହି ପୁସ୍ତକ ମଧ୍ୟରେ ସାମିଲ କରାଯାଇଛି । ଶତ୍ରୁ ଓ ବିରୁଦ୍ଧାଚରଣ ବ୍ୟକ୍ତିମାନଙ୍କୁ ସାକ୍ଷ୍ୟ ରଖାଯାଇ ଆକାଶୀୟ ନିଦର୍ଶନ ଦିଆଯାଇଛି । ସେମାଙ୍କର ଦୃଢ ପ୍ରତିବାଦ ଓ ମୁକାବିଲା କରିବାପାଇଁ ବିରୋଧିମାନଙ୍କୁ ଏହିପରି ସମ୍ବୋଧିତ କରାଗଲା ଯଦ୍ୱାରା ସମସ୍ତ ସତ୍ୟାସତ୍ୟକୁ ଖୋଲିଦେବା ଫଳରେ କୌଣସି ପ୍ରକାରର ତର୍କ ଯେପରି ବାକି ରହିବ ନାହିଁ ।"

(ବ୍ରାହିନେ ଅହମଦିୟା, ରୁହାନି ଖଜାୟିନ, ପ୍ରଥମ ଖଣ୍ଡ, ପୃଷ୍ଠା ୫୯୬)

**ଏହି ପୁସ୍ତକ ଅମାନ୍ୟକାରୀଙ୍କ ଜୀବନରେ କଟୁତାପୂର୍ଣ୍ଣ ବିଷାକ୍ତ ଭରି ଦେଇଛି**

ଏହି ପୁସ୍ତକର ଏହା ମଧ୍ୟ ବୈଶିଷ୍ଟ୍ୟ ରହିଛି, ଯାହା ନିନ୍ଦାକାରୀଙ୍କ ଅଯଥା ବାହାନାକୁ କାଢି ଫିଙ୍ଗି ଦେବା । ଏବଂ ସତ୍ୟାସତ୍ୟକୁ ସେମାନଙ୍କ ନିକଟରେ ସମ୍ପୂର୍ଣ୍ଣ ରୂପେ ପ୍ରତିପାଦନ କରିବାପାଇଁ ସୁବନ୍ଦୋବସ୍ତ କରିଛି । ବ୍ୟାପକ ରୂପେ ଇସ୍ତହାର ଛପାଇ ସେଥିରେ ଦଶହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରିବାକୁ ଏଥିପାଇଁ ଅନ୍ତର୍ଭୁକ୍ତ କରାଯାଇଛି ଯାହା ଫଳରେ ଅମାନ୍ୟକାରୀଙ୍କ କୌଣସି ମିଥ୍ୟା ବାହାନା ଓ ଅଯଥା ଆଳ ଚଳିବ ନାହିଁ । ଏହି ବିଜ୍ଞାପନ ବିରୋଧିମାନଙ୍କ ଉପରେ ଏପରି ଏକ ବଡ ବୋଝ ହୋଇ ରହିଗଲା ଯହିଁରୁ ନିସ୍ତାର ପାଇବା କୟାମତ ପର୍ଯ୍ୟନ୍ତ ଏକ କାଳ ହୋଇଯିବ । ଏହା ସେମାନଙ୍କ ଜୀବନରେ ଏପରି ତିକ୍ତତା ଆଣି ଦେବ ଯାହାକି ତାଙ୍କ ମନ ଜାଣିବ । ତେବେ ଏହି ପୁସ୍ତକ ସତ୍ୟାଭିଳାଷୀ ମାନଙ୍କ ପାଇଁ ବହୁତ କଲ୍ୟାଣକର ସାବ୍ୟସ୍ତ ହେବ, ଯାହା ଦ୍ୱାରା ଇସଲାମ ସୂର୍ଯ୍ୟସମ ଅତି ସ୍ୱଷ୍ଟ ଓ ଉଜ୍ଜ୍ୱଳମୟ ହୋଇ ଉଠିବ । (ପୃ:୯)

**ଇସଲାମ, ଏହାର ସଂସ୍ଥାପକ ଏବଂ କୁରଆନର ସତ୍ୟତା ପ୍ରକାଶିତ ହୋଇଗଲା**

ଏହି ପୁସ୍ତକ ରଚନା କରିବାର ଉଦ୍ଦେଶ୍ୟ ଇସଲାମ ଧର୍ମର ସତ୍ୟତାର ପ୍ରମାଣ ଓ କୁରଆନର ଗୁଢ ଅର୍ଥର ବାସ୍ତବିକତା ଏବଂ ମୁହମ୍ମଦସଅଙ୍କ ଅବତରୀୟ ଲୀଳାର କାରଣ ଇତ୍ୟାଦି ସମ୍ପୂର୍ଣ୍ଣ ରୂପେ ଲୋକମାନଙ୍କ ଉପରେ ତର୍କସିଦ୍ଧ ହୋଇ ପ୍ରକାଶ କରାଯାଇ ପାରିବ । ସେହିପରି ଯେଉଁମାନେ ଏହି ଆଦର୍ଶ ଧର୍ମ ଓ ପବିତ୍ର ଗ୍ରନ୍ଥର ଅବଜ୍ଞା କରୁଛନ୍ତି ତଥା ସେହି ଯଶସ୍ୱୀ ନବୀଙ୍କର ଅବମାନନା କରୁଛନ୍ତି ସେମାନଙ୍କୁ ଏପରି ସୂକ୍ଷ୍ମ ଉପାୟରେ ନିରାଧାର ଅଭିଯୋଗରୁ ମୁକ୍ତ ଓ ଉତରହୀନ କରାଯିବ, ଯାହା ଫଳରେ ସେମାନେ ଇସଲାମ ବିରୁଦ୍ଧରେ କୌଣସି ତର୍କ କରିବାକୁ ସାହାସ କରିବା ନାହିଁ । (ପୃ: ୨୩)

**ଭ୍ରାନ୍ତ ସିଦ୍ଧାନ୍ତ ମୂଳକ ଧର୍ମର ଗଳା ଛେଦନ କରାଗଲା ଯାହା କେବେ ଜୀବନ୍ୟାସ ପାଇବେ ନାହିଁ**

ତିନିଶହ ବଳିଷ୍ଠ ପ୍ରମାଣଯୁକ୍ତ ପୁସ୍ତକ - 'ବ୍ରାହିନେ ଅହମଦିୟା' ଦ୍ୱାରା ଇସଲାମର ବାସ୍ତବତା ସାବ୍ୟସ୍ତ କରାଯାଇଛି । ପ୍ରତ୍ୟେକ ଭ୍ରାନ୍ତ ବିଚାରଧାରା ସଂପନ୍ନ ବିରୋଧିଙ୍କର ଏପରି କଂଠରୁଦ୍ଧ କରାଗଲା ଯେପରି ତା'ର ଗଳା କାଟି ଦିଆଯାଇଛି । ପୁନର୍ବାର ସେ ଜୀବିତ ହେବ ନାହିଁ । (ପୃ ୧୩୪)

**ଏହାର ଉତର କୟାମତ ପର୍ଯ୍ୟନ୍ତ ଦିଆଯାଇ ପାରିବ ନାହିଁ**

ଏହି ପୁସ୍ତକ ସତ୍ୟାଭିଳାଷୀମାନଙ୍କ ପାଇଁ ଏକ ସୁସମାଚାର ଏବଂ ଇସଲାମ ଧର୍ମର ଅବଜ୍ଞାକାରୀମାନଙ୍କ ପ୍ରତି ଐଶି ସତ୍ୟାସତ୍ୟକୁ ସମ୍ପୂର୍ଣ୍ଣ ତର୍କସିଦ୍ଧ କରି ନିଜ ଉଦ୍ଦେଶ୍ୟ ପୂରଣ କରିବାର ପ୍ରଚଣ୍ଡ ଇଚ୍ଛାକୁ ଦର୍ଶାଉଛି, ଯାହାର ଉତର ସେମାନଙ୍କୁ ଅନ୍ତିମ ବିଚାର ଦିବସ ପର୍ଯ୍ୟନ୍ତ ଦେବାର ଅବସର ମିଳିପାରିବ ନାହିଁ । ସେହି କରାଣରୁ ଏହା ସହିତ ଦଶହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରି ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଇଛି । ଯଦ୍ୱାରା ପ୍ରତ୍ୟେକ ଅବଜ୍ଞାକାରୀ ଓ ନିନ୍ଦୁକ ବ୍ୟକ୍ତି ଯେଉଁମାନେ ଇସଲାମର ବାସ୍ତବତାକୁ ଅବଜ୍ଞା କରିଥାନ୍ତି, ତାଙ୍କ ଉପରେ ସତ୍ୟାସତ୍ୟର ତର୍କସିଦ୍ଧ ପ୍ରମାଣ ସାବ୍ୟସ୍ତ ହେବ । ଯେପରି କି ସେମାନେ ନିଜର ମିଥ୍ୟା ଧାରଣା ଓ ଅସିଦ୍ଧ ମତବାଦ ଉପରେ ଆତ୍ମାବଡିମା ଦେଖାଇ ନିଜ ଜିଦରେ ଅଡି ବସିପାରିବେ ନାହିଁ କିମ୍ବା ବୃଥା ମୁହଁଟାଣ କରିପାରିବେ ନାହିଁ । (ପୃଷ୍ଠା ୮୩)

**ଏହି ପୁସ୍ତକ ଇସଲାମ ପାଇଁ ମହାନ ବିଜୟର ଟିକା**

ଧର୍ମ ପ୍ରତି ଅବଜ୍ଞା ହେତୁ ଯେଉଁ ବିଶୃଙ୍ଖଳା ଦେଖାଦେଇଛି, ତାହାର ସୁଧାର କରିବା ଧର୍ମଜ୍ଞାନର ପ୍ରସାର ଉପରେ ନିର୍ଭର କରେ । ତେଣୁ ଏହି ତାତ୍ପର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରିବା ସକାଶେ ମୁଁ ବ୍ରହିନେ ଅହମଦିୟା ପୁସ୍ତକ ରଚନା କରିଛି । ଏହି ପୁସ୍ତକରେ ଏପରି ଧୁମଧାମରେ ଇସଲାମର ସୂକ୍ଷ୍ମ ତତ୍ୱ ଭିତିକ ପ୍ରମାଣ ଦେଖାଇ ଦିଆଯାଇଛି, ଯାହା ଫଳରେ ସବୁଦିନ ପାଇଁ ଧର୍ମୀୟ ବିବାଦ ଓ ସଂଘର୍ଷର ଅବସାନ ଘଟିବ ଏବଂ ଇସଲାମ ମହାନ ବିଜୟର ଟିକା ବହନ କରିବ ।

**ସବୁ ସଜ୍ଜନମାନଙ୍କୁ ଆମେ ରାଣ ଦେଇ କହୁଛୁ ଯେ ଏହି ପୁସ୍ତକର ପ୍ରତିଦ୍ୱନ୍ଦୀତା ପାଇଁ ବାହାରନ୍ତୁ**

ଆମେ ଆପଣମାନଙ୍କୁ ପ୍ରଭୁଙ୍କ ଦ୍ୱାହି ଦେଇ ଆମନ୍ତ୍ରଣ କରୁଛୁ ଯେ ଆମ ସହିତ ମୁକାବିଲା କରିବାରେ ତିଳେହେଲେ ଅବହେଳା କରନ୍ତୁ ନାହିଁ । ତୁମେ ଅଫଲାତୁନ ହୋଇଯାଅ, ବିକନ୍‌ର ଅବତାର ଧାରଣ କର । ଅରଷ୍ଟୋଟଲର ଦୃଷ୍ଟିକୋଣ ଓ ମନୋବୃତିକୁ ଆପଣାଅ । ନିଜର କୃତିମ ଈଶ୍ୱରଙ୍କ ଆଗରେ ହାତଯୋଡି ସାହାଯ୍ୟ ଭିକ୍ଷା କର । ପୁଣି ଦେଖିନିଅ ଯେ ଆମ ଈଶ୍ୱର ବିଜୟ ପ୍ରାପ୍ତ କରୁଛନ୍ତି ନା ଆପଣମାନଙ୍କ ମିଥ୍ୟା ଈଶ୍ୱର । ଯେପର୍ଯ୍ୟନ୍ତ ଏହି ପୁସ୍ତକର ଜବାବ ଦେଇନାହଁ, ସେପର୍ଯ୍ୟନ୍ତ ଜନ ସାଧାରଣଙ୍କ ସମ୍ମୁଖରେ ଇସଲାମର ନିନ୍ଦା କରିବା ଅଥବା ହିନ୍ଦୁଙ୍କ ମନ୍ଦିରରେ ବସି ଏକାକୀ ବେଦକୁ ଈଶ୍ୱରକୃତ ଓ ସତବିଦ୍ୟା ବୋଲି କହିବା ଏବଂ ବାକି ସମସ୍ତ ଅବତାରମାନଙ୍କୁ କପଟାଚାରୀ ଓ ଭଣ୍ଡ ବୋଲି ବର୍ଣ୍ଣନା କରିବା ଅତି ଲଜ୍ୟାକର ଓ ଅପମାନଜନକ ବୋଲି ବୁଝିନିଅ । (ପୃଷ୍ଠା ୫୬)

**ମହା ତତ୍ୱଜ୍ଞାନର ଛଅଗୋଟି ମହାନ ଉପକାର**

୧ ଧର୍ମର ସାରତତ୍ୱରେ ପରିପୂର୍ଣ୍ଣ ଏହି ପୁସ୍ତକ ଲେଖିବା କୌଣସି ମୂଲ୍ୟହୀନ ବର୍ଣ୍ଣନା ନୁହେଁ, ବରଂ ସକଳ ପ୍ରକାର ସତ୍ୟତା ଯାହା ଉପରେ ଧର୍ମଜ୍ଞାନର ସବୁ ନୀତି ପ୍ରତିଫଳିତ, ସମସ୍ତ ବାସ୍ତବ ଓ ଗୁଢ ତତ୍ୱ ଯାହାର ସାମୁହିକ ନାମ ଇସଲାମ, ସେ ସମସ୍ତ ବିଷୟ ଏଥିରେ ଲିପିବିଦ୍ଧ ହୋଇଛି ।

୨. ଏହି ପୁସ୍ତକ ମଧ୍ୟରେ ତିନିଶହ ବଳିଷ୍ଠ ଓ ଅକାଟ୍ୟ ପ୍ରମାଣ ଦିଆଯାଇଛି, ଯାହା

*ଅବଶିଷ୍ଟାଂଶ ପୃଷ୍ଠା- ୧୭ ରେ ଦେଖନ୍ତୁ......*